
ଧରିତ୍ରୀ
DHARITRI
51 Years
ପୃଷ୍ଠା-୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Wednesday, November 12/2025 Page 16 | ₹ 7.00 | BALASORE
୫୧ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 346 | ମୂଲ୍ୟ₹୭/-

# ପୁଣ୍ୟ ସ୍ମୃତିରେ...



## ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

## ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

**୧୪.୦୬.୧୯୫୦ - ୦୨.୧୧.୨୦୨୫**

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ ।
ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର
ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

RUCHI FOODLINE Since 1976 | Celebrating 50 Years
50 Saal Aapke Sehat Ke Saath ...
FROZIT "Time Ki Bachat, Eat Fresh Fatafat"
FarrmB Family of Master Artisans
Ruchi Tea Dum Hardam
Ruchi Prativa Foundation Cuttack Estd. - 1976
RAYS Foundation

**ସଂକ୍ଷେପରେ**

## ଦିଲ୍ଲୀରେ ଲାଗିଲା ଜିଆର୍‌ଏପି-୩

### ଏକ୍ୟୁଆର୍ ୪୨୧ ଟପିଲା

ନୂଆଦିଲ୍ଲୀ,୧୧।୧୧

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ମଙ୍ଗଳବାର ଗମ୍ଭୀର ସ୍ତରକୁ ଖସିଯିବା ପରେ କେନ୍ଦ୍ର ସରକାର ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ କଟକଣା ଲଗାଇଛନ୍ତି। ସୋମବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୬୨ ଥିବାବେଳେ ମଙ୍ଗଳବାର ସକାଳେ ତାହା ୪୨୫ରେ ପହଞ୍ଚିଥିଲା ବୋଲି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ପକ୍ଷରୁ କୁହାଯାଇଛି। ପବନର ବେଗ ସ୍ଥିର ରହିବା ସହ ପ୍ରତିକୂଳ ପାଗ ଯୋଗୁ ବାୟୁରେ ଥିବା ପ୍ରଦୂଷଣକାରୀ କଣିକା ପ୍ରସାରିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସକାଳ ୭ଟାରେ ଦିଲ୍ଲୀର ମୋଟାମୋଟି ଏକ୍ୟୁଆଇ ୪୨୧ ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ସହରର ଅଧିକାଂଶ ଅଞ୍ଚଳରେ ଏକ୍ୟୁଆଇ ୪୦୦ ଉପରେ ରହିଛି। ବୱାନାରେ ଏହା ୪୬୨ରେ ପହଞ୍ଚିଥିବାବେଳେ ଆଲିପୁରରେ ୪୪୨, ଆର୍‌କେ ପୁରମ୍‌ରେ ୪୪୬ ଏବଂ ପତପରଗଞ୍ଜରେ ୪୩୮ ରହିଛି। ଫଳରେ ସ୍ଥିତି ଅଧିକ ବିଗିଡ଼ିବାରୁ ରୋକିବା ପାଇଁ ସିଏକ୍ୟୁଏମ୍ ସବ୍ କମିଟି ପକ୍ଷରୁ ତୁରନ୍ତ ଜାତୀୟ ରାଜଧାନୀ ଅଞ୍ଚଳରେ ଜିଆର୍‌ଏପିର ତୃତୀୟ ପର୍ଯ୍ୟାୟ କଟକଣା ଲାଗୁହୋଇଛି। ପୂର୍ବରୁ ଜିଆର୍‌ଏପିର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲାଗୁ ହୋଇଥିଲା। ତୃତୀୟ ପର୍ଯ୍ୟାୟ କଟକଣା ଅନୁଯାୟୀ ସମସ୍ତ ଅଣଜରୁରୀ ନିର୍ମାଣ ଓ ଉଚ୍ଛେଦ କାର୍ଯ୍ୟ ଉପରେ ନିଷେଧାଦେଶ ଲଗାଯାଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ସମସ୍ତ ଷ୍ଟୋନ୍ କ୍ରଶର ଏବଂ ଖଣି ଖନନ କାର୍ଯ୍ୟ ବନ୍ଦ ରହିବ। ଦିଲ୍ଲୀ ଓ ଏନ୍‌ସିଆର୍ ଅଞ୍ଚଳରେ ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ। ତେବେ ଭିନ୍ନକ୍ଷମମାନଙ୍କୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌କୁ ହାଇବ୍ରିଡ୍ ଲର୍ନିଂ ମୋଡ୍ ସୁଯୋଗ ଦିଆଯିବ। ଅର୍ଥାତ୍ ପିଲାମାନେ ଘରେ ରହି ଅନ୍‌ଲାଇନରେ ଶିକ୍ଷା ଗ୍ରହଣ କରିବେ।



ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନରେ ଗୟା ଜିଲାର ଏକ ବୁଥ୍‌ରେ ଭୋଟରମାନେ ମତଦାନ ପାଇଁ ଅପେକ୍ଷା କରିଥିବାବେଳେ ପରିଚୟପତ୍ର ଦେଖାଉଛନ୍ତି।

# ଟାରିଫ୍ କମାଇବ ଆମେରିକା

## ଭାରତ ସହ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର: ଟ୍ରମ୍ପ୍

ନ୍ୟୁୟର୍କ/ୱାଶିଂଟନ,୧୧।୧୧(ପି.ଟି.)

ଭାରତ ସହ ସ୍ୱଚ୍ଛ ବାଣିଜ୍ୟ ଚୁକ୍ତିନାମାର ଅଧିକ ନିକଟତର ହୋଇଛି ଆମେରିକା। ଆମେ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍‌କୁ ଯେକୌଣସି ସମୟରେ କମାଇଦେବୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଭାରତ ସହ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହେବାକୁ ଯାଉଛି ବୋଲି ଟ୍ରମ୍ପ୍ ୨ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଆଶାବ୍ୟକ୍ତ କରିଛନ୍ତି। ତେବେ ଏହା ଟ୍ରମ୍ପ୍‌ଙ୍କ ଅତିଶୟୋକ୍ତି ନା ବହୁପ୍ରତୀକ୍ଷିତ ବାଣିଜ୍ୟ ବୁଝାମଣାରେ ପ୍ରକୃତରେ



ଭାରତ ପାଇଁ ଆମେରିକାର ନୂଆ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଶପଥ ନେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ହାତ ମିଳାଉଛନ୍ତି।

ଅଗ୍ରଗତି ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପ୍ କହିଛନ୍ତି, ଆମେ ଭାରତ ସହ ପୂର୍ବାପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ ଡିଲ୍ କରିବାକୁ ଯାଉଛୁ। ଏବେ ସେମାନେ ମୋତେ ଭଲ ପାଉନାହାନ୍ତି, କିନ୍ତୁ ସେମାନେ ଆମକୁ ପୁଣିଥରେ ଭଲ ପାଇବେ ବୋଲି ଟ୍ରମ୍ପ୍ ସୋମବାର କହିଛନ୍ତି। ଭାରତ ପାଇଁ ଆମେରିକାର ନୂଆ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଓଭାଲ ଅଫିସ୍‌ରେ ଶପଥ ଗ୍ରହଣ କରିବା ଅବସରରେ ଟ୍ରମ୍ପ୍ ଏହା କହିଛନ୍ତି। ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଗୋର୍‌ଙ୍କୁ ଶପଥ ପାଠ କରାଇଥିଲେ। ଟ୍ରମ୍ପ୍ କହିଛନ୍ତି, ପୂର୍ବରୁ ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଟ୍ରେଡ୍ ଡିଲ୍ ଥିଲା। ଏବେ ନ୍ୟାୟପୂର୍ଣ୍ଣ ଡିଲ୍ ହେବାକୁ ଯାଉଛି। ସେମାନେ ବହୁତ ଭଲ ବୁଝାମଣାକାରୀ ବୋଲି ଟ୍ରମ୍ପ୍ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଲକ୍ଷ୍ୟକରି କହିବା ସହ ସର୍ଗିଓଙ୍କୁ ଏହା ଉପରେ ନଜର ଦେବା ପାଇଁ ଟ୍ରମ୍ପ୍ ପରାମର୍ଶ ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି କହିଛନ୍ତି, ଭାରତ ରୁଷିଆଠାରୁ ତୈଳ କିଣୁଥିବାରୁ ଏହାର ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଯାଇଥିଲା। ଏବେ ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିଦେଇଛି। ପୂର୍ବାପେକ୍ଷା ତେଲ କିଣା ଯଥେଷ୍ଟ ହ୍ରାସ ପାଇଛି। ତେଣୁ ଆମେ ଲଗାଇଥିବା ଟାରିଫ୍ କମାଇବାକୁ ଯାଉଛୁ। ପୂର୍ବରୁ ଟ୍ରମ୍ପ୍ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଟାରିଫ୍ ଲଗାଇଥିବାବେଳେ ରୁଷିଆରୁ ତୈଳ କିଣା ଜାରି ରଖିଥିବାରୁ ପରେ ଆଉ ୨୫% ଶୁଳ୍କ ଲାଗୁ କରିଥିଲେ। ୫୦ ପ୍ରତିଶତ ଶୁଳ୍କକୁ ନେଇ ନୂଆଦିଲ୍ଲୀ ଏବଂ ୱାଶିଂଟନ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଆମେରିକାର ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ୟାୟ ଓ ଅଯଥାର୍ଥ ବୋଲି ଭାରତ କହିଥିଲା। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ଇତିମଧ୍ୟରେ ଉଭୟ ଦେଶର ଅଧିକାରୀମାନଙ୍କ ମଧ୍ୟରେ ୫ ପର୍ଯ୍ୟାୟ ଆଲୋଚନା ସରିଲାଣି। ଚୁକ୍ତିନାମା ଚୂଡ଼ାନ୍ତ ହେବା ନେଇ ଦୁଇ ଦେଶ ଅତି ନିକଟତର ହୋଇଥିବା ଗତ ମାସରେ ନୂଆଦିଲ୍ଲୀଠାରେ ଆମେରିକୀୟ ଅଧିକାରୀମାନେ କହିଥିଲେ।

## ନିଠାରୀ ହତ୍ୟା ମାମଲାରେ ସୁରେନ୍ଦ୍ର କୋଲି ଦୋଷମୁକ୍ତ

ନୂଆଦିଲ୍ଲୀ,୧୧।୧୧

ନଏଡ଼ାର ନିଠାରୀଠାରେ ୨୦୦୫-୨୦୦୬ରେ ଘଟିଥିବା ବହୁଚର୍ଚ୍ଚିତ ସିରିଏଲ୍ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଶେଷ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଅଭିଯୁକ୍ତ ସୁରେନ୍ଦ୍ର କୋଲିଙ୍କୁ ଦୋଷମୁକ୍ତ କରିଛନ୍ତି। ବଳାତ୍କାର ଓ ହତ୍ୟା ମାମଲାରେ କୋଲି ଦୋଷମୁକ୍ତ ହୋଇଥିବାରୁ ତାଙ୍କୁ ଜେଲରୁ ମୁକ୍ତ କରିଦିଆଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଅଭିଯୋଗକାରୀ ପକ୍ଷଙ୍କ ପାଇଁ ବଡ଼ ଝଟକା ହୋଇଛି। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ମଙ୍ଗଳବାର ରାୟ ଘୋଷଣା କରିଛନ୍ତି। ଅକ୍ଟୋବର ୭ରେ ମାମଲାର ଶୁଣାଣି ଶେଷହେବା ପରେ ଅଦାଲତ ରାୟ ସଂରକ୍ଷିତ ରଖି ଶୀର୍ଷ ଅଦାଲତଙ୍କ ୨୦୧୧ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ କ୍ୟୁରେଟିଭ୍ ପିଟିଶନ ଦାଖଲ ନିମନ୍ତେ କୋଲିଙ୍କୁ ଅନୁମତି ଦେଇଥିଲେ। ୨୦୧୧ ରାୟରେ ଗୋଟିଏ ମାମଲାରେ କୋଲିଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। କୋଲିଙ୍କ ବିରୋଧରେ ମୋଟ ୧୩ ମାମଲା ରୁଜୁ ହୋଇଥିଲା। ଅନ୍ୟ ୧୨ ମାମଲାରେ



ସୁରେନ୍ଦ୍ର କୋଲି

ତାଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ସେହି ଆଧାରରେ ତାଙ୍କୁ ମୁକ୍ତ କରିଦେବା ପାଇଁ କୋଲି କ୍ୟୁରେଟିଭ୍ ପିଟିଶନରେ ନିବେଦନ କରିଥିଲେ। କ୍ୟୁରେଟିଭ୍ ପିଟିଶନ ଉପରେ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇସାରିଥିବାରୁ ଆଇନ ଅନୁଯାୟୀ, ମାମଲାକୁ ପୁନର୍ବାର ଚଳାଇବା ପାଇଁ ତଦନ୍ତକାରୀ ସଂସ୍ଥା ଏବଂ ଅଭିଯୋଗକାରୀ ପକ୍ଷ ଆବେଦନ କରିପାରିବେ ନାହିଁ। ଅଭିଯୋଗକାରୀ ପକ୍ଷଙ୍କ ତଥ୍ୟ ପ୍ରମାଣ ନିର୍ଭରଯୋଗ୍ୟ ହୋଇ ନ ଥିବା ଦର୍ଶାଇ ୧୨ଟି ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ କୋଲିଙ୍କୁ ଦୋଷମୁକ୍ତ କରିଥିଲେ।

## ସୁସ୍ଥ ହେଉଛନ୍ତି ଧର୍ମେନ୍ଦ୍ର ମିଛ ଖବର ପ୍ରସାର ନ କରିବାକୁ ପରିବାରର ନିବେଦନ

ମୁମ୍ବାଇ,୧୧।୧୧(ପି.ଟି.)

ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସହ ସେ କ୍ରମଶଃ ସୁସ୍ଥ ହେଉଛନ୍ତି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମିଥ୍ୟା ଖବର ପ୍ରସାର ନ କରିବାକୁ ଧର୍ମେନ୍ଦ୍ରଙ୍କ ଝିଅ ଈଶା ଦେଓଲ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ



ଚିକିତ୍ସିତ ହେଉଥିବା ଧର୍ମେନ୍ଦ୍ରଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ପରିବାରକୁ ପ୍ରିଭେସି ଦେବା ଲାଗି ଈଶା ନିବେଦନ କରିଛନ୍ତି। ଧର୍ମେନ୍ଦ୍ରଙ୍କ ସମ୍ପର୍କରେ ଦାୟିତ୍ୱହୀନ ଖବର ପ୍ରସାରଣକୁ ତାଙ୍କ ସ୍ତ୍ରୀ ହେମା ମାଳିନୀ ସମାଲୋଚନା କରିଛନ୍ତି।

# ପ୍ରତ୍ୟେକ ଅପରାଧୀଙ୍କୁ ଖୋଜି ବାହାର କର: ଶାହା

**ଦିଲ୍ଲୀ ବିସ୍ଫୋରଣ**

ନୂଆଦିଲ୍ଲୀ,୧୧।୧୧(ପି.ଟି.)

ଦିଲ୍ଲୀ ବିସ୍ଫୋରଣ ପଛରେ ସମ୍ପୃକ୍ତ ପ୍ରତ୍ୟେକ ଅପରାଧୀଙ୍କୁ ଖୋଜି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟଣା ପରେ ମଙ୍ଗଳବାର ଶାହାଙ୍କ ଅଧ୍ୟକ୍ଷତାରେ ୨ଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆକ୍ରମଣରେ ସମ୍ପୃକ୍ତ ସମସ୍ତଙ୍କୁ ଆମ ସୁରକ୍ଷା ଏଜେନ୍ସିଗୁଡ଼ିକର କ୍ରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଶାହା Xରେ ଲେଖିଛନ୍ତି।

ପ୍ରଥମ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା, ଦିଲ୍ଲୀ ପୋଲିସ କମିଶନର ସତୀଶ ଗୋଲ୍‌ଚା ଏବଂ ଏନ୍‌ଆଇଏ ଡିଜି ସଦାନନ୍ଦ ବସନ୍ତ



ଅମିତ୍ ଶାହା

ଡାଟେ ଯୋଗ ଦେଇଥିଲେ। ଏଥିସହିତ ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳୀନ ପ୍ରଭାତ ଭର୍ଚୁଆଲି ବୈଠକରେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ଉଚ୍ଚ ଅଧିକାରୀମାନେ ବିସ୍ଫୋରଣ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ସମୀକ୍ଷା ବୈଠକରେ ମଧ୍ୟ ଉପରୋକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିଛି। ବିସ୍ଫୋରଣ ଆତଙ୍କବାଦୀ କାର୍ଯ୍ୟ ବୋଲି କେନ୍ଦ୍ର ସରକାର ବିବେଚନା କରୁଥିବାରୁ ଏନ୍‌ଆଇଏ ଉକ୍ତ ଦିଗ ଉପରେ ତଦନ୍ତ କରିବ। ଏହା ବ୍ୟତୀତ ଅନ୍ୟ ଶୀର୍ଷ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତଦନ୍ତ ଚଳାଇଛନ୍ତି। ଲାଲ୍‌କିଲ୍ଲା ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହୋଇଥିଲେ ଏବଂ ଅନେକ ଗାଡ଼ି ଜଳିଯାଇଥିଲା।

### ବିସ୍ଫୋରଣରେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୧

ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ମଧ୍ୟରୁ କାହାକୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ୨ ଦିନିଆ ଭୁଟାନ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ସେଠାର ରାଜଧାନୀ ଥିମ୍ପୁରୁ କହିଛନ୍ତି, ସେ ଅତ୍ୟନ୍ତ ଦୁଃଖଭରା ହୃଦୟରେ ଏଠାକୁ ଆସିଛନ୍ତି। ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଘଟିଥିବା ଭୟାବହ ଘଟଣା ପ୍ରତ୍ୟେକଙ୍କୁ ଗଭୀର ଭାବେ ଦୁଃଖିତ କରିଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ଦୁଃଖକୁ ମୁଁ ଅନୁଭବ କରିପାରୁଛି। ସାରା ଦେଶ ଆଜି ସେମାନଙ୍କ ସହ ଛିଡ଼ାହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିସ୍ଫୋରଣ ପରଠାରୁ ପ୍ରଧାନମନ୍ତ୍ରୀ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ତଦନ୍ତକାରୀମାନେ ଷଡ଼ଯନ୍ତ୍ରର ମୂଳ ଖୋଜି ବାହାର କରିବେ। ବିସ୍ଫୋରଣ ପଛର ଷଡ଼ଯନ୍ତ୍ରକାରୀଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କୁ ନିଶ୍ଚୟ କାଠଗଡ଼ାକୁ ଅଣାଯିବ ବୋଲି ମୋଦି କହିଛନ୍ତି।

## ଭାରତକୁ ବିଭିନ୍ନ ଦେଶର ସମର୍ଥନ

ନୂଆଦିଲ୍ଲୀ,୧୧।୧୧(ପି.ଟି.)

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ଘଟଣାରେ ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ ସମେତ ବିଭିନ୍ନ ଦେଶ ଭାରତକୁ ସମର୍ଥନ ଜଣାଇବା ସହ ମୃତକମାଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ଆମେରିକା ଏବଂ ଫ୍ରାନ୍ସ ସେମାନଙ୍କ ନାଗରିକମାନଙ୍କୁ ସତର୍କ ରହିବା ପାଇଁ କହିବା ସହ ଗହଳି ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଫ୍ରାନ୍ସ ସରକାରଙ୍କ ତରଫରୁ ମୃତକମାନଙ୍କ ପାଇଁ ଗଭୀର ସମବେଦନା ଜଣାଉଛି ବୋଲି ନୂଆଦିଲ୍ଲୀରେ ଅବସ୍ଥାପିତ ରାଷ୍ଟ୍ରଦୂତ ଥିଏରି ମାଥୋଉ କହିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆମର ଭାବନା ଉକ୍ତ ପରିବାରଗୁଡ଼ିକ ସହ ରହିଥିବା ସେ କହିଛନ୍ତି। ସେହିପରି ଇଟାଲୀ ଓ ଇରାନ ଦୂତାବାସ, ସିଙ୍ଗାପୁର ଓ ବ୍ରିଟେନ୍ ହାଇକମିଶନର ତଥା ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ମଧ୍ୟ ସମର୍ଥନ ଜଣାଇଛନ୍ତି। ଇଟାଲୀ ଦୂତାବାସ ପକ୍ଷରୁ କୁହାଯାଇଛି, ବିସ୍ଫୋରଣ ଘଟଣାରେ ଆମେ ଅତ୍ୟନ୍ତ ଦୁଃଖିତ। ଏହି ବିପଦ ସମୟରେ ଆମେ ଭାରତ ସହ ରହିଛୁ। ମୃତକଙ୍କ ପାଇଁ ଆମେ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଉଛୁ ଓ ଆହତମାନଙ୍କୁ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି Xରେ ପୋଷ୍ଟ କରାଯାଇଛି। ବ୍ରିଟେନ୍ ହାଇକମିଶନର ଲିଣ୍ଡି କାମେରନ୍ ମଧ୍ୟ ଅନୁରୂପ ଭାବନା ଜଣାଇଛନ୍ତି।

ବିସ୍ଫୋରଣକୁ ଭାରତରେ ଦଳମତ ନିର୍ବିଶେଷରେ ନିନ୍ଦା କରାଯାଇଛି। ଏହି ଭୟାବହ ବିସ୍ଫୋରଣର ଉପଯୁକ୍ତ ତଦନ୍ତ ପାଇଁ ସେମାନେ ନିବେଦନ କରିଛନ୍ତି। ଜାତୀୟ ରାଜଧାନୀର ସୁରକ୍ଷା ସ୍ଥିତିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିବା ସହ ବିସ୍ଫୋରଣ ଘଟଣାର ଉପଯୁକ୍ତ ତଦନ୍ତ ଶୀଘ୍ର କରିବାକୁ ଦାବି କରିଛନ୍ତି। ସୁରକ୍ଷାଗତ ତ୍ରୁଟିକୁ ନେଇ କଂଗ୍ରେସ ଦିଲ୍ଲୀ ସରକାରଙ୍କ ଉପରେ ଦୋଷ ଲଦିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଘଟଣାକୁ ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଚିନ୍ତାଜନକ ବୋଲି କହିଛନ୍ତି। ଏହା ଜାତୀୟ ସୁରକ୍ଷା ପ୍ରସଙ୍ଗ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ସହ ଆମେ ସରକାରଙ୍କ ସହ ଛିଡ଼ାହୋଇଛୁ ବୋଲି କହିଛନ୍ତି।

# ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ବଢ଼ୁଛି

ଅମ୍ମାନ

ଆଜିକାଲି ବିଭିନ୍ନ ଦେଶରେ ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ବଢ଼ିବାରେ ଲାଗିଛି। ଏହି ସାବୁନରେ ଏପରି କ'ଣ ଅଛି ଯାହା ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଭିନ୍ନ ଦେଶର ଲୋକେ ଏହାକୁ ପସନ୍ଦ କରୁଛନ୍ତି। ଜାଣନ୍ତୁ ଏହି ଖାସ୍ ସାବୁନ ବିଷୟରେ...

ରିପୋର୍ଟ ଅନୁଯାୟୀ, ଅଜ୍ଞାନ ଡଙ୍କି ମିଲ୍କ ସୋପ ନାମକ ଏକ କମ୍ପାନୀ ମାଡାବାରେ ଥିବା ଏହାର ଫାର୍ମରେ ୧୦୦% ପ୍ରାକୃତିକ ସାବୁନ ଉତ୍ପାଦନ କରେ। ଏହାର ୧୨ଟି ଗଧ ଅଛି। ଜୋର୍ଡାନର ରାଜଧାନୀ ଅମ୍ମାନରେ ମଧ୍ୟ ଏହି କମ୍ପାନୀର ଏକ ଛୋଟ ଫ୍ୟାକ୍ଟ୍ରି ଅଛି। ଅବଶ୍ୟ ଜୋର୍ଡାନରେ



ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ଢେର ଅଧିକ। ସେହିପରି ଦୁବାଇରେ ବିଭିନ୍ନ ବ୍ରାଣ୍ଡର ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନ ଭଲ ବିକ୍ରି ହେଉଛି। ଯେତେବେଳେ ଏହି ସାବୁନ ପ୍ରଥମେ ଜୋର୍ଡାନରେ ଲଞ୍ଚ କରାଯାଇଥିଲା ସେଠାକାର ଲୋକେ ଏହାକୁ ନେଇ ପରିହାସ କରିଥିଲେ। ତଥାପି ଏହାର ଲାଭ ସ୍ପଷ୍ଟ ହେବା ପରେ ସାବୁନର ଚାହିଦା ବୃଦ୍ଧି ପାଇଲା।

ରିପୋର୍ଟ ଅନୁଯାୟୀ, ଗଧ କ୍ଷୀର ଖଣିଜ ଏବଂ ପ୍ରୋଟିନରେ ଭରପୂର, ଯାହା ଚର୍ମକୁ ମଶ୍ଚରାଇଜ କରିବାରେ ସାହାଯ୍ୟ କରେ। ଏଥିରେ ଯଥେଷ୍ଟ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ଚର୍ମକୁ ସୂର୍ଯ୍ୟକିରଣ ଏବଂ ବାର୍ଦ୍ଧକ୍ୟ ପ୍ରଭାବରୁ ରକ୍ଷା କରେ। ପରିବେଶ କର୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ଅଲ ଜୁବି କହିଛନ୍ତି, ଗବେଷଣା ତଥ୍ୟ ଅନୁଯାୟୀ ଗଧ କ୍ଷୀର ଚର୍ମ କୋଷଗୁଡ଼ିକୁ ପୁନର୍ଜୀବିତ କରିବା, ବାର୍ଦ୍ଧକ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ଏକ୍‌ଜିମା ଭଳି ଚର୍ମ ରୋଗକୁ ସୁସ୍ଥ କରିବାରେ ସାହାଯ୍ୟ କରେ। ଏଥିସହ ଗଧ କ୍ଷୀରର ସାବୁନ ଚର୍ମର ଆର୍ଦ୍ରତା ସ୍ତରକୁ ସନ୍ତୁଳିତ କରେ, କୁଞ୍ଚନ, ଦାଗ ଏବଂ ବ୍ରଣ ହ୍ରାସ କରିବାରେ ସହାୟତା କରିଥାଏ ବୋଲି ଜୁବି ସୂଚିତ କରିଛନ୍ତି।

ଏଭଳି ସାବୁନ ପ୍ରସ୍ତୁତ ପାଇଁ ଗଧ କ୍ଷୀରକୁ ବାଦାମ ତେଲ ଏବଂ ନଡ଼ିଆ ତେଲ ସହିତ ମିଶ୍ରଣ କରାଯାଏ। ଅବଶ୍ୟ ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନ ମଧ୍ୟ ଉଚ୍ଚ ଦାମ୍‌ରେ ମିଳେ। ଅନେକ ଅନ୍‌ଲାଇନ୍ ଶପିଂ ପ୍ଲାଟ୍‌ଫର୍ମରେ ଗୋଟିଏ ସାବୁନର ମୂଲ୍ୟ ୨୫ ଦିନାରରୁ ୯୯ ଦିନାର( ୬୦୦ରୁ ୨୫୦୦ ଟଙ୍କା) ମଧ୍ୟରେ ହୋଇଥାଏ।

**ଫୁରସତ୍**

## 'ରାଓ୍ୱଡି ରାଠୋର ୨'ରେ ନାହାନ୍ତି ଅକ୍ଷୟ

ମୁମ୍ବାଇ



ଅକ୍ଷୟ କୁମାର

ବଲିଉଡ୍‌ରେ ଆକ୍ସନ, ମନୋରଞ୍ଜନର ସମିଶ୍ରଣ ହେଉଛନ୍ତି ଅକ୍ଷୟ କୁମାର। ସେ ଅନେକ ବ୍ଲକବଷ୍ଟର ଫିଲ୍ମ ଭେଟି ଦେଇଛନ୍ତି। ତାଙ୍କର ସବୁଠୁ ପ୍ରଶଂସିତ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା 'ରାଓ୍ୱଡି ରାଠୋର'। ୨୦୧୨ରେ ଏହା ମୁକ୍ତିଲାଭ କରିଥିଲା। ଏହା କେବଳ ବକ୍ସ ଅଫିସରେ ଧମାକା କରିଥିଲା, ତା' ନୁହେଁ ବରଂ ଅକ୍ଷୟ କୁମାରଙ୍କ କ୍ୟାରିୟରକୁ ନୂତନ ଶିଖରରେ ପହଞ୍ଚାଇଥିଲା।

ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୦୬ ତେଲୁଗୁ ସୁପରହିଟ ଦକ୍ଷିଣ ଭାରତୀୟ ଫିଲ୍ମ 'ବିକ୍ରମାର୍କୁଡୁ'ର ହିନ୍ଦୀ ରିମେକ ଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, 'ରାଓ୍ୱଡି ରାଠୋର' କେବଳ ଥରେ ନୁହେଁ, ଗତ ୭ ବର୍ଷ ମଧ୍ୟରେ ପାଞ୍ଚ ଥର ବିଭିନ୍ନ ଭାଷାରେ ପୁନର୍ନିର୍ମାଣ କରାଯାଇଛି। ପ୍ରତ୍ୟେକ ଥର କାହାଣୀ ସମାନ ରହିଛି, କିନ୍ତୁ ଅକ୍ଷୟ କୁମାର ଅଭିନୀତ ହିନ୍ଦୀ ସଂସ୍କରଣ ସର୍ବାଧିକ ଧମାଲ କରିଥିଲା। ଫିଲ୍ମଟି ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଅକ୍ଷୟଙ୍କ ବିପକ୍ଷରେ ସୋନାକ୍ଷୀ ସିହ୍ନା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

'ରାଓ୍ୱଡି ରାଠୋର ୨' ଉପରେ ମଧ୍ୟ କାମ ଆରମ୍ଭ ହୋଇଛି। ଏହି ଫିଲ୍ମରୁ ଅକ୍ଷୟ କୁମାରଙ୍କ ପତ୍ତା କଟିଛି। କୁହାଯାଉଛି ଯେ, ସଞ୍ଜୟ ଲୀଳା ଭଂସାଲୀ ଫିଲ୍ମର ସିକ୍ୱେଲ ପାଇଁ ଜଣେ ଷ୍ଟାରଙ୍କୁ କାଷ୍ଟ କରିବାକୁ ଚାହୁଁଛନ୍ତି। ଫିଲ୍ମରେ ଅକ୍ଷୟ କୁମାରଙ୍କ ସ୍ଥାନରେ କିଏ ରହିବ ତାହାର ନାମ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ତଥାପି, ସିକ୍ୱେଲ ଖବର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ Bhubaneswar, Wednesday, November 12/2025 


କଟକ ଐତିହାସିକ ବାଲିଯାତ୍ରା ପଡ଼ିଆନିକଟସ୍ଥ ମହାନଦୀ ଗଡ଼ଗଡ଼ିଆ ଘାଟରେ ବୋଟିଂ ରେସ୍ ଏବଂ ଜଳକ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ନୂଆପଡ଼ାରେ ୭୯.୦୨% ମତଦାନ

## ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

ଭୁବନେଶ୍ୱର/ନୂଆପଡ଼ା,୧୧।୧୧
(ରବିନାରାୟଣ ଜେନା/ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ମଙ୍ଗଳବାର ଶେଷ ହୋଇଛି। ସମ୍ବେଦନଶୀଳ ଏବଂ ସଖୀ ବୁଥ୍ ସମେତ ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳରେ ମତଦାନ ପ୍ରାୟ ଶାନ୍ତିପୂର୍ଣ୍ଣ ଭାବେ ହୋଇଛି। ରାତି ୯ଟା ପର୍ଯ୍ୟନ୍ତ ୭୯.୦୨ପ୍ରତିଶତ ମତଦାନ ସାବ୍ୟସ୍ତ ହୋଇଛି। ଏନେଇ ଇସିଆଇ ନେଟ୍‌ରେ ତଥ୍ୟ ଦର୍ଶାଯାଇଛି। ନୂଆପଡ଼ାବାସୀ ଏହି ଉପନିର୍ବାଚନରେ ପାଖାପାଖି ୮୦ ପ୍ରତିଶତ ମତସାବ୍ୟସ୍ତ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ତ ଗୋପାଳନ କହିଛନ୍ତି।

ମଙ୍ଗଳବାର ସିଇଓ ଖବରଦାତା ସମ୍ମିଳନୀରେ କହିଛନ୍ତି, ନୂଆପଡ଼ାରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଉପନିର୍ବାଚନ ସୁନିଶ୍ଚିତ କରିବା ପାଇଁ ସିଇଓଙ୍କ କାର୍ଯ୍ୟାଳୟରୁ ସିସିଟିଭି ମାଧ୍ୟମରେ ମତଦାନ ପ୍ରକ୍ରିୟାର ନିରନ୍ତର ତଦାରଖ କରାଯାଇଥିଲା। ନୂଆପଡାରେ ୧ଲକ୍ଷ ୨୪ହଜାର ୫୪୪ ପୁରୁଷ ଭୋଟରଙ୍କ ମଧ୍ୟରୁ ୮୧.୧୭% ଭୋଟ ଦେଇଥିବାବେଳେ ୧ଲକ୍ଷ ୨୯ହଜାର ୯୩୨ ମହିଳାଙ୍କ ମଧ୍ୟରୁ ୭୬.୯୬ ପ୍ରତିଶତ ମହିଳା ଭୋଟ ଦେଇଛନ୍ତି। ସମୁଦାୟ ୨ଲକ୍ଷ ୫୪ହଜାର ୪୯୭ ମତଦାତାଙ୍କ ମଧ୍ୟରୁ ରାତି ୯ଟା ସୁଦ୍ଧା ୭୯.୦୨ ପ୍ରତିଶତ ମତଦାନ ହୋଇଛି। ସେ କହିଥିଲେ ଯେ, ଏହି ମତଦାନ ବେଳେ ଦୁଇଟି ସ୍ଥାନରେ ଗୁପ୍ତ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ଦୁଇଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ବୁଥ୍ ନମ୍ବର ୩୬ କୁଲିଆବନ୍ଧାରେ ନିୟୋଜିତ ପ୍ରିଜାଇଡିଂ ଅଫିସର ତଥା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକ ଧନଞ୍ଜୟ ମଲ୍ଲିକ ଏବଂ ବୁଥ୍ ନମ୍ବର ୪୬ ବିରୋମାଲରେ ଦ୍ୱିତୀୟ ପ୍ରିଜାଇଡିଂ ଅଫିସର ଭାବରେ ନିୟୋଜିତ ଥିବା ସିନାପାଲ୍ଲୀ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟିମନପୁରର ଟିଜିଟି ଶିକ୍ଷକ ସନ୍ଦୀପ କୁମାର ସ୍ୱାଇଁ। ଗୋପନୀୟତା ଉଲ୍ଲଂଘନ କରିବା ଅଭିଯୋଗରେ ଜିଲାପାଳ ତଥା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମୁସଲମାନଙ୍କୁ ଆହ୍ୱାନ**

# ପାନୀୟ ଜଳ: ୧୭ ଠିକାଦାରଙ୍କ ହାତରେ ୩୫,୦୦୦ କୋଟିର ପ୍ରକଳ୍ପ

**ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ପୂର୍ବ ସରକାର ଅମଳରେ ୨୦୭ ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ମାତ୍ର ୨୩ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ତେବେ ବୈଷୟିକ ତ୍ରୁଟି ଯୋଗୁ ଉକ୍ତ ପ୍ରକଳ୍ପଗୁଡ଼ିକରୁ ଲୋକେ ଏ ପର୍ଯ୍ୟନ୍ତ ପିଇବା ପାଣି ପାଇପାରୁନାହାନ୍ତି। ଦାୟିତ୍ୱ ନେଇଥିବା ଠିକାଦାରମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ଭାବେ ପଡ଼ିରହିଛି। ୧୭ ଜଣ ଠିକାଦାର ନେଇଥିବା ୩୫,୦୦୦ କୋଟି ଟଙ୍କାର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଲେ ୩୨,୦୦୦ ଗାଁର ଲୋକେ ବିଶୁଦ୍ଧ ପାଣି ପାଇପାରନ୍ତେ ବୋଲି ମଙ୍ଗଳବାର ଅନୁଷ୍ଠିତ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରୁ ଜଣାପଡ଼ିଛି।**



**ଚାହିଁ ରହିଛନ୍ତି ୩୨,୦୦୦ ଗାଁର ଲୋକେ**

ଭୁବନେଶ୍ୱର,୧୧।୧୧
(ରବିନାରାୟଣ ଜେନା)

ଓଡ଼ିଶାବାସୀଙ୍କୁ କିଭଳି ବିଶୁଦ୍ଧ ପାନୀୟଜଳ ହାତପାଆନ୍ତାରେ ମିଳିବ ସେନେଇ ରାଜ୍ୟ ସରକାରଙ୍କ ନିଦ ନାହିଁ। ପାଣି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ 'ମିଶନ ପାୱାର'କୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ମଙ୍ଗଳବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିବାବେଳେ ଅପରାହ୍ଣରେ ବିଧାନସଭାରେ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି। ହେଲେ ବୈଠକରୁ ବାସ୍ତବ ସ୍ଥିତି ଯାହା ଲୋକଲୋଚନକୁ ଆସିଛି, ତାହା ଅତ୍ୟନ୍ତ ଚିନ୍ତାର ବିଷୟ। କେତେଜଣ ଠିକାଦାରଙ୍କ ହାତରେ ରହିଛି ରାଜ୍ୟବାସୀଙ୍କ ପାଣିର ଚାବିକାଠି। ଫଳରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଶେଷହେଉନାହିଁ କି ଲୋକଙ୍କୁ ପାଣି ଟୋପେ ମିଳିପାରୁନାହିଁ। ଏଭଳି ସାଂଘାତିକ ସତ୍ୟ ବିଧାନସଭା ଷ୍ଟାଣ୍ଡିଂ କମିଟି-୯ ବୈଠକରୁ ଜଣାପଡ଼ିଛି। ବୈଠକର ନିଷ୍ପତ୍ତିକ୍ରମେ ଅତିରିକ୍ତ ବଜେଟ ଅଧିବେଶନ ପରେ ପ୍ରତି ପାନୀୟଜଳ ପ୍ରକଳ୍ପକୁ ତଦାରଖ କରାଯିବ। ଯେଉଁ ଠିକାଦାର କାର୍ଯ୍ୟରେ ଅବହେଳା କରିଥିବେ କିମ୍ବା ବାହାନାବାଜି କରୁଥିବେ, ସେମାନଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କୁ ସୁପାରିସ କରାଯିବ ବୋଲି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ବିଧାୟକ ସନାତନ ବିଜୁଳି କହିଛନ୍ତି।

ବୈଠକ ପରେ ବିଧାୟକ ସନାତନ କହିଛନ୍ତି, ରାଜ୍ୟରେ ୩୨ ହଜାର ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୧୭ଜଣ ଠିକାଦାରଙ୍କୁ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଯେଉଁ ତଥ୍ୟ କମିଟି ସମ୍ନାକୁ ଆସିଛି ତାହା ଅତ୍ୟନ୍ତ ସାଂଘାତିକ। ଠିକାଦାରମାନେ ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷହେବା ନେଇ ସନ୍ଦେହ ଉପୁଜିଛି। ସେ ଆହୁରି କହିଛନ୍ତି, ଗଞ୍ଜାମ ଜିଲା ଭଞ୍ଜନଗରର ୧୧ଟି ବ୍ଲକ୍‌ର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ଏଲ୍‌ଆଣ୍ଡଟିଙ୍କୁ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ତଳେ ଦେଇଥିଲେ। ସେତେବେଳ ପ୍ରକଳ୍ପର ମୂଲ୍ୟ ଥିଲା ୧୫୦୦ କୋଟି ଟଙ୍କା। ହେଲେ ଅଦ୍ୟାବଧି ପ୍ରକଳ୍ପ କାର୍ଯ୍ୟ ଯେଉଁ ପରିମାଣରେ ଶେଷ ହେବାକଥା ତାହା ହୋଇନାହିଁ। ☞ପୃଷ୍ଠା-୨

# ବିହାର: ଏକ୍‌ଜିଟ୍ ପୋଲ୍‌ରେ ଏନ୍‌ଡିଏ

**ବିହାର ବିଧାନସଭା ନିର୍ବାଚନରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ବଡ଼ ସଫଳତା ମିଳିପାରେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟର କ୍ଷମତା ଆଶା ପୂରଣ ହୋଇନପାରେ। ସେହିପରିନିର୍ବାଚନ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି (ଜେଏସ୍‌ପି) ମାତ୍ର ଗୋଟିଏ ଆସନରେ ସୀମିତ ରହିପାରେ ବୋଲି ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଭବିଷ୍ୟବାଣୀ କରାଯାଇଛି। ତେବେ ଏକ୍‌ଜିଟ୍ ପୋଲ୍ ସବୁବେଳେ ଏକ୍‌ଜାଟ୍ ପୋଲ୍ ହୋଇ ନ ଥାଏ, ଯାହାକି ୨୦୨୪ ହରିୟାଣା ବିଧାନସଭା ସମେତ ପୂର୍ବର ଅନେକ ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ଏକ୍‌ଜିଟ୍ ପୋଲ୍ ଆକଳନର ସତ୍ୟାସତ୍ୟ ଆସନ୍ତା ୧୪ରେ ଭୋଟ ଗଣତି ପରେ ସ୍ପଷ୍ଟ ହେବ।**

**ବିହାର ବିଧାନସଭା ମୋଟ ଆସନ: ୨୪୩**

| ସର୍ଭେ ସଂସ୍ଥା | ଏନ୍‌ଡିଏ | ମହାମେଣ୍ଟ | ଜେଏସ୍‌ପି | ଅନ୍ୟ |
|---|---|---|---|---|
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୦-୦ | ୩-୫ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୦-୩ | ୫-୭ |
| ଜେଭିସି | ୧୩୫-୧୬୭ | ୮୮-୧୦୩ | ୦-୧ | ୩-୬ |
| ମାଟ୍ରିଜ୍ | ୧୪୭-୧୬୭ | ୭୦-୯୦ | ୦-୨ | ୨-୮ |
| ପି-ମାର୍କ | ୧୪୨-୧୬୨ | ୮୦-୯୮ | ୧-୪ | ୦-୮ |
| ମୋଟ | ୧୪୬ | ୯୦ | ୧ | ୬ |

ନୂଆଦିଲ୍ଲୀ,୧୧।୧୧(ପି.ଟି./ଏଜେନ୍ସି)

ବିହାର ବିଧାନସଭାର ମୋଟ ଆସନ ସଂଖ୍ୟା ୨୪୩। ସରକାର ଗଠନ ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ନଭେମ୍ବର ୬ରେ ୧୨୧ ଆସନରେ ଭୋଟ ଗ୍ରହଣ କରାଯାଇଥିବାବେଳେ ମଙ୍ଗଳବାର ଅବଶିଷ୍ଟ ୧୨୨ ଆସନରେ ମତଦାନ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୬୮.୬୫% ଭୋଟ ଗ୍ରହଣ କରାଯାଇଛି। ଉଭୟ ପର୍ଯ୍ୟାୟରେ ହାରାହାରି ୬୭% ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ କମିଶନ(ଇସି)ଙ୍କ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷରେ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତ ସଂଗ୍ରହ କରାଯାଇଛି। ତଦନୁସାରେ ଶାସକ ଏନ୍‌ଡିଏକୁ ଏକକ ସଂଖ୍ୟାଗରିଷ୍ଠତା ସହ ୧୪୬ ଆସନରେ ସଫଳତା ମିଳିବ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପୁଣି ଥରେ କ୍ଷମତାସୀନ ହୋଇପାରନ୍ତି। ମାଟ୍ରିଜ୍ ଏକ୍‌ଜିଟ୍ ପୋଲ୍ ଅନୁସାରେ ଏନ୍‌ଡିଏ ୧୪୭ରୁ ୧୬୭ ଆସନ ଦଖଲ କରିପାରେ। ବିରୋଧୀ ମହାମେଣ୍ଟକୁ ୭୦-୯୦ ଆସନରେ ସଫଳତା ମିଳିପାରେ। ଜନ ସୁରାଜ ପାର୍ଟି ୦-୨ ନିର୍ବାଚନମଣ୍ଡଳୀରେ ସୀମିତ ରହିପାରେ। ସେହିପରି ଦୈନିକ ଭାସ୍କରର ଆକଳନ ହେଉଛି ଏନ୍‌ଡିଏ ୧୪୫ରୁ ୧୬୦ ଆସନ ଦଖଲ କରି ପୁନର୍ବାର ସରକାର ଗଠନ ଦିଗରେ ଅଗ୍ରସର ହେବ। ମହାମେଣ୍ଟକୁ ୭୩-୯୧ରେ ସନ୍ତୁଷ୍ଟ ହେବାକୁ ପଡ଼ିପାରେ। ପିପୁଲ୍ସ ଇନ୍‌ସାଇଟ୍ ଏନ୍‌ଡିଏକୁ ୧୩୩-୧୪୮ ଆସନ ଦେଇଥିବାବେଳେ ମହାମେଣ୍ଟ ☞ପୃଷ୍ଠା-୨

# ଏସ୍‌ଆଇ ପରୀକ୍ଷା ଜାଲିଆତିର ତଦନ୍ତ କରିବ ସିବିଆଇ

**କେନ୍ଦ୍ରର ବିଜ୍ଞପ୍ତି**

ଭୁବନେଶ୍ୱର,୧୧।୧୧
(ସୁନିତ୍ ମିଶ୍ର/ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିବ। ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସରାକରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ସିବିଆଇ ନିର୍ଦ୍ଦେଶକ, ସିବିଆଇ ଅଭିଯୋଜନ ନିର୍ଦ୍ଦେଶକ ଆଦିଙ୍କୁ ପଠାଇ ଦିଆଯାଇଛି। ଏହି ଜାଲିଆତି ଘଟଣାରେ ସିବିଆଇ ତଦନ୍ତ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ☞ପୃଷ୍ଠା-୨

# ପୁଲ୍‌ୱାମା ଡାକ୍ତର ଚଳାଉଥିଲେ କାର୍

**ଲାଲ୍‌କିଲ୍ଲା ବିସ୍ଫୋରଣ: ତଦନ୍ତ ଦାୟିତ୍ୱ ନେଲା ଏନ୍‌ଆଇଏ**

ନୂଆଦିଲ୍ଲୀ/ଶ୍ରୀନଗର,୧୧।୧୧

ଦିଲ୍ଲୀ ଲାଲ୍‌କିଲ୍ଲାରେ ସୋମବାର ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣଜନିତ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ସନ୍ଦେହରେ ପୋଲିସ ତଦନ୍ତ ଚଳାଇଥିବାବେଳେ ମଙ୍ଗଳବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତ ଭାର ହାତକୁ ନେଇଛି। ବିସ୍ଫୋରଣ ହୋଇଥିବା କାର୍‌କୁ ପୁଲ୍‌ୱାମାର ଡାକ୍ତର ଉମର ନବୀ ଚଳାଉଥିଲେ। ଫରିଦାବାଦରୁ ବିପୁଳ ପରିମାଣର ବିସ୍ଫୋରଣ ଜବତ ହେବା ପରେ ଉକ୍ତ ଡାକ୍ତରଙ୍କର ଆନ୍ତଃରାଜ୍ୟ ଟେରର ମଡ୍ୟୁଲ୍ ସହ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ଡା. ନବୀଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ମଙ୍ଗଳବାର ଜମ୍ମୁ-କଶ୍ମୀର ପୋଲିସ ଉକ୍ତ ଡାକ୍ତରଙ୍କ ମାଆଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରିଛି। ବିସ୍ଫୋରଣ ସ୍ଥଳରୁ ମିଳିଥିବା ଦେହାବଶେଷର ଡିଏନ୍‌ଏକୁ ସେଥିରେ ମେଳ କରାଯିବ। ସେଥିରୁ ବିସ୍ଫୋରଣ ସହ ଡାକ୍ତରଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ବିସ୍ଫୋରଣ ଘଟଣାର ତଦନ୍ତ ଭାର ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଛି। ଜୈଶ-ଇ-ମହମ୍ମଦ ଏବଂ ଅନସର ଘଜୱାତ-ଉଲ୍-ହିନ୍ଦ୍ ଆତଙ୍କବାଦୀ ସଂଗଠନ ସମ୍ପୃକ୍ତ ଥିବା 'ହ୍ୱାଇଟ୍ କଲାର' ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହେବା ☞ପୃଷ୍ଠା-୨

# ଇସ୍‌ଲାମାବାଦ କୋର୍ଟ ବାହାରେ ଆକ୍ରମଣ: ୧୨ ମୃତ

ଇସ୍‌ଲାମାବାଦ,୧୧।୧୧(ପି.ଟି.)

ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦର ଏକ କୋର୍ଟ ବାହାରେ ପୋଲିସ ଗାଡ଼ି ନିକଟରେ ମଙ୍ଗଳବାର ଅପରାହ୍ଣରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୭ ଆହତ ହୋଇଥିବା ପାକ୍ ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି କହିଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିଥିବା ନକ୍‌ଭି କହିଛନ୍ତି, ଆକ୍ରମଣକାରୀ କୋର୍ଟ କମ୍ପ୍ଲେକ୍ସ ମଧ୍ୟରେ ପ୍ରବେଶ କରିବାକୁ ଚାହୁଁଥିଲେ। ଏଥିରେ ବିଫଳ ହେବା ପରେ ସେ ଜି-୧୧ ଅଞ୍ଚଳରେ ଥିବା ବିଲ୍ଡିଂ ଗେଟ୍ ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଇସ୍‌ଲାମାବାଦ ଜିଲା ନ୍ୟାୟିକ କୋର୍ଟ କମ୍ପ୍ଲେକ୍ସ ନିକଟରେ ହୋଇଥିବା ଏହି ବିସ୍ଫୋରଣରେ ଜଣେ ଆଇନଜୀବୀ ଓ କେତେଜଣ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ତେହରିକ୍-ଇ-ତାଲିବାନ ପାକିସ୍ତାନୀ (ଟିଟିପି) ସାଧାରଣତଃ ଏଭଳି ଆକ୍ରମଣ କରିଥାଏ। ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ଆମର ମୁଖ୍ୟ ପ୍ରାଥମିକତା। ଅପରାଧୀଙ୍କୁ ନିଶ୍ଚୟ କାଠଗଡ଼ାକୁ ଅଣାଯିବ ବୋଲି ☞ପୃଷ୍ଠା-୨

# ଡାଭିଡ୍ ଜାଲେଙ୍କୁ ବୁକର୍

ଲଣ୍ଡନ୍,୧୧।୧୧

ହଙ୍ଗେରୀୟ-ବ୍ରିଟିଶ୍ ଲେଖକ ଡାଭିଡ୍ ଜାଲେ ଭାରତୀୟ ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ ୨୦୨୫ ବୁକର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଲୋକପ୍ରିୟ ଉପନ୍ୟାସ 'ଫ୍ଲେସ୍' ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଛି। ଲଣ୍ଡନ୍‌ର ଓଲ୍ଡ ବିଲିଂସଗେଟ୍‌ରେ ୫୧ ବର୍ଷୀୟ ଜାଲେ ଗତବର୍ଷର ବୁକର୍ ବିଜେତା ସାମନ୍ଥା ହାର୍ଭେଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ବାବଦକୁ ତାଙ୍କୁ ୫୦,୦୦୦ ପାଉଣ୍ଡ (ପ୍ରାୟ ୬୬,୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଇଛି।

'ଫ୍ଲେସ୍' ଉପନ୍ୟାସର କାହାଣୀ ଏଭଳି ଜଣେ କର୍ମଜୀବୀ ହଙ୍ଗେରୀୟଙ୍କ ଜୀବନ ଉପରେ ଆଧାରିତ, ଯିଏକି ପରବର୍ତ୍ତୀ ସମୟରେ ବ୍ରିଟେନ୍‌ରେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଛନ୍ତି। ଆକାଂକ୍ଷା ଓ ପତନର ଫେଣ୍ଟାଫେଣ୍ଟି କଥାବସ୍ତୁକୁ ନେଇ ଏହି କାହାଣୀ ଗତିଶୀଳ




ହୋଇଛି। ତେବେ ବୁକର୍ ପୁରସ୍କାର ଲାଭ କରିବାରେ ଜାଲେ ହେଉଛନ୍ତି ପ୍ରଥମ ହଙ୍ଗେରୀୟ। କାନାଡାରେ ଜନ୍ମିତ ଜାଲେ ପରବର୍ତ୍ତୀ ସମୟରେ ଲଣ୍ଡନରେ ଜୀବନ ଅତିବାହିତ କରିଥିଲେ। ସମ୍ପ୍ରତି ସେ ଅଷ୍ଟ୍ରିଆର ଭିଏନାରେ ବସବାସ କରୁଛନ୍ତି। ଅବସ୍ଥାନର ଏହି ପରିବର୍ତ୍ତନଶୀଳ ପୃଷ୍ଠଭୂମି ଜାଲେଙ୍କ କାହାଣୀ ରଚନାର ଗଭୀରତାକୁ ଦର୍ଶାଏ। ତାଙ୍କର ଅନେକ ଆଲେଖ୍ୟ ପରିଚୟ, ବିସ୍ଥାପନ, ଜଗତୀକରଣ ଆଦି ଉପରେ ପର୍ଯ୍ୟବସିତ। ୨୦୧୩ରେ ଜାଲେଙ୍କୁ ସର୍ବୋତ୍ତମ ଯୁବ ବ୍ରିଟିଶ୍ ନଭେଲିଷ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।

ଚଳିତବର୍ଷର ବୁକର୍ ପୁରସ୍କାର ପାଇଁ ୬ ଜଣ ଲେଖିକା ଲେଖକ ଚୂଡ଼ାନ୍ତ ତାଲିକାରେ ମନୋନୀତ ହୋଇଥିଲେ। ଡାଭିଡ୍ ଜାଲେଙ୍କ ବ୍ୟତୀତ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ, ସ୍ଥାନ: ହୋଟେଲ ଲେମନ୍ ଟ୍ରି ପ୍ରିମିୟର୍, ସମୟ: ପୂର୍ବାହ୍ନ ୧୦ଟା ୧୫।

**ବାଲେଶ୍ୱର**
- ମା' ବଣାଶୁଣି ପୀଠରେ ବାର୍ଷିକ ଯଜ୍ଞ, ସ୍ଥାନ: ବଣା, ସିମୁଳିଆ, ସମୟ: ସକାଳ ୮ଟା।
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ବାଲିଆପାଳ ନୂଆ ବସଷ୍ଟାଣ୍ଡ ପାଖ ନେତାଜୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅମୃତକାଳ ସାଂସ୍କୃତିକ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବ୍ରହ୍ମପୁର ଡାଙ୍ଗୁଆସାହି, ଭଦ୍ରକ, ସମୟ: ସକାଳ ୮ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିହିଡ଼ି ଥାନା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ 'ସର୍ଗିଫୁଲ', ସ୍ଥାନ: ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଯୋଡ଼ାସ୍ଥିତ ବନେଇକଳା ଖେଳ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ ଟା ୪୫।

- ସ୍ମୃତି ସଭା ଏବଂ ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ ବ୍ଲକ୍, ସମୟ : ସନ୍ଧ୍ୟା ୫ ଟା।
- ସାଇବାବାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଧାତ୍ମିକ ଆଲୋଚନା ଏବଂ ଭଜନ ସମ୍ମିଳନୀ, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।
- ରକ୍ତଦାନ ଶିବିର, ସ୍ଥାନ: ମରୈଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

**ମୟୂରଭଞ୍ଜ**
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ସିନିଅର ଡ୍ୟାନ୍ସ ଗ୍ରୁପର ଫାଇନାଲ କାର୍ଯ୍ୟକ୍ରମ,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ବ୍ରହ୍ମାକୁମାରୀସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ, ଗିରିରୋଡ,ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷାଙ୍କ ଗସ୍ତ, ସ୍ଥାନ: ଉତ୍କଳ ବାଳାଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଅନୁଗୋଳ**
- ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ସଙ୍ଗଠନ ପକ୍ଷରୁ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୭ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ପ୍ରଥମାଷ୍ଟମୀ ଉତ୍ସବ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅଶ୍ରୁଖୋଲା ପ୍ରକଳ୍ପ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତଳା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା ; ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ପଳସୁଧା, ଗରଦପୁର, ସମୟ: ଅପରାହ୍ନ ୩ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାତ୍ସୋବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସିଦ୍ଧ ମହାପୁରୁଷ ଭୋଳିବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯାଜପୁର ରୋଡ ଚୋରଦା ବାଇପାସସ୍ଥିତ ତାରଣୀ ମନ୍ଦିରରେ ଅଷ୍ଟମୀ ଉପଲକ୍ଷେ ମା'ଙ୍କ ବଡ ସିଂହାର ବେଶ, ସ୍ଥାନ : ମନ୍ଦିର ପରିସର, ସମୟ : ସକାଳ ୭ଟା।

**ନୟାଗଡ଼**
- ରଙ୍ଗୋଲି ଓ ପୋଷ୍ଟରିଂ ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ନିକଟ, ସମୟ: ସକାଳ ୮ଟା।
- ପ୍ରଥମାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୯ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ, ନୟାଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ନାଗାବଳୀ ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ମଧୁମେହ ଓ ରକ୍ତଚାପ ଚିହ୍ନଟ ଶିବିର, ସ୍ଥାନ: ଗୁରୁମଗୁଡା, ରାୟଗଡ଼ା, ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଖିଲାମଣ୍ଡା ଆରଏମସି, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ପାନାବେଡା ହାଇସ୍କୁଲ ପଡିଆ, ଚନ୍ଦାହାଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ସାହିତ୍ୟିକ ଭାଗିରଥି ପାତ୍ରଙ୍କ ୮୭ ତମ ଜୟନ୍ତୀ ସମାରୋହ, ସ୍ଥାନ : ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ସନ୍ଧ୍ୟା ୬ ଟା।

**କୋରାପୁଟ**
- ଜିଲାସ୍ତରୀୟ ପରବ ମଶାଲ ଶୁଭାରମ୍ଭ, ସ୍ଥାନ: କୁଟୁଣୀ ପଦର, କୁନ୍ଦୁରା ବ୍ଲକ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଲୋକ ମହୋତ୍ସବ ପରବ ଉଦ୍‌ଘାଟନ, ସ୍ଥାନ: କୁସୁମଗୁଡ଼ା ପଞ୍ଚାୟତ କୁଟୁଣୀପଦର ଶୈବପୀଠ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ରଙ୍ଗୋଲି ଆୟୋଜିତ ଭଏସ ଅଫ ପଶ୍ଚିମ ଓଡ଼ିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଜ୍ଞାନ ଓ କଳା ପ୍ରଦର୍ଶନୀର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ : ମାନେଶ୍ୱର ବ୍ଲକ ବଲାରଙ୍ଗା ଉଚ୍ଚ ବିଦ୍ୟାଳୟ ସଭାକକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ବଲାଙ୍ଗୀର ଜିଲା ଗସ୍ତ, ସ୍ଥାନ: ଆକସ୍ମିକ କ୍ଷେତ୍ର ପରିଦର୍ଶନ, ତୁରେକେଲା ବ୍ଲକ, ସମୟ: ସକାଳ ୬ଟା ୩୦।
- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ତୁମେକଲା ବ୍ଲକସ୍ତରୀୟ ସମୀକ୍ଷା ବୈଠକ,ସ୍ଥାନ: ତୁରେକେଲା ବ୍ଲକ କାର୍ଯ୍ୟାଳୟ, ତୁରେକେଲା, ବଲାଙ୍ଗୀର ଜିଲା, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଜାତୀୟ ଇଏମ୍‌ଆର୍‌ଏସ୍ କ୍ରୀଡା ସମାବେଶର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମ୍ୟୁନିସିପାଲ କଲେଜରେ ମାନବିକତା ଶୀର୍ଷକ ଜାତୀୟ ସମ୍ମାନର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବିପିୟୁଟି ସମ୍ମିଳନୀ କକ୍ଷ, ଛେଣ୍ଡ, ସମୟ: ମଧ୍ୟାହ୍ନ ୧୨ଟା।
- ସାହିତ୍ୟରେ ଭାଷା ସରଳୀକରଣ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ନ୍ୟାଶନାଲ କ୍ଲବ, ପାୱାର ହାଉସ୍ ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:କ୍ରିଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ସହରାଞ୍ଚଳ ବିକାଶ ଉପରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ତିଲେଇବଣି ବ୍ଲକ ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭା ଥାନା ପକ୍ଷରୁ ମେଗା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତରଭା ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

ପ୍ରଥମ ପୃଷ୍ଠାରୁ...

## ନୂଆପଡ଼ାରେ ୭୯.୦୨%...

ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଏହି ଦୁଇ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ, ବୁଥ୍ ନମ୍ବର ୨୪୬ ଏବଂ ୨୯୮ରେ ଇଭିଏମ୍ ଓ ଭିଭିପିଏଟି ପରିବର୍ତ୍ତନ କରାଯାଇଛି। ୨୪୬ ନମ୍ବର ବୁଥ୍‌ରେ ଇଭିଏମ୍ (୧-ବିୟୁ, ୧ସିୟୁ, ୧ ଭିଭିପିଏଟି) ପରିବର୍ତ୍ତନ କରାଯାଇଥିବାବେଳେ ବୁଥ୍ ନମ୍ବର ୨୯୮ରେ ଭିଭିପିଏଟି ବଦଳାଯାଇଛି। ଏହାସହିତ ବୁଥ୍ ନମ୍ବର ୮୦ରେ ୧-ବିୟୁ, ୧ସିୟୁ ଏବଂ ୧ ଭିଭିପିଏଟି ମେଶିନ ପରିବର୍ତ୍ତନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅବଳା ବଳା,**
**ଘରେ ଭାତ ନାହିଁ, ଦାଣ୍ଡକୁ ପଳା।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ସୁକୁମାରୀ ରାଜଦୁହିତା,**
**କେମନ୍ତେ କରିବେ ଯୋଗୀ ଘଇତା।**

ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁକୁ ବୁଲି ଭିକ ମାଗି ଆଣିଲେ ଖାଏ ନ ହେଲେ ନାହିଁ। ଏପରିସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖ କଷ୍ଟ କିଛି ଜାଣି ନ ଥାଏ, ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା' ହେଲେ ସେଠି ସେ କିପରି ଚଳିବ ସେନେଇ ଚିନ୍ତା ବ୍ୟସ୍ତତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପାନୀୟ ଜଳ...

ଏପରି କି ସମ୍ପୃକ୍ତ କମ୍ପାନୀ କାର୍ଯ୍ୟକୁ କିଭଳି ଅଧିକ ବିଳମ୍ବ କରିହେବ, ସେନେଇ ଜମି ସମସ୍ୟା ଉପସ୍ଥାପନ କରୁଛି। ତେବେ କେଉଁ କାରଣରୁ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ ଏବଂ ଏହାର ନିରାକରଣ କେବେ ସୁଦ୍ଧା ହେବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ପଞ୍ଚାୟତିରାଜ ବିଭାଗକୁ ଏ ସଂକ୍ରାନ୍ତରେ ଟିକିନିଖି ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

ସୂଚନା ଅନୁଯାୟୀ, ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୨୦୭ଟି ପାନୀୟଜଳ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି ୨୩ଟିର କାର୍ଯ୍ୟ ଶେଷ ହୋଇଛି। ହେଲେ କେତେକ ସ୍ଥାନରେ ଏଯାଏ ଲୋକଙ୍କ ପାଖରେ ସେଥିରୁ ପାଣି ଯୋଗାଣ ହୋଇପାରିନାହିଁ। ଅନ୍ୟପକ୍ଷେ ବାକିଥିବା ୧୮୪ଟି ପ୍ରକଳ୍ପ ମଧ୍ୟରୁ ଅଧିକାଂଶର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଯେଉଁ ପ୍ରକଳ୍ପ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ ହେବାକଥା ତାହା ଏପର୍ଯ୍ୟନ୍ତ ଅଧାପନ୍ତରିଆ ହୋଇ ପଡ଼ିରହିଛି। ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୬ ସୁଦ୍ଧା ଆଉ ୬୧ଟି ପ୍ରକଳ୍ପ ଶେଷ ହେବାକଥା, ମାତ୍ର ତାହା ମଧ୍ୟ ଅନିଶ୍ଚିତତା ଦେଇ ଚାଲୁରହିଛି। ତେବେ ଅନୁଗୋଳରେ ପ୍ରାୟ ୧୦୦ କୋଟି ଟଙ୍କାର ୬ଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଜଳଜୀବନ ମିଶନ ଏବଂ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଅର୍ଥରେ ଏହିସବୁ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିଲେ ହେଁ ଶେଷହେବାର ନାଁ ଧରୁନାହିଁ। ସେହିପରି ବାଲେଶ୍ୱରରେ ୭୭୦ କୋଟିରେ ୬ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟାନ୍ୟ ଜିଲାରେ ଅନୁରୂପ ଭାବେ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବୈଠକରୁ ଜଣାଯାଇଛି। ବୈଠକରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍‌ସାମନ୍ତରାୟ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିହାର: ଏକ୍‌ଜିଟ୍...

୮୭-୧୦୨ ଆସନରେ ସଫଳତା ପାଇପାରେ ବୋଲି ଅନୁମାନ କରିଛି। ପିପୁଲ୍ସ ପଲ୍ସ ଏନ୍‌ଡିଏ ୧୩୩-୧୫୯ ଏବଂ ମହାମେଣ୍ଟ ୭୫-୧୦୧ ଆସନରେ ସଫଳତା ପାଇବା ନେଇ ଆକଳନ କରିଛି। ଜେଭିସିର ଭବିଷ୍ୟବାଣୀ ହେଲା ଏନ୍‌ଡିଏ ୧୩୫-୧୫୦ ଏବଂ ମହାମେଣ୍ଟ ୮୮-୧୦୩ ଆସନ ଦଖଲ କରିବେ। ସେହିପରି ଏନ୍‌ଡିଏ ୧୩୩-୧୪୮ ଏବଂ ମହାମେଣ୍ଟ ୮୭-୧୦୨ ଆସନ ପାଇବା ନେଇ ପୋଲ୍‌ଷ୍ଟାର୍ଟ ଅନୁମାନ କରିଛି।

## ଏସ୍‌ଆଇ ପରୀକ୍ଷା...

ସୁପାରିସ କରାଯାଇଥିଲା। ଏଥିଲାଗି କେନ୍ଦ୍ର ସରକାରଙ୍କଠାରୁ ଆବଶ୍ୟକ ଅନୁମୋଦନ ମିଳିଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ସହ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥିବା ନେଇ ରାଜ୍ୟ ସରକାର ସନ୍ଦେହ କରୁଛନ୍ତି। ଏଥିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହ ମଧ୍ୟ ରହିଛି। ତେଣୁ ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଟୋବର ୨୨ରେ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣକରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାରୁ ଘଟଣା ଭିନ୍ନ ମୋଡ଼ ନେବ। ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡ଼ଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ସୂଚନା ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଅକ୍ଟୋବର ୧ରେ ଏନେଇ ରୁଜୁ ହୋଇଥିବା ମାମଲା (ନଂ.୭/୨୦୨୫)କୁ ସିବିଆଇ ନେଇ ଖୋଳତାଡ଼ କରିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସିବିଆଇ ଏନେଇ ନୂଆ ମାମଲା ରୁଜୁ କରି ଖୁବଶୀଘ୍ର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଢ଼ାଉ କରିବାକୁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏସ୍‌ଆଇ ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ଆଇଟିଆଇ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ ଟେଣ୍ଡର ଦେଇଥିଲା। ସିଲିକନ୍ ମାଲିକ ସୁରେଶ ଚନ୍ଦ୍ର ନାୟକ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ ପାଇଁ ଦାୟୀ ଥିଲେ। ସିଲିକନ୍ ପକ୍ଷରୁ ଏହି କାମକୁ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦିଆଯାଇଥିଲା। ସୁରେଶ ଓ ଶଙ୍କର ନିୟମିତ ଯୋଗାଯୋଗରେ ରହି ପୂରା କେଲେଙ୍କାରୀ କରିବାକୁ ଯୋଜନା କରିଥିଲେ। ଏପରିକି ଶଙ୍କର ଓ ସୁରେଶଙ୍କ ସହ ଓପିଆର୍‌ବିର କିଛି ଅଧିକାରୀ ଏବଂ ଅନ୍ୟ ପୋଲିସ ଅଧିକାରୀ ମଧ୍ୟ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ତେଣୁ ସିବିଆଇ ଏହି କେଲେଙ୍କାରୀରେ ଚେର ଖୋଜିଲେ ବଡ଼ବଡ଼ିଆଙ୍କ ଲିଙ୍କ୍ ଆସିବ ବୋଲି ଚର୍ଚ୍ଚା ହେଉଛି। ଏହି ମାମଲାରେ ଏଯାବତ ୧୨୫ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ଥିବା ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ଅନ୍ୟ ୧୧ଜଣ ଜେଲରେ ଅଛନ୍ତି।

## ପୁଲ୍‌ୱାମା ଡାକ୍ତର...

ସହ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ଏବଂ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ମିଳିବା ଘଟଣାର କିଛି ଘଣ୍ଟା ପରେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟିଥିଲା। ସୋମବାର ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଡା. ମୁଜାମ୍ମିଲ ଗନାଇ ଏବଂ ଡ. ଶାହିନ ସୟିଦ ଥିଲେ। ଉଭୟ ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ସହ ସମ୍ପୃକ୍ତ, ଯେଉଁଠୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା।

ତଦନ୍ତକାରୀ ଅଫିସରମାନେ ମଙ୍ଗଳବାର ଅଲ୍ ଫଲାହ ୟୁନିଭର୍ସିଟିର ଆଉ ୩ ଜଣ ଡାକ୍ତରଙ୍କୁ ହାଜତକୁ ନେଇଛନ୍ତି। ଦିଲ୍ଲୀ ପୋଲିସର କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ସକାଳେ ୟୁନିଭର୍ସିଟିରେ ପହଞ୍ଚି କ୍ୟାମ୍ପସ୍‌ରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏଥିସହିତ ସେଠାର ଲୋକଙ୍କୁ ପଚରା ଉଚରା କରି ୩ ଡାକ୍ତରଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ଉଦ୍ୟମ ଚଳାଇଥିଲା। ଏହି ଡାକ୍ତରମାନେ ହେଲେ ମୁଜାମ୍ମିଲ ଶକିଲ, ଉମର ମହମ୍ମଦ ଏବଂ ଶହିନ ଶୟିଦ। ମୁଜାମିଲ ଏବଂ ଉମରଙ୍କ ଘର କଶ୍ମୀର ହୋଇଥିବାବେଳେ ଶାହିନ ଲକ୍ଷ୍ନୌ ବାସିନ୍ଦା। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶାହିନ ଭାରତରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମହିଳା ନିଯୁକ୍ତି ଶାଖା ଚଳାଉଥିଲେ। ସେ ଉକ୍ତ ଗ୍ରୁପ୍‌ର ମହିଳା ଶାଖା ଜମାତ୍-ଉଲ୍-ମୋମିନାତ୍‌ର ମୁଖ୍ୟ ରହିଥିଲେ। ଉମର ବିସ୍ଫୋରଣରେ ବ୍ୟବହୃତ ହ୍ୟୁଣ୍ଡାଇ ଆଇ୨୦ କାର୍ ଚଳାଉଥିଲେ। ପୁଲ୍‌ୱାମା ଜିଲା ଲେଥ୍‌ପୋରାର ଏହି ଡାକ୍ତର କାର୍‌ରେ ସମ୍ଭବତଃ ଆମୋନିୟମ୍ ନାଇଟ୍ରେଟ୍ ଆଣିଥିଲେ ବୋଲି କୁହାଯାଉଛି। ତେବେ ଆତ୍ମଘାତୀ ଆକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି।

ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ବିସ୍ଫୋରଣରେ ଆମୋନିୟମ୍ ନାଇଟ୍ରେଟ୍, ଜାଳେଣି ତୈଳ ଏବଂ ଡିଟୋନେଟର ବ୍ୟବହୃତ ହୋଇଥାଇପାରେ। ପୁଲ୍‌ୱାମା ଜିଲାର ତାରିକ୍ ନାମକ ବ୍ୟକ୍ତି ଉକ୍ତ ହ୍ୟୁଣ୍ଡାଇ କାର୍‌କୁ ଉମରଙ୍କୁ ଦେଇଥିଲେ। ତାରିକ୍‌ଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ, ଏନ୍‌ଆଇଏ ଏବଂ ଗୋଇନ୍ଦା ସଂସ୍ଥା ଦିଲ୍ଲୀ ଏବଂ କଶ୍ମୀରରେ ତନାଘନା ଚଳାଇଛନ୍ତି। କଶ୍ମୀରରେ ଚଢ଼ାଉ ବେଳେ ୪ ଜଣଙ୍କୁ ଅଟକ ରଖାଯାଇଛି। ଦିଲ୍ଲୀ ବିସ୍ଫୋରଣ ଏବଂ ଆନ୍ତଃରାଜ୍ୟ ଟେରର ମଡ୍ୟୁଲ୍ ସହ ସେମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବା ପାଇଁ ୨ ଜଣଙ୍କୁ ମିଳିତ ଜେରା ପାଇଁ ନିଆଯାଇଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଏବଂ ବିସ୍ଫୋରକ ଆଇନର ବିଭିନ୍ନ ଧାରାରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିବା ସହ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଦିଲ୍ଲୀ ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସ୍ ଟର୍ମିନାଲରେ ହାଇଆଲର୍ଟ ସହ କଡ଼ା ସତର୍କତା ଗ୍ରହଣ କରାଯାଇଛି। ସିସିଟିଭି ଫୁଟେଜ୍‌ରୁ ଜଣେ ମାସ୍କ ପିନ୍ଧିଥିବା ବ୍ୟକ୍ତି କାର୍ ଚଳାଉଥିଲେ। କାର୍‌ରେ କେବଳ ଉମର ଥିଲେ ବୋଲି ପୋଲିସ କହିଛି। ବିଭିନ୍ନ ତଦନ୍ତକାରୀ ସଂସ୍ଥା ଲାଲ୍‌କିଲ୍ଲା ଆଖପାଖ ଅଞ୍ଚଳ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସିଟିଭିଗୁଡ଼ିକର ଯାଞ୍ଚ କରୁଛନ୍ତି।

## ଇସ୍‌ଲାମାବାଦ କୋର୍ଟ...

ନକ୍‌ଭି କହିଛନ୍ତି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପାକିସ୍ତାନରେ ଆତଙ୍କବାଦୀମାନର ପ୍ରାୟୋଜକମାନେ ପାଣ୍ଠି ଯୋଗାଣ ୩ ଗୁଣ ବଢ଼ାଇ ଦେଇଥିବା ମନ୍ତ୍ରୀ କହିଛନ୍ତି। ଆଫଗାନିସ୍ତାନ ମାଟିରୁ ହେଉଥିବା ଆତଙ୍କବାଦ ବନ୍ଦ ହେବା ଆବଶ୍ୟକ ବୋଲି ପାକିସ୍ତାନ କାବୁଲ୍‌କୁ ସ୍ପଷ୍ଟ ଭାବେ କହିଆସୁଛି। ଏହା ବନ୍ଦ ନ ହେଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ନକ୍‌ଭି କହିଛନ୍ତି। ଏହା ଆତ୍ମଘାତୀ ଆକ୍ରମଣ ବୋଲି ପାକ୍ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦ୍ଦାରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ କହିଛନ୍ତି। ଏହି ବିସ୍ଫୋରଣ ଜରିଆରେ ଆଫଗାନ୍ ତାଲିବାନ୍ ଏକ ବାର୍ତ୍ତା ପଠାଇଛି। ସେମାନେ ଆତଙ୍କବାଦ ବନ୍ଦ କରିବା ବଦଳରେ ଏଭଳି ଆକ୍ରମଣ କରିଛନ୍ତି। ଏହାର ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ପୂର୍ଣ୍ଣ ସାମର୍ଥ୍ୟ ରହିଥିବା ଅସିଫ୍ କହିଛନ୍ତି।

## ଡାଭିଡ୍ ଜାଲେଙ୍କୁ...

ଅନ୍ୟମାନେ ହେଲେ କିରନ୍ ଦେଶାଇ (ଦି ଲୋନ୍‌ଲିନେସ୍ ଅଫ୍ ସୋନିଆ ଆଣ୍ଡ ସନ୍ନି), ଆଣ୍ଡ୍ରୁ ମିଲେର (ଦି ଲ୍ୟାଣ୍ଡ ଇନ୍ ୱିଣ୍ଟର), ସୁସାନ୍ ଚୋଇ (ଫ୍ଲାଶ୍‌ଲାଇଟ୍), କାଟିଏ କିଟାମୁରା(ଅଡିଶନ୍) ଓ ବେଞ୍ଜାମିନ୍ ମର୍କୋଭିଟ୍ସ (ଦି ରେଷ୍ଟ ଅଫ୍ ଆୱାର୍ସ ଲାଇଭ୍ସ)। ତେବେ ଶେଷରେ ସନ୍ଧ୍ୟାର ଡାର୍କ ହର୍ସ ରୂପେ ଜାଲେ ଉଭା ହୋଇ ସମସ୍ତଙ୍କୁ ପଛରେ ପକାଇଦେଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଗୃହ ସମସ୍ୟା, ଭୂମି, ଗାଡ଼ି ମୋଟର ସମ୍ପର୍କିତ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ଅପରିବର୍ତ୍ତିତ ରହିବା କାରଣରୁ ଚିନ୍ତିତ ରହିପାରନ୍ତି।

**ବୃଷ**
ବନ୍ଧୁଙ୍କ ପରାମର୍ଶ ଆପଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ୍ କରିବାକୁ ପଡ଼ିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ।

**ମିଥୁନ**
ଭାବପ୍ରବଣତାବଶତଃ ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ମହଙ୍ଗା ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଅସୁବିଧା ହେବନାହିଁ।

**କର୍କଟ**
ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ଦୁରବସ୍ଥା ମନସ୍ତାପର କାରଣ ହେବ।

**ସିଂହ**
ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟଗତ ବୈଷମ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ରଚନାତ୍ମକ କାମ, ଅଧ୍ୟାପନା, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହେବ। ଅନ୍ୟ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା**
କର୍ମକ୍ଷେତ୍ରର ଅବ୍ୟବସ୍ଥା ପାରିବାରିକ ଜୀବନକୁ ପ୍ରଭାବିତ କରିବ। ମାନସିକ ଅଶାନ୍ତିଜନିତ ପ୍ରତ୍ୟେକ କାମରେ ଭଗ୍ନମନୋରଥ ଯନ୍ତ୍ରଣାକୁ ବଢ଼ାଇପାରେ। ଆନୁଷ୍ଠାନିକ କାମରେ ଯୋଗଦେବା ସଙ୍ଗକୁ ଅପରିଚିତ ବ୍ୟକ୍ତିଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ପରିଜନଙ୍କ ସହିତ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସଙ୍ଗକୁ ଆନୁଷ୍ଠାନିକ କାମ ଓ ସାମୂହିକ ଆଲୋଚନା ଫଳପ୍ରଦ ହେବ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି।

**ଧନୁ**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟଙ୍କ ମନ କିଣି ନେଇପାରନ୍ତି। ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିପାରେ। ପରିବାରର ଆବଶ୍ୟକତାକୁ ନେଇ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର**
ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବା କାରଣରୁ ଆପଣଙ୍କ ଆଶା ଆଶାରେ ହିଁ ରହିଯିବାର ସୂଚନା ରହିଛି। ଅବଶ୍ୟ ନିକଟ ସମ୍ପର୍କୀୟ ପ୍ରିୟଜନଙ୍କ ଆଶ୍ୱାସନା ସାମୟିକ ମନକୁ ଲାଘବ କରିଦେଇପାରେ। ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରନ୍ତି।

**କୁମ୍ଭ**
ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡ଼ନ ସୃଷ୍ଟି କରିବ। ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ, ସାମାଜିକ ଏବଂ ରାଜନୈତିକ ସ୍ଥିତି ପୂର୍ବବତ୍ ରହିବାର ଆଶା କରାଯାଇପାରେ।

**ମୀନ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟିରେ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଭଲ ସମ୍ପର୍କ ରହିଥିବା ଲୋକଙ୍କ ଈର୍ଷାପରାୟଣତା ହେତୁ ବିବ୍ରତବୋଧ କରିପାରନ୍ତି। ଦୀର୍ଘଦିନରୁ ଆଶା କରିଥିବା ସରକାରୀ ସ୍ତରରୁ ଶୁଭଖବରଟି ପାଇ ଆତ୍ମହରା ହୋଇପାରନ୍ତି।

ଆଜି ନଭେମ୍ବର ୧୨ ତାରିଖ। ରାଷ୍ଟ୍ରୀୟ ପ୍ରସାରଣ ଦିବସ, ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର। ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୯୫.୫୭ମି. ଗତେ ଘ.୦୮.୧୦ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ. ୧୨.୫୪ମି. ମଧ୍ୟେ ରାହୁ କାଳ।




# ଶିଶୁଙ୍କ ମଧ୍ୟରେ ଓଡ଼ିଶାର ଭବିଷ୍ୟତ ରହିଛି

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-ଉତ୍ସାହ' ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୧୧
(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-ଉତ୍ସାହ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ କଳିଙ୍ଗ ଷ୍ଟାଡିୟମଠାରେ ୫ଦିନ ଧରି ଚାଲିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ଯୋଜନାର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ କଫି ଟେବୁଲ ପୁସ୍ତକ 'ଷ୍ଟୋରିଜ୍ ଅଫ୍ କେୟାର, କରେଜ ଆଣ୍ଡ୍ ଚେଞ୍ଜ୍'କୁ ଉନ୍ମୋଚନ କରୁଛନ୍ତି।

କୃତ୍ତିବାସ ରାଉତ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରତ୍ୟେକ ଶିଶୁ ମଧ୍ୟରେ ଭରି ରହିଥିବା ପ୍ରତିଭାର ପରିପ୍ରକାଶ ନିମନ୍ତେ 'ମହକ' ଏକ ପ୍ରକୃଷ୍ଟ ମଞ୍ଚ ହେବ। ରାଜ୍ୟର ଶିଶୁମାନଙ୍କ ମଧ୍ୟରେ ଓଡ଼ିଶାର ଆଗାମୀ ଦିନର ଭବିଷ୍ୟତ ସୁପ୍ତ ଭାବେ ରହିଛି। ଉପଯୁକ୍ତ ମାର୍ଗଦର୍ଶନ ଜରିଆରେ ଶିଶୁମାନେ ଉତ୍ତମ ନାଗରିକ ହୋଇପାରିବେ। ସେମାନେ ସଂସ୍କୃତି ନିର୍ମାଣ କରିବା ସହ ଦେଶ ଓ ଜାତିର ବିକାଶରେ ଭାଗୀଦାର ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଅଂଶଗ୍ରହଣ କରିଛନ୍ତି। ଶିଶୁମାନେ ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିବେ। ଏହି ଅବସରରେ ମିଶନ ବାତ୍ସଲ୍ୟର ସଫଳତା ଉପରେ ଏକ ବୃତ୍ତଚିତ୍ର ପରିବେଷିତ ହୋଇଥିଲା। ଏଥିସହ ଓଡ଼ିଶାରେ ଶିଶୁ ସୁରକ୍ଷା ଯାତ୍ରା ଉପରେ ଆଧାରିତ ଏକ କଫି ଟେବୁଲ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ନିଃସର୍ତ୍ତ କ୍ଷମାପ୍ରାର୍ଥନା କଲେ ବ୍ରହ୍ମପୁର ଏସ୍‌ପି

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ମନ୍ତବ୍ୟ

କଟକ,୧୧।୧୧ (କାର୍ତ୍ତିକ ସାହୁ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍ ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ମାମଲାର ଶୁଣାଣି କରି ଏସ୍‌ପିଙ୍କ ସତ୍ୟପାଠ ଓ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ମାମଲା ନ ଚଳାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସ୍‌ପି ଶ୍ରବଣ ଏକ ନିର୍ବାଚନୀ ମାମଲା ସହ ପୀତବାସ ପଣ୍ଡାଙ୍କ ମୃତ୍ୟୁ ଘଟଣାକୁ ଯୋଡ଼ି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

ସୂଚନାନୁସାରେ, ଆବେଦନକାରୀ ମନୋଜ କୁମାର ପଣ୍ଡା ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଜଣାଇଥିଲେ ଯେ, ଗତ ଅକ୍ଟୋବର ୨୨ରେ ସ୍ଥାନୀୟ ରେଳଷ୍ଟେଶନରୁ ସେ ଘରକୁ ଯାଉଥିବାବେଳେ ସାଧାରଣ ପୋଷାକରେ ଥିବା ୩ଜଣ ପୋଲିସ


ଶ୍ରବଣ ବିବେକ ଏମ୍

ତାଙ୍କୁ ଜବରଦସ୍ତି ପୋଲିସ ଗାଡ଼ିରେ ବସାଇ ନେଇଯାଇଥିଲେ। ଅକ୍ଟୋବର ୨୪ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ବାରାକରେ ରଖି ପଚରାଉଚରା କରାଯାଇଥିଲା। ସେ ବ୍ରହ୍ମପୁରର ନିର୍ବାଚିତ ବିଧାୟକଙ୍କ ବିରୋଧରେ କେମିତି ମାମଲା କଲେ ବୋଲି ପଚରାଗଲା। ଅନ୍ୟପକ୍ଷରେ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ଏସ୍‌ପିଙ୍କର ଏକ ଖବରଦାତା ସମ୍ମିଳନୀ ବାବଦରେ ପ୍ରକାଶିତ ଏକ ଖବରକୁ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯେଉଁଥିରେ ଏସ୍‌ପି କହିଥିଲେ ଯେ, ବିକ୍ରମ ପଣ୍ଡା ଓ ଶିବ ଶଙ୍କର ଦାସଙ୍କ ମଧ୍ୟରେ କମନ୍ ଲିଙ୍କ୍ ରହିଛି। ସ୍ଥାନୀୟ ବିଧାୟକ କେ. ଅନିଲ କୁମାରଙ୍କ ବିରୋଧରେ ଦାଏର ନିର୍ବାଚନୀ ମାମଲା କମନ୍ ଲିଙ୍କ୍ ଥିଲା ବୋଲି କହିଥିଲେ। ଏହି ନିର୍ବାଚନୀ ମାମଲା ଶିବଶଙ୍କର ଦାସଙ୍କ ନାମରେ ଦାଖଲ ହୋଇଥିଲା, କିନ୍ତୁ ବାସ୍ତବରେ ତାହା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଦ୍ୱାରା ଆର୍ଥିକ ଭାବେ ସହାୟତା ପାଇଥିଲା। ଅଦାଲତରେ ମାମଲା ବିଚାରାଧୀନ ଥିବା ବେଳେ ଜଣେ ପୋଲିସ ଅଧିକାରୀଙ୍କ ସାର୍ବଜନିକ ଟିପ୍ପଣୀ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ଏସ୍‌ପି ନିଜ ଚରିତ୍ର ସଂକ୍ରାନ୍ତରେ ନଭେମ୍ବର ୧୦ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ଡିସେମ୍ବର ୧୭ରେ ଓଟିଇଟି

## ଆଜିଠାରୁ ଫର୍ମ ପୂରଣ

କଟକ,୧୧।୧୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି)-୨୦୨୫ ଆଗାମୀ ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ଯାଏ ପେପର-୧ ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଏଥିନିମନ୍ତେ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୨ରୁ ୨୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିସହ ଦେୟ ଦାଖଲ ପାଇଁ ନଭେମ୍ବର ୨୬ ତାରିଖ ରାତ୍ର ୧୧ଟା ୪୫ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଛି। ବୋର୍ଡ ୱେବସାଇଟ୍ www.bseodisha.ac.inରେ ଅନ୍‌ଲାଇନ ଜରିଆରେ ୨୪ ଘଣ୍ଟିଆ ଚାଲିବ। ଫର୍ମପୂରଣ ଅବଧି ଆଉ ବର୍ଦ୍ଧିତ କରାଯିବ ନାହିଁ। ଏ ସଂକ୍ରାନ୍ତୀୟ ବିସ୍ତୃତ ବିବରଣୀ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ସେହିପରି ଆଡ୍‌ମିଟ୍ କାର୍ଡ ଡିସେମ୍ବର ୧୦ରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। କୌଣସି ପରୀକ୍ଷାର୍ଥୀଙ୍କ ତଥ୍ୟ ମିଥ୍ୟା ବା ଭୁଲ ଜଣାପଡ଼ିଲେ ତାଙ୍କ ଆବେଦନ ଅଗ୍ରାହ୍ୟ କରାଯିବ। ଏଥିସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରୀକ୍ଷାର୍ଥୀଙ୍କ ଦ୍ୱାରା ଅନ୍‌ଲାଇନ ଜରିଆରେ ପ୍ରଦାନ କରାଯାଇଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି ଓ ପରୀକ୍ଷା ବିଷୟ ପରବର୍ତ୍ତୀ ସମୟରେ ବଦଳା ଯାଇପାରିବ ନାହିଁ। ତେଣୁ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ ସମୟରେ ଏସବୁ ପ୍ରତି ସଜାଗ ରହିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ହାତୀ ନେଲା ୨ଚାଷୀଙ୍କ ଜୀବନ


## କ୍ଷେତକୁ ପାଚିଲା ଧାନ ଜଗିବାକୁ ଯାଉଥିଲେ

ଜମନକିରା,୧୧।୧୧
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ବଡ଼ରମା ବନାଞ୍ଚଳ ଅନ୍ତର୍ଗତ କୁତବ ଗାଁର ୨ଜଣ ଚାଷୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଙ୍ଗାରାମ ପଟେଲ(୪୫), ପ୍ରଦୀପ ଘଟୁଆଲ(୬୦)। ଉଭୟେ ନିଜ ଜମିରେ ହୋଇଥିବା ପାଚିଲା ଧାନକୁ ଜନ୍ତୁ ଆକ୍ରମଣରୁ ରକ୍ଷାକରିବା ପାଇଁ ସୋମବାର ରାତି ପ୍ରାୟ ୯ଟାରେ ଯାଇଥିଲେ। ହେଲେ ମଙ୍ଗଳବାର ସକାଳେ ଉଭୟଙ୍କ ମୃତଦେହ କ୍ଷେତକୁ ଯାଇଥିବା ବଣ ରାସ୍ତାରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାଖରେ ହାତୀ ପାଦଚିହ୍ନ ପଡ଼ିଥିଲା। ଏଣୁ ହାତୀ ହାବୁଡ଼ରେ ପଡ଼ିବା ପରେ ସେମାନଙ୍କୁ ଦଳି ମାରିଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବାରେ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀକରି ହୋହଲ୍ଲା କରିଥିଲେ। ହାତୀ ଜଙ୍ଗଲ ନିକଟ ଗାଁ ଓ ପାଚିଲା ଧାନକ୍ଷେତକୁ ଆସୁଥିବାର



ଗତିବିଧି ବନ ବିଭାଗ ରଖୁଥିଲେ ମଧ୍ୟ ଜନସାଧାରଣଙ୍କୁ ସତର୍କ କରୁ ନ ଥିବାରୁ ୨ ଚାଷୀଙ୍କ ଜୀବନ ଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଫରେଷ୍ଟର ଆନନ୍ଦ ପରିଡ଼ା, ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ହାତୀ ଆକ୍ରମଣରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ। ତେବେ ଆଗାମୀ ୭ଦିନ ଭିତରେ ଏହି କ୍ଷକ୍ଷତି ରାଶିର ୧୦ପ୍ରତିଶତ ଦିଆଯିବ ବୋଲି ରେଞ୍ଜର ପଧାନ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଯାଇଥିଲା। ଏ ସଂକ୍ରାନ୍ତରେ ରେଞ୍ଜର ପ୍ରଧାନଙ୍କୁ ପଚାରିବାରୁ ଚାଷଜମି ପାଖରେ ଥିବା ମଞ୍ଚକୁ ଫସଲ ଜଗିବାକୁ ଯାଉଥିବା ବେଳେ ହାତୀ ଦଳିଚକଟି ଦେବାରୁ ଉଭୟଙ୍କ ମୃତ୍ୟୁ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଅମଳ ଅପେକ୍ଷାରେ ଥିବା ଚାଷୀମାନେ ପାଚିଲା ଧାନ ଓ ଅନ୍ୟାନ୍ୟ ଫସଲକୁ ବଞ୍ଚାଇବା ପାଇଁ ମଞ୍ଚବାନ୍ଧି ଜଗୁଥିବା ଦେଖାଯାଉଛି।






ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ମୁସଲମାନଙ୍କୁ ଆହ୍ୱାନ

ଭାରତର ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ୧୦ ନଭେମ୍ବରରେ ହୋଇଥିବା କାର୍ ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ସରକାରୀ ସୂତ୍ର ଅନୁଯାୟୀ ୧୩ରେ ପହଞ୍ଚିଛି। ଘଟଣା ଘଟିଥିବା ସନ୍ଧ୍ୟାରେ ପ୍ରଥମେ ବିଭିନ୍ନ ଖବର ସରବରାହ ସଂସ୍ଥା ମୃତ୍ୟୁ ସଂଖ୍ୟା ୮ରୁ ୧୩କୁ ବୃଦ୍ଧି କରିଥିଲେ। କିଛି ଘଣ୍ଟା ପରେ ସେହି ସଂଖ୍ୟାକୁ ପୁନର୍ବାର ୮କୁ ଖସାଇଥିଲେ। ନଭେମ୍ବର ୧୧ ସକାଳେ ମୃତ୍ୟୁ ସଂଖ୍ୟା ୧୨ ଥିଲା ବେଳେ ସନ୍ଧ୍ୟାରେ କୁହାଗଲା ୧୩। ଅବଶ୍ୟ ବିସ୍ଫୋରଣରେ ଆହତଙ୍କ ମୃତ୍ୟୁ ପରବର୍ତ୍ତୀ ସମୟରେ ଘଟିଥାଇପାରେ ବୋଲି କ୍ରମଶଃ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ବିସ୍ଫୋରଣରେ ସମ୍ପୃକ୍ତ ପ୍ରତ୍ୟେକଙ୍କୁ ଖୋଜି ବାହାର କର। ଯଦି ଦିଲ୍ଲୀ ପୋଲିସର ସେଭଳି ଦକ୍ଷତା ଥାଆନ୍ତା ତେବେ ହୁଏତ ଏଭଳି ଦୁଃଖଦ ଘଟଣା ଘଟିପାରି ନ ଥାନ୍ତା। ପୂର୍ବରୁ ଘଟିଥିବା ପହଲଗାମ ଉଗ୍ରବାଦୀ ଆକ୍ରମଣ ପରେ 'ଅପରେଶନ ସିନ୍ଦୂର' ନାମରେ ପାକିସ୍ତାନ ଉପରେ ସୀମିତ ଆକ୍ରମଣ କରି ଅନ୍ତର୍ଜାତୀୟ ଚହଳ ପକାଇ ଦିଆଯାଇପାରିଥିଲା। କିନ୍ତୁ ସେଥିରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଖୋଜି ବାହାର କରାଯିବାର ସ୍ପଷ୍ଟ ଉଦ୍ୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇ ନ ଥିଲା। ୧୦ ନଭେମ୍ବର ଦିଲ୍ଲୀ ଆକ୍ରମଣ ପାଇଁ ବାହ୍ୟ ଦେଶକୁ ଆଳ କରି ନିଜର ଦୁର୍ବଳତା ଘୋଡ଼ାଇବା ସମ୍ଭବପର ନୁହେଁ ବୋଲି ସରକାର ବୁଝିଲେ। ତେବେ ଇସ୍‌ଲାମୀୟ ହିଂସାର ସୀମା କୌଣସି ଜାତୀୟ ସୀମା ମଧ୍ୟରେ ସୀମିତ ରହୁ ନାହିଁ ବୋଲି ପ୍ରମାଣ ମିଳୁଛି। ଦିଲ୍ଲୀ ପରେ ୧୧ ନଭେମ୍ବରରେ ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦର ଏକ ଅଦାଲତ ନିକଟରେ କାର୍ ବୋମା ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। କୁହାଯାଉଛି ପାକିସ୍ତାନ ବିସ୍ଫୋରଣ ସହିତ ଆଫ୍‌ଗାନିସ୍ତାନର ସମ୍ପର୍କ ରହିଛି।

ଆଜିର ପୃଥିବୀରେ କୌଣସି କଥାକୁ ଅବିଶ୍ୱାସ କିମ୍ବା ବିଶ୍ୱାସ କରିବା କଷ୍ଟକର। ଏବେ ଆମେରିକାର ନ୍ୟୁୟର୍କ ସହରରେ ନିକଟରେ ହୋଇଥିବା ମେୟର ନିର୍ବାଚନରେ ଜୋହରାନ ମାମ୍‌ଦାନୀଙ୍କ ବିଜୟ ବିଶ୍ୱ ମୁସଲମାନ ସମ୍ପ୍ରଦାୟକୁ ଅନେକ ପରିମାଣରେ ମନୋବଳ ଯୋଗାଇ ଦେଇଥାଇପାରେ। ମାମ୍‌ଦାନୀଙ୍କ ମାତା ରାଉରକେଲାରେ ଜନ୍ମ ହୋଇ ଭୁବନେଶ୍ୱରଠାରେ ପାଠ ପଢ଼ିଥାଇପାରନ୍ତି, ହେଲେ ଏହି ମାଟି ସହିତ ତାଙ୍କର ସମ୍ପର୍କ ସେତିକିରେ ଶେଷ। ତାଙ୍କୁ ନେଇ ଓଡ଼ିଶାରେ ଗର୍ବ କରିବାର କୌଣସି କାରଣ ନାହିଁ। ଜୋହରାନଙ୍କ ନ୍ୟୁୟର୍କ ନିର୍ବାଚନରେ ବିଜୟ ସମ୍ଭବତଃ, ଅନ୍ତର୍ଜାତୀୟ ସ୍ତରରେ, ଇସ୍‌ଲାମୀୟ ଚିନ୍ତାଧାରାକୁ ଶକ୍ତିଶାଳୀ କରିଥାଇପାରେ। ଦୀର୍ଘ ସମୟ ଧରି ଇସ୍ରାଏଲ ସହିତ ହମାସର ଯୁଦ୍ଧ ଯୋଗୁ ପୃଥିବୀବ୍ୟାପୀ ଅନେକ ବ୍ୟାଖ୍ୟାନ ସୃଷ୍ଟି ହୋଇଛି।

> **ମୁସଲମାନ ସମ୍ପ୍ରଦାୟରେ ଉଗ୍ରବାଦକୁ ପ୍ରଶ୍ରୟ ଦେଉଥିବା ଅଳ୍ପସଂଖ୍ୟକଙ୍କୁ ସମାଲୋଚନା କରିବା ପାଇଁ ଏବେ ଏକ ସୁଯୋଗ ଆସିଛି। ମୁସଲମାନ ସମ୍ପ୍ରଦାୟ ସେଥିପ୍ରତି କେଉଁପ୍ରକାର ପ୍ରତିକ୍ରିୟା ଦେଖାଉଛି ତାହା ଭବିଷ୍ୟତରେ ଦେଶର ବିଭିନ୍ନ ଧାର୍ମିକ ସମ୍ପର୍କକୁ ନିର୍ଦ୍ଧାରଣ କରିବ।**

ପାଲେଷ୍ଟାଇନ୍‌ର ପ୍ରକୃତ ଶାସକ ହମାସକୁ ମୂଳପୋଛ କରିବାକୁ ଇସ୍ରାଏଲ ଚେଷ୍ଟା କରୁଥିବା କଥା ସେହି ଇସ୍‌ଲାମୀୟ ଚିନ୍ତାଧାରାକୁ ବ୍ୟକ୍ତ କରିଆସୁଛି। ଉଲ୍ଲେଖ କରାଯାଇପାରେ ଯେ, ହମାସ ଏକ ଆତଙ୍କବାଦୀ ସଙ୍ଗଠନ ଏବଂ ସେମାନେ ପାଲେଷ୍ଟାଇନରେ ସାଧାରଣ ନାଗରିକଙ୍କ ଉପରେ ଅନେକ ଅତ୍ୟାଚାର କରିଆସୁଛନ୍ତି। କିନ୍ତୁ ଇସ୍ରାଏଲକୁ ବିରୋଧ କରି ପାଲେଷ୍ଟାଇନ୍‌ର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରୁଥିବା ଲୋକମାନେ ବାସ୍ତବରେ ଉଗ୍ରବାଦର ପରୋକ୍ଷ ସମର୍ଥନ କରୁଛନ୍ତି। ସେହିଭଳି ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଲା ଯେ, ଭାରତରେ ଘଟୁଥିବା ଉଗ୍ରବାଦ ବିରୋଧରେ କୌଣସି ମୁସଲମାନ ସମ୍ପ୍ରଦାୟର ଆଗଧାଡ଼ିର ନାଗରିକ କିମ୍ବା ମୌଲବୀ ଲାଲ୍‌କିଲ୍ଲା ବିସ୍ଫୋରଣ ଭଳି ଭୟଙ୍କର କାର୍ଯ୍ୟକୁ ନିନ୍ଦା ନ କରିବା ଏକ ଭିନ୍ନ ବାର୍ତ୍ତା ଦେଉଛି, ଯାହା ଭାରତବର୍ଷ ପାଇଁ କ୍ଷତିକାରକ।

ହିନ୍ଦୁତ୍ୱ ଏକ ରାଜନୈତିକ ଧାରା ପାଲଟିଯାଇଥିବାରୁ ଅନେକ ହିନ୍ଦୁ ତାହାର ଖୋଲାଖୋଲି ସମାଲୋଚନା କରୁଛନ୍ତି। କିନ୍ତୁ ସେହିଭଳି ମୁସଲମାନ ସମ୍ପ୍ରଦାୟରେ ଉଗ୍ରବାଦକୁ ପ୍ରଶ୍ରୟ ଦେଉଥିବା ଅଳ୍ପସଂଖ୍ୟକଙ୍କୁ ସମାଲୋଚନା କରିବା ପାଇଁ ଏବେ ଏକ ସୁଯୋଗ ଆସିଛି। ମୁସଲମାନ ସମ୍ପ୍ରଦାୟ ସେଥିପ୍ରତି କେଉଁପ୍ରକାର ପ୍ରତିକ୍ରିୟା ଦେଖାଉଛି ତାହା ଭବିଷ୍ୟତରେ ଦେଶର ବିଭିନ୍ନ ଧାର୍ମିକ ସମ୍ପର୍କକୁ ନିର୍ଦ୍ଧାରଣ କରିବ। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପୂର୍ବରୁ ଜମ୍ମୁ-କଶ୍ମୀର, ହରିୟାଣା ଓ ଉତ୍ତରପ୍ରଦେଶରୁ ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨,୯୦୦ କିଲୋଗ୍ରାମର ବିସ୍ଫୋରଣ ସାମଗ୍ରୀ ଜବତ କରାଯାଇଥିଲା। ଏହି ଡାକ୍ତରମାନେ ସମସ୍ତେ ମୁସଲମାନ ହୋଇଥିବା ବେଳେ ଉତ୍ତରପ୍ରଦେଶ ଲକ୍ଷ୍ନୌର ମହିଳା ମୁସଲମାନ ଡାକ୍ତର ଶାହିନ ସୟିଦ ସହଯୋଗୀ ଅଛନ୍ତି। ଗଣମାଧ୍ୟମରୁ ଜଣାପଡ଼ିଛି ଯେ, ହରିୟାଣାର ଅଲ୍ ଫାଲାହ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବା ଡାକ୍ତର ଶାହିନ ପାକିସ୍ତାନସ୍ଥିତ ଜୈଶ-ଇ-ମହମ୍ମଦ (ଜେଇଏମ୍) ସହ ସମ୍ପର୍କରେ ରହି ଭାରତରେ ତା'ର ମହିଳା ଶାଖା 'ଜମାତ-ଉଲ୍-ମୋମିନାତ୍'ର ନେତୃତ୍ୱ ନେଉଥିଲେ। ଏହି ଶାଖାର କାର୍ଯ୍ୟ ହେଉଛି ଶିକ୍ଷିତ ମହିଳା ଓ ବୃତ୍ତିଧାରୀଙ୍କୁ ଆତଙ୍କବାଦ ନେଟ୍‌ୱର୍କ ପ୍ରତି ଆକର୍ଷିତ କରିବା। ପୁଣି ଯେତିକି ସୂଚନା ମିଳିଛି ସେଥିରୁ ଜଣାପଡ଼ିଛି ଯେ, ଦକ୍ଷିଣ କଶ୍ମୀର ପୁଲଓ୍ୱାମା ଜିଲାର ଲେଥ୍‌ପୋରା ବାସିନ୍ଦା ଡାକ୍ତର ଉମର ନବି ହ୍ୟୁଣ୍ଡାଇ ଆଇ୨୦ କାର୍ ଚଳାଇ ନେବା ବେଳେ ଲାଲକିଲ୍ଲାର ଟ୍ରାଫିକ୍ ସିଗ୍‌ନାଲ ନିକଟରେ ବିସ୍ଫୋରଣ ଘଟିଥିଲା। ଅଲ୍ ଫାଲାହ ବିଶ୍ୱବିଦ୍ୟାଳୟ ସହ ସମ୍ପର୍କରେ ଥିବା ଉମର ସେହି ବିସ୍ଫୋରଣରେ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି। ଏହି ପ୍ରଚ୍ଛଦପଟରେ ମୁସଲମାନ ସମ୍ପ୍ରଦାୟର ବିଭିନ୍ନ ସ୍ତରରେ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | | 3 | | |
| | | | | 4 | | | 6 | |
| | | | 5 | 1 | | | 7 | |
| | 9 | | | | | | | |
| | | | 6 | | | | | |
| | | 7 | 4 | 5 | | | | 6 |
| | | 6 | | | | 8 | | 3 |
| | | | | | 1 | | | |
| 2 | | | 8 | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 5 | 1 | 9 | 3 | 6 | 8 | 4 |
| 3 | 4 | 8 | 6 | 5 | 7 | 1 | 2 | 9 |
| 9 | 1 | 6 | 4 | 2 | 8 | 3 | 5 | 7 |
| 6 | 3 | 7 | 9 | 4 | 2 | 5 | 1 | 8 |
| 4 | 9 | 1 | 8 | 3 | 5 | 7 | 6 | 2 |
| 5 | 8 | 2 | 7 | 1 | 6 | 9 | 4 | 3 |
| 2 | 7 | 9 | 5 | 6 | 4 | 8 | 3 | 1 |
| 1 | 5 | 3 | 2 | 8 | 9 | 4 | 7 | 6 |
| 8 | 6 | 4 | 3 | 7 | 1 | 2 | 9 | 5 |

ଗତକାଲିର ଉତ୍ତର

# ଜଙ୍ଗଲ ସମ୍ପଦରେ ନବମ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବୈଶ୍ୱିକ ପରିବେଶଜନିତ ସମସ୍ୟାରାଜିର ଗାମ୍ଭିର୍ଯ୍ୟ ଦୃଷ୍ଟିରୁ ସମ୍ପ୍ରତି ଯେତେବେଳେ ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ପ୍ରସାରଣ ବିଶ୍ୱ ସମ୍ପ୍ରଦାୟର ଈପ୍ସିତ ଲକ୍ଷ୍ୟ ପାଲଟିଛି, ସେତେବେଳେ ଆମ ରାଷ୍ଟ୍ର ନିମନ୍ତେ ଏକ ଯଥାର୍ଥ ଖୁସିର ଖବର ଉପଲବ୍ଧ ହୋଇଛି। ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ସଦ୍ୟତମ ରିପୋର୍ଟ 'ଗ୍ଲୋବାଲ ଫରେଷ୍ଟ ରିସୋର୍ସ ଆସେସ୍‌ମେଣ୍ଟ ୨୦୨୫' ଅନୁଯାୟୀ ଭାରତର ଜଙ୍ଗଲାଞ୍ଚଳର ଆୟତନ ବିଶ୍ୱ ସ୍ତରରେ ନବମ ସ୍ଥାନକୁ ଉନ୍ନୀତ ହୋଇଛି, ଯାହା ପୂର୍ବରୁ ଦଶମ ସ୍ଥାନରେ ଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥି ସହିତ, ଏହି ସମୟ ମଧ୍ୟରେ ବାର୍ଷିକ ନେଟ ଜଙ୍ଗଲ କ୍ଷେତ୍ର ବୃଦ୍ଧି ଦୃଷ୍ଟିରୁ ଭାରତ ତୃତୀୟ ବୃହତ୍ତମ ଦେଶ ଭାବରେ ତା'ର ସ୍ଥାନ ବଜାୟ ରଖିଛି। ଜଙ୍ଗଲ ଦ୍ୱାରା ବାୟୁମଣ୍ଡଳରୁ ବାର୍ଷିକ ଯେତିକି ପରିମାଣର ଅଙ୍ଗାରକାମ୍ଳ ଅପସାରିତ ହେଉଛି, ସେ ଦୃଷ୍ଟିରୁ ଭାରତ ବିଶ୍ୱରେ ପଞ୍ଚମ ସ୍ଥାନର ଅଧିକାରୀ ହୋଇଛି। ଏଫ୍‌ଏଓ ଆକଳନ ପ୍ରକାଶ କରିଛି, ସମ୍ପ୍ରତି ବିଶ୍ୱସ୍ତରରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହେଉଛି ପ୍ରାୟ ୪୧୪ କୋଟି ହେକ୍ଟର, ଯାହା ପୃଥିବୀ ସ୍ଥଳଭାଗର ପ୍ରାୟ ୩୨ ପ୍ରତିଶତ। ଏଥିରୁ ଭାରତର ଜଙ୍ଗଲ କ୍ଷେତ୍ର ହେଉଛି ପ୍ରାୟ ୭୨.୭ ନିୟୁତ ହେକ୍ଟର, ଯାହା ବିଶ୍ୱ ଜଙ୍ଗଲାଞ୍ଚଳର ୨%। ଚଳିତବର୍ଷ ଦଶମ ସ୍ଥାନରୁ ନବମ ସ୍ଥାନକୁ ଉନ୍ନୀତ ହେବା ଆମ ରାଷ୍ଟ୍ରରେ ଜଙ୍ଗଲ ଜମିର ପରିମାଣାତ୍ମକ ଅଭିବୃଦ୍ଧି ଏବଂ ପରିଚାଳନା ଓ ବନୀକରଣ ପ୍ରୟାସର ସ୍ୱୀକୃତିକୁ ପ୍ରତିଫଳିତ କରେ।

ଜଙ୍ଗଲ ଆଚ୍ଛାଦନର ପ୍ରସାରଣ ଜଳବାୟୁ ପରିବର୍ତ୍ତନର ହ୍ରାସନ, ଜୈବବିବିଧତା ସଂରକ୍ଷଣ ଏବଂ ପରିସଂସ୍ଥୀୟ ସେବା ପ୍ରଦାନ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ। ଏହା ଅଙ୍ଗାରକ ସଂରକ୍ଷଣ (କାର୍ବନ ସିକ୍ୱେଷ୍ଟ୍ରେସନ), ଜଳଛାୟା ଅଞ୍ଚଳର ସୁରକ୍ଷା, ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ ଏବଂ ମାନବଜାତିର ଆବଶ୍ୟକତା ପୂରଣରେ ଉତ୍ତମ ଭୂମିକା ନିର୍ବାହ କରେ। ଜଙ୍ଗଲ କ୍ଷେତ୍ରଫଳ ଅନୁଯାୟୀ ବିଶ୍ୱର ଶ୍ରେଷ୍ଠ ଦଶଟି ରାଷ୍ଟ୍ରରେ ଅନ୍ତର୍ଭୁକ୍ତ ହେବା ଭାରତକୁ ପ୍ରାକୃତିକ ପୁଞ୍ଜିର ବିପୁଳ ଭଣ୍ଡାରରେ ଆଶୀର୍ବାଦପ୍ରାପ୍ତ ରାଷ୍ଟ୍ରମାନଙ୍କର ଏକ ଅପେକ୍ଷାକୃତ ଉଚ୍ଚ ଗୋଷ୍ଠୀରେ ସ୍ଥାନିତ କରିଛି। ସମ୍ପ୍ରତି ବିଶ୍ୱରେ ଜଙ୍ଗଲ ଅବକ୍ଷୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ପାଲଟିଛି। ଏହି ପରିପ୍ରେକ୍ଷୀରେ ବାର୍ଷିକ ନେଟ ଜଙ୍ଗଲ କ୍ଷେତ୍ର ବୃଦ୍ଧିରେ ଭାରତର ତୃତୀୟ ସ୍ଥାନ ଅଧିକାର କେବଳ ବିଶାଳ ଜଙ୍ଗଲ ବଜାୟ ରଖିବାରେ ନୁହେଁ, ବରଂ ସେସବୁର ବୃଦ୍ଧି ଘଟାଇବାରେ ଗତିଶୀଳତାର ଏକ ସକାରାତ୍ମକ ସଙ୍କେତ ପ୍ରଦାନ କରେ। ଆତ୍ମତୃପ୍ତିର ବିଷୟ ହେଉଛି ଯେ ସମ୍ପ୍ରତି ବିଶ୍ୱ ଜଙ୍ଗଲକ୍ଷୟ ହାରରେ ହ୍ରାସ ଘଟିଛି, ଯାହା ୧୯୯୦ରୁ ୨୦୦୦ ମଧ୍ୟରେ ପ୍ରତିବର୍ଷ ୧୭.୬ ନିୟୁତ ହେକ୍ଟର ଥିଲାବେଳେ ୨୦୧୫ରୁ ୨୦୨୫ ମଧ୍ୟରେ ଏହା ବାର୍ଷିକ ୧୦.୯ ନିୟୁତ ହେକ୍ଟରକୁ ହ୍ରାସ ପାଇଛି।



ଏହି ସଫଳତାରେ ଅବଦାନ ରଖିଥିବା ଭାରତର ଅନେକ ନୀତିଗତ ନିଷ୍ପତ୍ତି ତଥା ସମ୍ପ୍ରଦାୟ-ଭିତ୍ତିକ ପଦକ୍ଷେପକୁ ବ୍ୟାପକ ଭାବରେ ପ୍ରଶଂସା କରାଯାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବନୀକରଣ ଅଭିଯାନ କାର୍ଯ୍ୟକାରୀ ହେଉଛି, ଯାହା ଜନସଚେତନତା ସୃଷ୍ଟି ଏବଂ ଅଂଶଗ୍ରହଣରେ ବୃଦ୍ଧି ଘଟାଇଛି। ପାରମ୍ପରିକ ଜଙ୍ଗଲ ବାହାରେ ବନ ଏବଂ ବୃକ୍ଷ ଆଚ୍ଛାଦନକୁ ପ୍ରୋତ୍ସାହନ ଦିଆଯାଉଛି; ଯାହାର ଦୃଷ୍ଟାନ୍ତ ହେଉଛି କୃଷି ବନୀକରଣ, ସାମାଜିକ ବନୀକରଣ, ସବୁଜ ଭାରତ ମିଶନ ଏବଂ ଅନ୍ୟାନ୍ୟ ପୁନରୁଦ୍ଧାର କାର୍ଯ୍ୟକ୍ରମ ପରି ଯୋଜନା ଅଧୀନରେ ବୃକ୍ଷରୋପଣ ଅଭିଯାନ। କାର୍ଯ୍ୟକାରୀ ହେଉଥିବା 'କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ' (କାମ୍ପା) ଢାଞ୍ଚା ଭଳି ସାଂଗଠନିକ ପଦ୍ଧତି ନିଶ୍ଚିତ କରେ ଯେ ଯେତେବେଳେ ଜଙ୍ଗଲ ଜମି ବିକାଶମୂଳକ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଏ, ସେତେବେଳେ କ୍ଷତିପୂରଣ ବନୀକରଣ ବାଧ୍ୟତାମୂଳକ। ରିମୋଟ ସେନ୍ସିଂ, ଜିଆଇଏସ୍ ପରି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ତଦାରଖ ଦ୍ୱାରା ଜଙ୍ଗଲ ଆଚ୍ଛାଦନର ଅଗ୍ରଗତି ଓ ଗୁଣବତ୍ତାକୁ ଉତ୍ତମ ଭାବରେ ଆକଳନ କରିବା ନିମନ୍ତେ ଭାରତୀୟ ବନ ସର୍ବେକ୍ଷଣ (ଏଫ୍‌ଏସ୍‌ଆଇ) ଏବଂ ଜାତୀୟ ବନ ପର୍ଯ୍ୟବେକ୍ଷଣ ପଦ୍ଧତି (ଏନ୍‌ଏଫ୍‌ଏମ୍‌ଏସ୍) ଭଳି ସଂସ୍ଥାମାନେ ଏବେ କାର୍ଯ୍ୟରତ।

ଏପରି ସମସ୍ତ ସକାରାତ୍ମକ ଖବର ସତ୍ତ୍ୱେ, କିଛି ସତର୍କତା ଓ ଆହ୍ୱାନକୁ ଦୃଷ୍ଟିରେ ରଖି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡ଼ିବ। ଯଦିଓ ଏସିଆରେ ଭାରତ ପରି କେତେକ ଅବଦାନକାରୀ ରାଷ୍ଟ୍ରରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ଘଟିଛି, ତେବେ ବିଶ୍ୱ ଜଙ୍ଗଲ ଅବକ୍ଷୟ ଏବେ ବି ଚିନ୍ତାଜନକ ସ୍ତରରେ ରହିଛି। ଏହା ମଧ୍ୟ ବିଚାର୍‌ଯୋଗ୍ୟ ଯେ ଜଙ୍ଗଲ ଆୟତନରେ ବୃଦ୍ଧି ସର୍ବଦା ଜଙ୍ଗଲର ଗୁଣବତ୍ତାରେ ଉନ୍ନତି ସାଧନ ସହ ସଂଘଟିତ ହେଉନାହିଁ। ଏହି ପରିପ୍ରେକ୍ଷୀରେ, ଜଙ୍ଗଲର ଅବକ୍ଷୟ, ବନ୍ୟପ୍ରାଣୀ ଶିକାର, ବାହ୍ୟ ଜୀବଜାତିଙ୍କ ପ୍ରବେଶ, ଜଙ୍ଗଲ ବିଖଣ୍ଡୀକରଣ ଏବଂ କୀଟପତଙ୍ଗ ଆକ୍ରମଣ, ନିଆଁ କିମ୍ବା ଜଳବାୟୁ ଚାପ ଯୋଗୁ ମୃତ୍ୟୁହାରରେ ବୃଦ୍ଧି ଭଳି ସମସ୍ୟା ମଧ୍ୟ କ୍ଷତିକାରକ ଭୂମିକା ନିର୍ବାହ କରନ୍ତି। ଅନ୍ୟ ପକ୍ଷରେ, ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ବୃକ୍ଷରୋପଣ ଦ୍ୱାରା ସୃଷ୍ଟ ଜଙ୍ଗଲ କିମ୍ବା ପୁନରୁଦ୍ଧାର ହୋଇଥିବା ଜଙ୍ଗଲାଞ୍ଚଳଗୁଡ଼ିକ ପରିବେଶୀୟ ଦୃଷ୍ଟିକୋଣରୁ ସୁଦୃଢ଼, ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ସୁପରିଚାଳିତ ହେବାକୁ ନିଶ୍ଚିତ କରାଯିବା ପ୍ରୟୋଜନୀୟ। ଭାରତର ବିପୁଳ ଜନସଂଖ୍ୟା ତଥା କୃଷି, ଭିତ୍ତିଭୂମି ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରୁ ସୃଷ୍ଟ ପ୍ରତିଯୋଗିତାମୂଳକ ଭୂମି-ବ୍ୟବହାର ଚାପକୁ ଦୃଷ୍ଟିରେ ରଖି, ଜଙ୍ଗଲ ଆଚ୍ଛାଦନକୁ ଆହୁରି ବୃଦ୍ଧି କରିବା ନିମନ୍ତେ ନିରନ୍ତର ରାଜନୈତିକ ଇଚ୍ଛାଶକ୍ତି, ପାଣ୍ଠିର ଉପଯୋଗ, ସମ୍ପ୍ରଦାୟର ସହଯୋଗିତା ଏବଂ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ଅପରିହାର୍ଯ୍ୟ।

ଜଙ୍ଗଲ ସମ୍ପଦର ସଂରକ୍ଷଣ ଜଳବାୟୁ, ଜୈବବିବିଧତା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଗୁରୁତ୍ୱ ବହନ କରେ। ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗାରକ ଭଣ୍ଡାର ହୋଇଥିବାରୁ ଭାରତର ଜଙ୍ଗଲ କ୍ଷେତ୍ରର ଅଭିବୃଦ୍ଧି ପ୍ୟାରିସ ଚୁକ୍ତିନାମା (୨୦୧୫) ଅନୁଯାୟୀ, ବିଶେଷତଃ ଅଙ୍ଗାରକାମ୍ଳ ଶୋଷଣ ନିମନ୍ତେ ଦେଶର ଜାତୀୟ ନିର୍ଦ୍ଧାରିତ ଅବଦାନ ଦୃଷ୍ଟିରୁ, ଏହାର ପ୍ରତିବଦ୍ଧତା ପୂରଣ କରିବାକୁ ସମର୍ଥନ କରେ। ଭାରତ ମଧ୍ୟ ଅତିରିକ୍ତ ଅଙ୍ଗାରକ ଭଣ୍ଡାର ହାସଲ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛି। ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ ଦୃଷ୍ଟିରୁ, ଜଙ୍ଗଲ କ୍ଷେତ୍ରରେ ପ୍ରଗତି ଏସ୍‌ଡିଜି-୧୫ (ଭୂମି ଉପରେ ଜୀବନ) ସହିତ ସମନ୍ୱୟ ଏବଂ ଏସ୍‌ଡିଜି -୧୩ (ଜଳବାୟୁ କାର୍ଯ୍ୟକ୍ରମ)ରେ ମଧ୍ୟ ଯୋଗଦାନ ରଖେ। ଏଫ୍‌ଏଓ ରିପୋର୍ଟ ପ୍ରକାଶ କରିଛି ଯେ ଏହାର ତଥ୍ୟ ଏପରି ବିଶ୍ୱସ୍ତରୀୟ ଲକ୍ଷ୍ୟ ନିରୀକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ।

ବିଶ୍ୱ ସୂଚୀରେ ନବମ ସ୍ଥାନକୁ ଉନ୍ନୀତ ହେବା ଭାରତ ପାଇଁ ଅନ୍ତିମ ବିନ୍ଦୁ ନୁହେଁ। ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆଗକୁ ଧ୍ୟାନ ଦେବା ପ୍ରୟୋଜନୀୟ। ଜଙ୍ଗଲର ଗୁଣବତ୍ତାରେ ବୃଦ୍ଧି ଏବଂ ଅପରିପକ୍ୱ ଜଙ୍ଗଲଗୁଡ଼ିକୁ ସମୃଦ୍ଧ ପରିସଂସ୍ଥାରେ ପରିଣତ କରିବାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ସମ୍ପ୍ରଦାୟମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ସ୍ଥାନୀୟ ଲୋକ, ବିଶେଷକରି ଆଦିବାସୀମାନେ ବନୀକରଣ କାର୍ଯ୍ୟକ୍ରମରୁ ଯେପରି ଉପକୃତ ହେବେ ତାହା ନିଶ୍ଚିତ ହେବା ବାଞ୍ଛନୀୟ। ବନୀକରଣରେ ଜଳବାୟୁ ସ୍ଥିରତାକୁ ଏକୀକୃତ କରିବା ସହ ଅଗ୍ନି-ବିପଦ, କୀଟପତଙ୍ଗ, ବାହ୍ୟ ଜୀବଜାତି, ପରିବର୍ତ୍ତିତ ବୃଷ୍ଟିପାତ ଓ ତାପମାତ୍ରା ଢାଞ୍ଚା ନିମନ୍ତେ ଉପଯୁକ୍ତ ପରିଚାଳନା ପଦ୍ଧତି କାର୍ଯ୍ୟକାରୀ ହେବା ପ୍ରୟୋଜନୀୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# କାଗଜ ବାଘ



ସୁକାନ୍ତ କୁମାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରାନ୍ତ ଏହାର ଧ୍ୱଂସାବଶେଷ ଉପରେ ଜାତିସଂଘ ଏକ ସ୍ୱପ୍ନ ନେଇ ସ୍ଥାପିତ ହୋଇଥିଲା। ଏହାର ପ୍ରଧାନ ଲକ୍ଷ୍ୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା। କିନ୍ତୁ ଶାନ୍ତି ବଦଳରେ ବିଶ୍ୱରେ ଦିନକୁ ଦିନ ଅଶାନ୍ତିର ବାତାବରଣ ଏବଂ ଶୀତଳ ତଥା ପ୍ରତ୍ୟକ୍ଷ ଯୁଦ୍ଧ ଲାଗି ରହିଛି। ଆଜି ସେହି ସଂସ୍ଥା ନିଜେ ତିଷ୍ଠିବା ପାଇଁ ସଂଗ୍ରାମ କରୁଛି।

ଜାତିସଂଘର ରିପୋର୍ଟରୁ ଜଣାଯାଏ ଯେ ୨୦୨୪ରେ ଏହା ପକ୍ଷରୁ ୨୭,୦୦୦ ବୈଠକ କରାଯାଇ ୧୧,୦୦୦ ରିପୋର୍ଟ ପ୍ରକାଶିତ ହୋଇଥିଲା। ଅର୍ଥାତ୍ ଦୈନିକ ୭୪ଟି ବୈଠକ ଏବଂ ୩୦ଟି ରିପୋର୍ଟ। ହେଲେ ଏହିସବୁ ରିପୋର୍ଟ ପ୍ରଭାବରେ ଗାଜାର ଗୋଟିଏ ଶିଶୁ ବଞ୍ଚିଲା ନାହିଁ କିମ୍ବା ୟୁକ୍ରେନ ଉପରେ ବୋମାମାଡ଼ ହ୍ରାସ ହେଲା ନାହିଁ କି ସିରିଆରେ ଶରଣାର୍ଥୀଙ୍କ ସଂଖ୍ୟା କମିଲା ନାହିଁ। ଏଥିରୁ ସ୍ପଷ୍ଟ ଯେ ଜାତିସଂଘ ପ୍ରତ୍ୟକ୍ଷ ଯୁଦ୍ଧ ବନ୍ଦ କରିବା ଅପେକ୍ଷା ରିପୋର୍ଟ ଓ ବିବୃତି ଦେବାରେ ସମୟ ଅତିବାହିତ କରୁଛି। ବିଡମ୍ବନାର ବିଷୟ ଯେ, ଆଫ୍ରିକୀୟ ମହାଦେଶର ଦରିଦ୍ର ରାଷ୍ଟ୍ର ସୋମାଲିଆରେ ଅନାହାର, ଅର୍ଦ୍ଧାହାରରେ ମୃତ୍ୟୁବରଣ କରୁଥିବା ଶିଶୁ, ୟେମେନର ସମସ୍ତ ଭୋକିଲା ମା' ଏବଂ ସୁଦାନର ଶରଣାର୍ଥୀଙ୍କ ନିକଟରେ ସମୟୋଚିତ ସାହାଯ୍ୟ ପହଞ୍ଚିପାରୁ ନାହିଁ। ଏଣେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଲାଗି ୪୦ ପ୍ରତିଶତ ଅର୍ଥ ହ୍ରାସ ହେବା ସଙ୍ଗେ ସଙ୍ଗେ ଶାନ୍ତି ରକ୍ଷା ବଜେଟ ପ୍ରାୟ ୨୫ ପ୍ରତିଶତ କମିଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ମିଳିତ ଜାତିସଂଘ ମଧ୍ୟପ୍ରାଚ୍ୟ ହେଉ କି ୟୁକ୍ରେନରେ, କୌଣସି ସମସ୍ୟା ସମାଧାନ କରିପାରୁନାହିଁ। ପରିତାପର ବିଷୟ ଯେ ଟ୍ରମ୍ପ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେଥିରେ ଜାତିସଂଘର ଶେଷ ନିଃଶ୍ୱାସ ତ୍ୟାଗ କରିବାଭଳି ଅବସ୍ଥା। ବିଶେଷ କରି ଜାତିସଂଘର ଶାନ୍ତି ରକ୍ଷାବାହିନୀ ନିମନ୍ତେ ଅଧା ଅନୁଦାନ ବନ୍ଦ କରିବାସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ୟୁନେସ୍କୋରୁ ମଧ୍ୟ ବାହାରି ଯାଇଛନ୍ତି। ମାନବୀୟ ସହାୟତାର ଅନୁଦାନକୁ ମଧ୍ୟ ବନ୍ଦ କରିବାକୁ ସେ ପଛାଇ ନାହାନ୍ତି।

ସରକାରୀ ବିବରଣୀ ଅନୁଯାୟୀ ମିଳିତ ଜାତିସଂଘ ଗଠନ ୧୯୪୫ରେ ହେବା ପରଠାରୁ ମେ ୨୦୨୧ ପର୍ଯ୍ୟନ୍ତ ୭୬ ବର୍ଷ ଭିତରେ ଛୋଟ ବଡ ମିଶି ୪୭୮ଟି ଯୁଦ୍ଧ ସହ ବେସାମରିକ ବିଦ୍ରୋହ ସଂଗଠିତ ହୋଇଛି। ପ୍ରମୁଖ ପ୍ରତ୍ୟକ୍ଷ ଯୁଦ୍ଧଗୁଡ଼ିକ ମଧ୍ୟରୁ ୧୯୪୫ର ଭିଏତନାମ ଯୁଦ୍ଧ, ୧୯୪୭ ର ଭାରତ -ପାକିସ୍ତାନ ଯୁଦ୍ଧ, ୧୯୪୮ର କୋରିଆ ଯୁଦ୍ଧ ଏବଂ ଆରବ- ଇସ୍ରାଏଲ ଯୁଦ୍ଧ ଏବଂ ୧୯୫୦ ର ଦ୍ୱିତୀୟ କୋରିଆ ଯୁଦ୍ଧ ପ୍ରଧାନ। ଏହାଛଡ଼ା ୧୯୫୫ର ଭିଏତନାମ ଯୁଦ୍ଧ,୧୯୫୮ର ଭିଏତନାମ-ଲାଓସ ଯୁଦ୍ଧ, ୧୯୫୯ର କ୍ୟୁବା- ପାନାମା ଯୁଦ୍ଧ ଏବଂ ୧୯୬୨ର ଭରତ -ଚାଇନା ଯୁଦ୍ଧ ପ୍ରଧାନ। ପରେ ପରେ ଯେଉଁ ଯୁଦ୍ଧଗୁଡ଼ିକ ସଂଗଠିତ ହୋଇଛି ସେଗୁଡ଼ିକ ହେଲା ଭରତ-ପାକିସ୍ତାନ ଯୁଦ୍ଧ, ବାଂଲାଦେଶ ଗଠନ ନିମନ୍ତେ ଭାରତ – ପାକିସ୍ତାନ ଯୁଦ୍ଧ ଏବଂ ୧୯୭୭ର ଇଜିପ୍ଟ -ଲିବିୟା ଯୁଦ୍ଧ ମଧ୍ୟ ପ୍ରମୁଖ ଯୁଦ୍ଧ ମଧ୍ୟରେ ଅନ୍ୟତମ। ଏହାପରେ ଅନେକ ଯୁଦ୍ଧ ସଂଗଠିତ ହୋଇଛି ଏବଂ ଚାଲୁ ରହିଛି। ବିଶେଷ କରି ରୁଷିଆ -ୟୁକ୍ରେନ ଯୁଦ୍ଧ ୨୨ ଫେବୃଆରୀ ୨୦୨୨ରୁ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଅବ୍ୟାହତ ରହିଛି। କିନ୍ତୁ ୭ ଅକ୍ଟୋବର ୨୦୨୩ରୁ ଆରମ୍ଭ ହୋଇଥିବା ଇସ୍ରାଏଲ ଏବଂ ହମାସ ଯୁଦ୍ଧ ଦୀର୍ଘ ଦୁଇ ବର୍ଷ ପରେ ସାମୟିକ ଭାବେ ବନ୍ଦ ରହିଲେ ମଧ୍ୟ ମଝିରେ ମଝିରେ ଉତ୍ତେଜନା ପ୍ରକାଶ ପାଉଛି।। ଏ ସବୁ ଯୁଦ୍ଧକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ମିଳିତ ଜାତିସଂଘ ନିଜର କର୍ତ୍ତୃତ୍ୱ ହରାଇସାରିଛି। ଏଭଳି ଦୃଶ୍ୟପଟରେ ଆମେରିକା, ରୁଷିଆ ଏବଂ ୟୁରୋପୀୟ ସଂଘ ଏବେ ନିଜର କୂଟନୀତି ବଳରେ ବିଶ୍ୱର ଅନ୍ୟ ଦେଶକୁ ନିଜର ମାରଣାସ୍ତ୍ର ବିକ୍ରୟ କରି ପାଣ୍ଠି ସୁଦୃଢ଼ କରିବାରେ ବ୍ୟସ୍ତ।



ମିଳିତ ଜାତିସଂଘରେ ଏବେ ଦରକାର ମୌଳିକ ପରିବର୍ତ୍ତନ। ୧୯୪୫ରେ ଯେଉଁ ବିଶ୍ୱ ପରିସ୍ଥିତି ଥିଲା ୨୦୨୫ରେ ସେହି ସ୍ଥିତି ନାହିଁ। ୧୯୪୫ରେ ବିଶ୍ୱ ଚଳାଇବାରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନାର ବିଶେଷ ଭୂମିକା ଥିଲା। ଆଜି ସମୟ ବଦଳିବା ସଙ୍ଗେ ସଙ୍ଗେ ପରିସ୍ଥିତି ମଧ୍ୟ ସମ୍ପୂର୍ଣ୍ଣ ବଦଳିଯାଇଛି। ବିକାଶଶୀଳ ଦେଶ ଯଥା ଭାରତ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଏପରିକି ଇଣ୍ଡୋନେସିଆ ଏବଂ ନାଇଜେରିଆ ଭଳି ଦେଶ ମଧ୍ୟ ସ୍ୱର ଉତ୍ତୋଳନ କରି ନିଜର ଅସନ୍ତୋଷ ଜାହିର କରୁଛନ୍ତି। ବିଡମ୍ବନାର ବିଷୟ ଯେ ଆଜି ମଧ୍ୟ ମିଳିତ ଜାତିସଂଘ ପୁରାତନ ଢାଞ୍ଚାରେ, ଯେଉଁଠି ସୁରକ୍ଷା ପରିଷଦର ୫ଟି ଉନ୍ନତ ଏବଂ ଶକ୍ତିଶାଳୀ ଦେଶ ନିଷ୍ପତ୍ତି ନିଅନ୍ତି ଏବଂ ଅବଶିଷ୍ଟ ୧୯୦ଟି ଦେଶ କେବଳ ଦେଖଣାହାରୀ ପାଲଟି ନେପଥ୍ୟେ କୋଳାହଳ କରନ୍ତି।

ଆଜି ସମୟ ବଦଳିଛି ଏବଂ ସୁଯୋଗ ଆସିଛି। ଜାତିସଂଘର ମୂଳ ଲକ୍ଷ୍ୟ ବିଶ୍ୱ ଶାନ୍ତି, ସହଯୋଗ ଏବଂ ମାନବତା ରକ୍ଷା ନିମନ୍ତେ ସମସ୍ତ ଦେଶକୁ ଉପଯୁକ୍ତ ସମ ପରିମାଣର କ୍ଷମତା ପ୍ରଦାନ କରାଯିବା ଉଚିତ, ଯାହା ଫଳରେ ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ। ଅନ୍ୟଥା ମିଳିତ ଜାତିସଂଘ କେବଳ କାଗଜ ବାଘ ହୋଇ ରହିବା ସହ କେବଳ ବୈଠକ ଏବଂ ରିପୋର୍ଟ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇ ନିଜର ମୂଳ ଲକ୍ଷ୍ୟ ଭୁଲି ସାରିଥିବ। ସୁତରାଂ ବିଶ୍ୱର ବିକାଶଶୀଳ ଏବଂ ଦରିଦ୍ର ରାଷ୍ଟ୍ର ସବୁ ମିଳିତ ଭାବେ ଉପଯୁକ୍ତ ସମୟୋପଯୋଗୀ ମୌଳିକ ପରିବର୍ତ୍ତନ ନିମନ୍ତେ ଚେଷ୍ଟିତ ହେବା ଜରୁରୀ।

**ଅଭିନବବିଡାନାସୀ, କଟକ**
**ମୋ: ୭୦୦୮୩୫୦୪୭୭**

## ଏଇ ଭାରତରେ

ଯୋଜନା ସଫଳ ହେବା ପାଇଁ ସାମଗ୍ରିକ ଉଦ୍ୟମ ଲୋଡ଼ା, ଯାହା ପ୍ରମାଣ କରିଛନ୍ତି ତ୍ରିପୁରାର ଦାସପରା ଗାଁ। ତ୍ରିପୁରାର ବାୟୋ ଭିଲେଜ ୨.୦ ଯୋଜନାକୁ ଆଧାର କରି ଏହି ଗାଁ ଭାରତର ପ୍ରଥମ ବାୟୋ ଭିଲେଜ ବା ଜୈବ ଗାଁର ପରିଚୟ ହାସଲ କରିପାରିଛି। ଏହି ଗାଁରେ ରହୁଛନ୍ତି ୬୪ ପରିବାର। ଗାଁରେ ସବୁ ପରିବାର ସୌରଶକ୍ତି ବ୍ୟବହାର କରୁଛନ୍ତି। ଗ୍ରାମବାସୀ ମୁଖ୍ୟତଃ କୃଷି ଓ ମାଛଚାଷ ଉପରେ ନିର୍ଭର କରନ୍ତି। ସେମାନେ ପରିବେଶ ଉପଯୋଗୀ ଟେକ୍‌ନୋଲୋଜି ବ୍ୟବହାର କରି ଜୈବ ପଦ୍ଧତିରେ ଚାଷ କରୁଛନ୍ତି। ଚାଷରେ ଏବେ ସୌରଚାଳିତ ଯନ୍ତ୍ରପାତି, ପାଣିପମ୍ପ, ଜୈବିକ ଖତ ଓ କୀଟନାଶକ ବ୍ୟବହାର କରାଯାଉଛି। ଏହାସହ ଗୋଷ୍ଠୀ ପ୍ରେରିତ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୮ରେ ଏହି ଗାଁରେ ପ୍ରଥମେ ଜୈବିକ କୃଷି ଆରମ୍ଭ କରାଯାଇଥିଲା। ସେମାନେ ବର୍ତ୍ତମାନ ଚାଷରୁ ଅଧିକ ୫୦୦୦ରୁ ୧୫୦୦୦ ଆୟ କରିପାରୁଛନ୍ତି। ଦାସପୁରା ଭଳି ଆଉ ୧୦୦ଟି ଜୈବ ଗାଁ ସୃଷ୍ଟି ପାଇଁ ତ୍ରିପୁରା ସରକାର ଯୋଜନା ଆରମ୍ଭ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ନଭେମ୍ବର ୧୯୭୬**

- କର୍ନାଟକ ବିଧାନସଭାରେ ବିରୋଧୀ ପକ୍ଷର ୧୦ ଜଣ ସଭ୍ୟଙ୍କ କଂଗ୍ରେସ ଦଳରେ ଯୋଗଦାନ।
- ବିଶିଷ୍ଟ ସାମ୍ବାଦିକ ରାମଲାଲ ଛାଧାଙ୍କର ୮୦ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ହିନ୍ଦୀ ଲେଖକ ବିଷ୍ଣୁ ପ୍ରଭାକର ଏବଂ ପ୍ରବୀଣ ସାମ୍ବାଦିକ ବିବେକାନନ୍ଦ ମୁଖାର୍ଜୀଙ୍କୁ ପ୍ରଥମ ଶ୍ରେଣୀୟ ସୋଭିଏତ୍ ଦେଶ ନେହେରୁ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଉଠିନି ହସି ରବି ରକତ ରାଗେ,
ନୟନେ କିପାଁ ତବ ଲୋତକ ଜାଗେ !
ଉଷାର ପରଶରେ ଜୋଛନା ବିରସ ଯେ
ପ୍ରଭାତୀ ତାରା ମୁଖେ ତୁଷାର ଲାଗେ
ନୟନେ ତବ କିପାଁ ଲୋତକ ଜାଗେ ?
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବୃଦ୍ଧାଶ୍ରମରେ ଅସହାୟ ଜୀବନ

ମହାଶୟ,

ନିକଟରେ ରେଡିଓରୁ ଏକ ସାକ୍ଷାତ୍‌କାର ଶୁଣିଲି। ବୃଦ୍ଧାଶ୍ରମରେ ଜଣେ ଡାକ୍ତର ଯେ କି ଅବସର ପରେ ରହନ୍ତି। ପୁଅବୋହୂ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା, ବିଦେଶରେ ରହନ୍ତି। ମା' ଓ ଶାଶୁଙ୍କ ନିମନ୍ତେ ସମୟ ଦେବାକୁ ଅମଙ୍ଗ। ଗୋଟିଏ ପଟେ ଉଚ୍ଚାଭିଳାଷ, ଅନ୍ୟପଟେ ଉଚ୍ଚାବସ୍ଥାରୁ ନିମ୍ନଗାମୀ ହେବାର ଦୃଷ୍ଟାନ୍ତ। ଯାହାକୁ କୋଳେଇ କାଖେଇ ଛୋଟରୁ ବଡ଼କରି ବି ଜଣେ ଅସହାୟ। କେବଳ ଯେଉଁମାନଙ୍କୁ ସେବା କରିଥିଲେ ସେମାନଙ୍କ ସହଯୋଗୀ ଓ ଜୀବନ ଥିବା ଯାଏ ସେମାନଙ୍କୁ ପରାମର୍ଶ ଦେବା ବ୍ୟତୀତ କ'ଣ ବା କରିପାରିବେ ଜଣେ ବୟସ୍କା ?'ଛୋଟ ପରିବାର ସୁଖୀ ପରିବାର' ହୋଇପାରେ। ସ୍ୱାମୀ ସ୍ତ୍ରୀ ଯଦି ଉଭୟେ ଚାକିରିଆ ତେବେ ସେମାନଙ୍କ ସନ୍ତାନ ଛାତ୍ରାବାସକୁ ନିଜର ଆପଣାର ଦ୍ୱିତୀୟ ଗୃହ ମଣନ୍ତି। ପିତାମାତା, ପରିବାର ସୁଖରୁ ବଞ୍ଚିତ। ମୋ ମତରେ ଯଦି ସେମାନଙ୍କୁ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇପାରନ୍ତା ତେବେ ସମାଜର କିଛିଟା ଉପକାର ହୋଇପାରନ୍ତା। ଅମିନ ବରଜୁ ପ୍ରଧାନଙ୍କ ତ୍ୟାଗ, ଛକଡ଼ିର ନାଟ ଦେଖା ପ୍ରବୃତ୍ତି, ହାରା ବୋଉର ଜଞ୍ଜାଳ ନିଶ୍ଚିତଭାବେ ମନରେ ଗଭୀର ପ୍ରଭାବ ବିସ୍ତାର କରିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରୋଜେକ୍ଟ ମାଧ୍ୟମରେ ସିନେମା ରାଜ୍ୟରେ ପ୍ରଦର୍ଶନ କରିବା ଉଚିତ ନୁହେଁ କି।

**-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମନଗର, ଆଙ୍କୋଲା, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡିବିଏଫ୍ ସହଯୋଗରେ ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ୍

ଭୁବନେଶ୍ୱର, ୧୧।୧୧ (ବିଜୟ ରଣା)

କଟକ ଜିଲା ଅନ୍ତର୍ଗତ ଚୌଦ୍ୱାର, ଟାଙ୍ଗୀସ୍ଥିତ ଉତ୍କଳମଣି ବିଦ୍ୟାପୀଠ, ସଫାଠାରେ ଡାଲ୍‌ମିଆ ଭାରତ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍)ର ସହାୟତାରେ ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ କଟକ ଜିଲାର ୧୪ଟି ବ୍ଲକରୁ ୩୫୬ଜଣ ଛାତ୍ରୀଛାତ୍ର ଓ ୫୬ ଜଣ ଶିକ୍ଷା କର୍ମଚାରୀ ଏବଂ ୮୯ ବ୍ଲକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଯୋଗଦାନ ପୂର୍ବକ ଜିଲା ଫିଜିକାଲ ଏଜୁକେଶନ ଅଫିସର(ଡିପିଇଓ) ସୌଦାମିନୀ ଦାସ କହିଥିଲେ, ତୃଣମୂଳସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଯୋଗାଇଦେବାରେ ଡାଲମିଆ ଭାରତର ଏହି ପ୍ରୟାସ ପ୍ରଶଂସାଯୋଗ୍ୟ। ଡାଲମିଆ ସିମେଣ୍ଟର ୟୁନିଟ୍ ମୁଖ୍ୟ, କେସିଡବ୍ଲ୍ୟୁ ପଙ୍କଜ ଗୁପ୍ତା କହିଥିଲେ, ଡିବିଏଫ୍ ଏହାର ସେବା ଯୋଗାଇ ଦେଉଥିବା ଅଞ୍ଚଳଗୁଡ଼ିକରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଯୁବ ପ୍ରତିଭାମାନଙ୍କ ପ୍ରତିପୋଷଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରୟାସ ଡିବିଏଫ୍‌ର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡ଼ିକରେ ଶିକ୍ଷା କ୍ରୀଡ଼ା ଓ ଗୋଷ୍ଠୀଗୁଡ଼ିକର କଲ୍ୟାଣକୁ ସମର୍ଥନ କରିବାକୁ ବିସ୍ତାରିତ ଲକ୍ଷ୍ୟର ଅଂଶବିଶେଷ।




ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ ଅବସରରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ




ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଶେଷ ହୋଇଛି। ଏହି ପ୍ରତିଯୋଗିତା ୨ ଦିନଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ବିଭିନ୍ନ ବିଦ୍ୟାଳୟରୁ ୨୨ଟି ସିନିୟର ଓ ଜୁନିୟର ବାଳକ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୧୬ଟି ସିନିୟର ଓ ଜୁନିୟର ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ୩୦ ଅଫିସିଆଲ ପରିଚାଳନା କରିଥିବାବେଳେ ମୋଟ୍ ୨୨୦ ଖେଳାଳି ଅଂଶଗ୍ରହଣ କରିଥିଲେ। ସିନିୟର ବାଳିକା ବିଭାଗରେ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ବର୍ଗରେ ପ୍ରଶାନ୍ତି ବିହାରସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇଛି। ବରମୁଣ୍ଡା ସିଆର୍‌ପିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଦଳ ଜୁନିୟର ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ ହୋଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମର କୁମାର ବେହେରା ଓ ରଶ୍ମିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ବନମାଳୀ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନର ସହକାରୀ ସମ୍ପାଦକ କିଶୋର କୁମାର ଲେଙ୍କା ଓ ପର୍ଯ୍ୟବେକ୍ଷକ କ୍ଷୀରୋଦ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ପ୍ରଧାନଶିକ୍ଷକ ଏବଂ ୨ କ୍ରୀଡ଼ା ଶିକ୍ଷକଙ୍କ ସହ ଜ୍ୟୋତିର୍ମୟୀ ବରାଳ, ଶ୍ରଦ୍ଧାଞ୍ଜଳି ସାହୁ, ସରିତା ବରାଳ, ସୁଚିତ୍ରା ସାହୁ, ପ୍ରୀତିମିତ୍ରା ଆଚାର୍ଯ୍ୟ, ଶୁଭଶ୍ରୀ ଦାସ, ସୁଜାତା ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ଶର୍ମିଷ୍ଠା ସାହୁ, ଶାଶ୍ୱତ ମହାନ୍ତି ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ଏଟିପି ଫାଇନାଲ୍ସ: ବିଜୟ ସହ ସିନରଙ୍କ ଅଭିଯାନ

ତୁରିନ୍ (ଇଟାଲି), ୧୧।୧୧ (ଏପି)

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଫେଲିକ୍ସ ଅଗର ଆଲିଆସିମ୍‌ଙ୍କୁ ୭-୫, ୬-୧ ସେଟ୍‌ରେ ପରାସ୍ତ କରି ଜାନିକ ସିନର ଏଟିପି ଫାଇନାଲ୍ସରେ ତାଙ୍କ ଟାଇଟଲ ବଜାୟ ଅଭିଯାନ ବିଜୟ ସହ ଆରମ୍ଭ କରିଛନ୍ତି। ବର୍ଷ ଶେଷ ନମ୍ବର-୧ ର୍‍ୟାଙ୍କିଙ୍ଗ ହାସଲ କରିବାକୁ ହେଲେ ଶ୍ରେଷ୍ଠ ୮ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ସିଜନ ଶେଷ ଇଭେଣ୍ଟ ଜିତିବାକୁ ପଡ଼ିବ। ତେବେ କାର୍ଲୋସ ଅଲ୍‌କାରାଜ ଫାଇନାଲରେ ପ୍ରବେଶ ନ କରିବା ଦରକାର। ବାମ ପେଣ୍ଡାରେ ସମସ୍ୟା ଦେଖା ଦେଇଥିବାରୁ ୮ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଅଗର ଆଲିଆସିମ୍‌ଙ୍କ ଖେଳ ମାନ୍ଦା ମନେ ହେଉଥିଲା। ସିନର ଗତବର୍ଷ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଟାଇଟଲ ଜିତିଥିଲେ। ୨୦୨୩ ଫାଇନାଲରେ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ପରାଜିତ ହେବା ପରଠାରୁ ସେ ଏହି ଇଭେଣ୍ଟରେ କୌଣସି ମ୍ୟାଚ୍ ହାରି ନାହାନ୍ତି। ସୂଚନାଯୋଗ୍ୟ ସିନର ଏପର୍ଯ୍ୟନ୍ତ ଅଗର ଆଲିଆସିମ୍ ବିପକ୍ଷରେ ଖେଳିଥିବା ସମସ୍ତ ୪ ମ୍ୟାଚରେ ବିଜୟୀ ହୋଇଥିଲେ।

# ଶ୍ରୀଲଙ୍କାକୁ ୧୦ ଉଇକେଟରେ ହରାଇଲା ଭାରତ

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

ନୂଆଦିଲ୍ଲୀଠାରେ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୦ ଉଇକେଟରେ ହରାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୩.୩ ଓଭରରେ ୪୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ୩ ଓଭରରେ କୌଣସି ଉଇକେଟ ନ ହରାଇ ୪୩ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟିକା ଦୀପିକା ଟି.ସି. ୧୪ ବଲ୍‌ରୁ ୨୬ ଓ ଅନେଖା ଦେବୀ ୬ ବଲ୍‌ରୁ ୧୫ ରନ୍‌କରି ଅପରାଜିତ ରହିଥିଲେ। ଚମତ୍କାର ବୋଲିଂ ପାଇଁ ଗଙ୍ଗା କଦମ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ବୁଧବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

# ନସିମ୍ ସାହଙ୍କ ପୈତୃକଘର ଉପରେ ଆକ୍ରମଣ

ଲାହୋର, ୧୧।୧୧ (ପି.ଟି.)

ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ଲୋୟର ଦିର ଡିଷ୍ଟ୍ରିକ୍ଟସ୍ଥିତ ପାକିସ୍ତାନ ପେସର ନସିମ୍ ସାହଙ୍କ ପୈତୃକଘର ଉପରକୁ ଜଣେ ସନ୍ଦିଗ୍ଧ ଗୁଳି ଚଳାଇଛନ୍ତି। ହେଲେ ଏଥିରେ କାହାକୁ ଆଘାତ ଲାଗିନାହିଁ। ଏହି ଘଟଣା ସତ୍ତ୍ୱେ ନସିମ୍ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ନସିମ୍ ଓ ତାଙ୍କ ପରିବାରର ପ୍ରାୟ ସଦସ୍ୟ ଏବେ ଇସ୍‌ଲାମାବାଦ୍‌ରେ ରହୁଛନ୍ତି। କିନ୍ତୁ ତାଙ୍କ ନିକଟ ସମ୍ପର୍କୀୟ ପୈତୃକଘରେ ରହୁଛନ୍ତି।

# ଆବୁଧାବିରେ ହେବ ଆଇପିଏଲ୍ ଅକ୍ସନ

ନୂଆଦିଲ୍ଲୀ, ୧୧।୧୧ (ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଅକ୍ସନ ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିରେ ହେବ। ଏ ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଲଗାତର ତୃତୀୟଥର ପାଇଁ ଆଇପିଏଲ୍ ଅକ୍ସନ ବିଦେଶରେ ହେବାକୁ ଯାଉଛି। ଏହି ଇଭେଣ୍ଟ ଡିସେମ୍ବର ୧୫ କିମ୍ବା ୧୬ରେ ହେବ। ବାହାର ପରିବେଶରେ ପ୍ରଥମଥରପାଇଁ ଆଇପିଏଲ୍ ମିନି ଅକ୍ସନ ୨୦୨୩ରେ ଦୁବାଇରେ ଅନୁଷ୍ଠିତ ହୋଇଥିଲା। ପରେ ଏହା ଗତବର୍ଷ ସୌଦୀ ଆରବର ଜେଦାଠାରେ କରାଯାଇଥିଲା।

# Classified Everyday
0674-2580101, 9692975378




MATRIMONIAL

BRIDE WANTED

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧାମ୍ରିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡ଼ି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338

GROOM WANTED

Groom wanted (only established business person/family) between "26 to 31" year age range, for Business Entrepreneur Brahmin caste bride:- good looking, 25year, 5.4 feet, Post Graduate, father established industrialist of Eastern India/ Contact- 8984661780. D-2510



REAL ESTATE

SALE

5BHK 2 STOREYED FULLY FURNISHED INDEPENDENT HOUSE FOR SALE IN LAXMISAGAR, BHUBANESWAR RS.- 3.33 CR. CONTACT 7894775333. D-2545

ସ୍ଥିତିବାନ ଫ୍ଲାଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୬୩୦୪

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫


3BHK 1st floor, 1480sqft Sai Tower Apartment, National Highway, infront of ISKCON Temple, Bhubaneswar, Price 1cr. negotiable. Contact immediately: 9861096629. D-76871

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ଫ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10




Fully furnished residential accommodation 1BHK near Allen College Koustav, Chandrasekharpur. 8895154066. D-2553

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




The massage felt totally professional! & comfortable at all times- 7978109255. D-211



BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 7978597325, 9437260818. D-2542

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 11.11.2025, I, Dillip Kumar Sethy, Resident of Rameshwar Patana, Mausima Chhak, Old Town, P.S.- Lingaraj Bhubaneswar, Dist.- Khurda, Odisha declare that I have changed the name of my son from Rudraangshu Kumar Sethy to Reyan Suryavanshi. Henceforth, he shall be known as Reyan Suryavanshi for all purpose.
Dillip Kumar Sethy
D-2552

Tulsi Rani Polai, Age 17y, W/o.- Krishna Chandra Polai Resident of At- Shibananda Nagar, W.No.-10, Bargarh, Odisha, 768028, I have changed my name to Tulasi Polai by affidavit dated 17.06.25 at Bargarh. D-2549

I, Sudesna Kumari Behera W/o.- Tukuna Behera of Village- Venketaraipalli, P.O.- Haridapada, P.S.- Kotinada, Dist.- Ganjam, Odisha, declare by this affidavit No.- 1615, Dtd.- 10.11.2025 sworn before the Executive Magistrate, Aska that now onwards my daughter shall be known as PRACHI BEHERA instead of PARCHI BEHERA for all future purpose is both are one and same person. D-2550

By virtue of an affidavit sworn before the Court of the Executive Magistrate, Angul dated 11 Nov. 2025, I, Haramohan Garnayak, S/o.- Hatakishor Garnayak, At/P.O.- Paranga, Dist.- Angul, Odisha, 759143, declare that I have corrected my name from Harmohan Gadnayak to Haramohan Garnayak. Henceforth, I shall be known as Haramohan Garnayak for all purposes.
Haramohan Garnayak
D-2551

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

NOTICE UNDER ORDER- 5, RULE- 20 OF C.P.C. :-
ସିଭିଲ ଜଜ୍ ସିନିଅର ଡିଭିଜନ, ଦ୍ୱିତୀୟ ଅତିରିକ୍ତ ଅଦାଲତ, କଟକ
ସିଭିଲ ସୁଟ୍ ନଂ.- ୭୦୨/୨୦୧୯

ଶିବାନୀ ଚକ୍ରବର୍ତ୍ତୀ ...... ବାଦୀ
ବନାମ
ଭବାନୀ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ ... ପ୍ରତିବାଦୀମାନେ

ପ୍ରତିବାଦୀ ନଂ. ୧୫- ନାରାୟଣ ଚନ୍ଦ୍ର ଦାସ, ବୟସ ୬୧ ବର୍ଷ, ପିତା- ଗୋବିନ୍ଦ ଚନ୍ଦ୍ର ଦାସ, ସା./ପୋ.ଅ. ନାହିପୁର, ଥାନା- ଯାଜପୁର, ଜିଲ୍ଲା- ଯାଜପୁର, ବର୍ତ୍ତମାନ ଠିକଣା- ସା. ବିଦ୍ୟାଧରପୁର, ପୋ.ଅ. ନୂଆ ବଜାର, ଥାନା ଚାଉଳିଆଗଞ୍ଜ, ସହର/ଜିଲ୍ଲା- କଟକ।

ଏତଦ୍ୱାରା ଜଣାଇଦିଆଯାଉଅଛି କି ଉପରଲିଖିତ ମକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ.୧୫ ଜାଣିଶୁଣି ନୋଟିସକୁ ଗ୍ରହଣ କରିବାକୁ କିମ୍ବା ମକଦ୍ଦମାରେ ହାଜରହେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ହେତୁ ଉକ୍ତ ମକୋଦ୍ଦମା ତା.24.11.2025ରିଖକୁ ବିଚାର ପାଇଁ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ଦିନ ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ଓକିଲ ଜରିଆରେ ମାନନୀୟ ଅଦାଲତରେ ହାଜରହୋଇ କାରଣ ଦର୍ଶାଇ ନ ପାରିଲେ ମକଦ୍ଦମା ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ।

ନିମ୍ନରେ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କର ମୋହର କ୍ରମେ ଦିଆଗଲା। ଆଜ ଦିନ ତା22nd. October. ମସିହା 2025
କଟକ
ତା.22.10.2025ରିଖ
ସ୍ୱା/- ସିଭିଲ୍ ଜଜ୍ ସିନିଅର ଡିଭିଜନ, ଦ୍ୱିତୀୟ ଅତିରିକ୍ତ ଅଦାଲତ,କଟକ
ଧ-୨୫୪୬

2010
10.11.2025
ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍)
ରିଭିଜନ କୋର୍ଟ ନଂ- ୪, ଏଚ୍.ଓ.ଡି ବିଲ୍ଡିଂ, ୟୁନଟ-୫, ଭୁବନେଶ୍ୱର।
ଓ.ଏସ୍.ଏସ୍ କେସ୍ ନଂ.-୨୯୮/୨୦୧୬

୧) ଚିତ୍ତରଞ୍ଜନ ସିଂହସାମନ୍ତ, ୨) ମନୋରଞ୍ଜନ ସାମନ୍ତସିଂହାର, ପିତା-✓ସଂଗ୍ରାମ କେଶରୀ ସାମନ୍ତସିଂହାର ...ବାଦୀମାନେ
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ।

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ- ୫ ନିୟମ- ୨୦ ଉପନିୟମ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ ନଂ- ୮ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବର ଦ୍ୱାରା ବିଜ୍ଞପ୍ତି )

ପ୍ରତିବାଦୀ ନଂ- ୮ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦଳେଇ, ସାମୀ- ✓ଚୈତନ୍ୟ ଦଳେଇ, ଠିକଣା ସା-ଜଗନ୍ନାଥ ପ୍ରସାଦ, ପୋ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୨୯ ଆପଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ମୌଜା- ଅନ୍ଧାରୁଆ, ସାବକ ଖାତା ନଂ.- ୪୬୩, ପ୍ଲଟ୍ ନଂ.- ୧୧୦୪, ରକବା ଏ୦.୨୭୫ଡି. ସ୍ୱଧରୁ ଏ୦.୧୩୭.୫ଡି. ଯାହାର ହାଲ ଖାତା ନଂ.- ୧୬୮୩, ହାଲ ପ୍ଲଟ୍ ନଂ.- ୧୨୩୩, ଏ୦.୨୬୦ଡି. ସ୍ୱଧରୁ ଏ୦.୧୩୭.୫ଡି.କୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ଼ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୨୨।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀ ନଂ.- ୮ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନଚେତ୍ ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ବିଚାର କରିବେ।

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଫିସର
ସ୍ଥାନ- ଭୁବନେଶ୍ୱର
ତାରିଖ-୧୦।୧୧।୨୦୨୫ରିଖ
ଧ-୨୫୪୮

## ମନେ ପଡ଼ନ୍ତି

### ୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳରାମ ପଟ୍ଟନାୟକ
ଆବିର୍ଭାବ- ୦୯.୦୮.୧୯୨୮
ତିରୋଧାନ- ୦୬.୧୨.୧୯୯୩

ଆଜି ଏହି ୩୨ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।

ଶୋକସନ୍ତପ୍ତ
ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ସୁନା, ମନି ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୨୫୫୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



✓ସତ୍ୟନାରାୟଣ ଦାସ
ରୁଦ୍ରପୁର, କଲ୍ୟାଣପୁର,ବିଞ୍ଝାରପୁର
ଆବର୍ଭାବ- ୨୮।୦୧।୧୯୪୪
ତିରୋଧାନ- ୦୨।୧୧।୨୦୨୫

ହେ ପୁଣ୍ୟମ୍ନା, ଆପଣଙ୍କ ଅବର୍ତ୍ତମାନକୁ ଏଗାରଦିନ ବିତିଗଲାଣି। ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ।ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନର ଶୈଳୀ,ସ୍ନେହ,ଶ୍ରଦ୍ଧା,ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ହତଭାଗିନୀ ସ୍ତ୍ରୀ- ମନୋରମା, ଭାଇ- ବୈକୁଣ୍ଠନାରାୟଣ, ଭାଇବୋହୂ- ଗୀତା,ରୁନା, ପୁତ୍ର- ପାର୍ଥସାରଥୀ,ସଂଗ୍ରାମକେଶରୀ,ଦେବୀପ୍ରସାଦ,ଦିଗ୍‌ବିଜୟ, ପୁତ୍ରବଧୂ- ତୃପ୍ତି ପ୍ରିୟା,ଦୁର୍ଗା ଭବାନୀ,ଟୀନା,କବିତାରାଣୀ, ନାତିନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୨୫୪୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଓଡ଼ିଶାର ଆଉ ଏକ ପରାଜୟ

**ରଣ୍‌ଜୀ ଟ୍ରଫି**

ଭୁବନେଶ୍ୱର, ୧୧।୧୧(ତପନ ସ୍ୱାଇଁ)

ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଆଉ ଏକ ପରାଜୟ ବରଣ କରିଛି। ନାଗପୁରର ଜମଥାସ୍ଥିତ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାର ଶେଷ ହୋଇଥିବା ଏଲିଟ ଗ୍ରୁପ୍ 'ଏ' ମ୍ୟାଚ୍‌ରେ ଓଡ଼ିଶା ୧୦୦ ରନ୍‌ରେ ଘରୋଇ ବିଦର୍ଭ ନିକଟରୁ ପରାଜିତ ହୋଇଛି। ୩୪୫ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୪୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଛି। ଫଳରେ ବିଦର୍ଭ ପୂରା ୬ ପଏଣ୍ଟ ପାଇଛି। ଉଭୟ ଇନିଂସ୍‌ରେ ଶତକ (୧୪୪ ଓ ୧୦୧) ହାସଲ କରିଥିବା ଧ୍ରୁବ ଶୋରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚଳିତ ସିଜନରେ ୪ ମ୍ୟାଚ୍‌ରୁ ଓଡ଼ିଶାର ଏହା ତୃତୀୟ ପରାଜୟ। ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ୪ ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ବିଦର୍ଭ ୪ ମ୍ୟାଚ୍‌ରୁ ୧୯ ପଏଣ୍ଟ ସହ ଏହି ଗ୍ରୁପ୍ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର୍ ୪୪/୦ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶାର ଓପ୍‌ନିଂ ଭାଗୀଦାରି ୧୦୦ ରନ୍ ପର୍ଯ୍ୟନ୍ତ ଟିକ୍ଷ୍ଣିଥିବାରୁ ଅନେକ ଆଶା ସୃଷ୍ଟି ହୋଇଥିଲା। ମାତ୍ର ଯୋଡ଼ି ଭାଙ୍ଗିବାପରେ ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇଥିଲା ଭ୍ରମଣକାରୀ ଦଳ। ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିବାକୁ ହେଲେ ଏକ ବଡ଼ ଭାଗୀଦାରିର ଆବଶ୍ୟକ ହେଉଥିଲା। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। କୌଣସି ବ୍ୟାଟର ନିଜ ଉପରକୁ ଦାୟିତ୍ୱ ନେଇ କ୍ରିଜ୍‌ରେ ଅଧିକ ସମୟ ଟିକ୍ଷ୍ଣିପାରି ନ ଥିଲେ। ଦୁଇ ଓପ୍‌ନର ସ୍ୱସ୍ତିକ୍ ସାମଲ ୬୫ ଓ ଗୌରବ ଚୌଧୁରୀ ୪୭ ରନ୍ କରିଥିବାବେଳେ ମଧ୍ୟଭାଗରେ କେବଳ ଗୋବିନ୍ଦ ପୋଦ୍ଦାର ୪୬ ରନ୍‌ର ଯୋଗଦାନ ଦେଇଥିଲେ। ସନ୍ଦୀପ ପଟ୍ଟନାୟକ ୨୭ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ ରନ୍ କରିପାରିଥିଲେ। ବିଦର୍ଭ ବୋଲରଙ୍କ ମଧ୍ୟରେ ପାର୍ଥ ରେଖାଦେ ୫ ଉଇକେଟ ସଫଳତା ପାଇଥିବାବେଳେ ପ୍ରଫୁଲ୍ଲ ହିଙ୍ଗେ ୩ଟି ଏବଂ ନଚିକେତ ଭୂତେ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଚଳିତ ମାସ ୧୬ରୁ ୧୯ ପର୍ଯ୍ୟନ୍ତ ନାଗାଲାଣ୍ଡ ବିପକ୍ଷରେ କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳିବ। ବରୋଦା ନିକଟରୁ ୭ ଉଇକେଟରେ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଡ୍ର ରଖି ୧ (ପ୍ରଥମ ଇନିଂସ୍‌ରେ ପଛୁଆ) ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶଠାରୁ ଏକ ଇନିଂସ ୫୦ ରନ୍‌ରେ ପରାସ୍ତ ହୋଇଥିଲା।


**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨(ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୪୪/ଅଲ୍‌ଆଉଟ (ସ୍ୱସ୍ତିକ୍ ସାମଲ-୬୫, ଗୌରବ ଚୌଧୁରୀ-୪୭, ଗୋବିନ୍ଦ ପୋଦ୍ଦାର-୪୬, ପାର୍ଥ ରେଖାଦେ-୫/୮୦, ପ୍ରଫୁଲ୍ଲ ହିଙ୍ଗେ-୩/୪୧, ନଚିକେତ ଭୂତେ-୧/୫୦)।

# କଳିଙ୍ଗରେ ହେବ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଥ୍‌ଲେଟିକ୍ସର ଆଉ ଏକ ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ନ୍ୟାଶନାଲ ଇନ୍‌ଡୋର ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ୨୦୨୬ ଜାନୁଆରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ସଭାପତି ବାହାଦୁର ସିଂ ସାଗୋ ମଙ୍ଗଳବାର ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ୨୦୨୬ ଘରୋଇ କ୍ୟାଲେଣ୍ଡରରେ ଏହାକୁ ଅନ୍ତର୍ଭୁକ୍ତ କରାଯିବ ଏବଂ ଭୁବନେଶ୍ୱରର ଇନ୍‌ଡୋର ଷ୍ଟାଡିୟମକୁ ଏହାର ଭେନ୍ୟୁ କରାଯିବ ବୋଲି ସେ କହିଛନ୍ତି। ଏଏଫ୍‌ଆଇ ୨୦୨୮ ଏସିଆନ୍ ଇନ୍‌ଡୋର ଚାମ୍ପିୟନଶିପ୍ ଲାଗି ବିଡ୍ ଦାଖଲ କରିବ। ଜାତୀୟ ଇନ୍‌ଡୋର ଚାମ୍ପିୟନଶିପ୍ ବ୍ୟତୀତ ମହିଳା ଓ ପୁରୁଷ ପୋଲ୍‌ଭଲ୍ଟ ଏବଂ ହେପ୍ଟାଥଲନ ଆୟୋଜନ ନିମନ୍ତେ ମଧ୍ୟ ଏଏଫ୍‌ଆଇ ଯୋଜନା କରୁଛି ବୋଲି ସାଗୋ ପ୍ରକାଶ କରିଛନ୍ତି।



ଇନ୍‌ଡୋର ଆଥଲେଟିକ୍ସ ଟ୍ରାକ୍।

ପୁରୁଷ ବିଭାଗ ଇନ୍‌ଡୋର ହେପ୍ଟାଥଲନ ୭ଟି ବର୍ଗରେ ୨ ଦିନଧରି ଅନୁଷ୍ଠିତ ହେବ। ଏଥିରେ ୬୦ ମିଟର, ଲଙ୍ଗଜମ୍ପ୍, ଶଟ୍‌ପୁଟ, ହାଇଜମ୍ପ୍, ୬୦ ମିଟର ହର୍ଡଲ୍ସ, ପୋଲ୍‌ଭଲ୍ଟ ଓ ୧୦୦୦ ମିଟର ରେସ୍ ରହିବ। ପ୍ରଥମ ଦିବସରେ ୪ଟି ଏବଂ ଦ୍ୱିତୀୟ ଦିନରେ ୩ଟି ଇଭେଣ୍ଟ ଅନୁଷ୍ଠିତ ହେବ। ୨୦୨୬ ଘରୋଇ କ୍ୟାଲେଣ୍ଡରରେ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ। ବ୍ୟସ୍ତବହୁଳ ଏହି କ୍ୟାଲେଣ୍ଡରରେ ପାଖାପାଖି ୪୦ଟି ପ୍ରତିଯୋଗିତା ରହିବ। ଘରୋଇ ଇକୋସିଷ୍ଟମକୁ ଦୃଢ଼ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସାଗୋ ପ୍ରକାଶ କରିଛନ୍ତି। ଭାରତରେ ଟ୍ରାକ୍ ଆଣ୍ଡ ଫିଲ୍ଡର ଜାତୀୟ ଗଭର୍ଣ୍ଣିଂ ବଡି ଏଏଫ୍‌ଆଇ ୨୦୨୫ କ୍ୟାଲେଣ୍ଡର ବର୍ଷରେ ଆଞ୍ଚଳିକ ପ୍ରତିଯୋଗିତାଗୁଡ଼ିକୁ ସାମିଲ କରିଥିଲା। ଏଥିରୁ ଭଲ ରେସ୍‌ପନ୍ସ ମଧ୍ୟ ମିଳିଥିଲା। ଉତ୍ତର ଓ ଦକ୍ଷିଣାଞ୍ଚଳରେ ରିଜିଓନାଲ ଇଭେଣ୍ଟଗୁଡ଼ିକ ପ୍ରତି ବହୁ ଆଥ୍‌ଲେଟ୍ ଆକର୍ଷିତ ହୋଇଥିଲେ। ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସକୁ ଦୃଷ୍ଟିରେ ରଖି ୨୦୨୬ ଘରୋଇ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କଳିଙ୍ଗ ଷ୍ଟାଡିୟମରେ ୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଓ ଚଳିତ ବର୍ଷ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇ ସାରିଛି।



କୋଲ୍‌କାତାର ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଭାରତର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଅଭ୍ୟାସ।

# ନେଟ୍ସରେ ଝାଳ ବୁହାଇଲେ ଭାରତୀୟ ଖେଳାଳି

**ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍**

କୋଲ୍‌କାତା, ୧୧।୧୧(ପି.ଟି.)

ଆସନ୍ତା ୧୪ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ କୋଲ୍‌କାତାରେ ପହଞ୍ଚି ଜୋର୍‌ଦାର ଅଭ୍ୟାସ ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆ ବିପକ୍ଷ ଉଭୟ ହ୍ୱାଇଟ୍ ବଲ୍ ସିରିଜ୍‌ରେ ଭଲ ପ୍ରଦର୍ଶନ କରିପାରି ନ ଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ମଙ୍ଗଳବାର ନେଟ୍ସରେ ଝାଳବୁହା ପରିଶ୍ରମ କରିଥିଲେ। ରିଦମ୍‌କୁ ଫେରିବା ପାଇଁ ସେ ଦୀର୍ଘସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ। ନେଟ୍ସ ପୂର୍ବରୁ ତାଙ୍କ ସହ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଆସିଷ୍ଟାଣ୍ଟ କୋଚ୍ ସିତାଂଶୁ କୋଟାକ୍‌ଙ୍କ ମଧ୍ୟରେ ଲମ୍ବା ଆଲୋଚନା ହୋଇଥିଲା। ସମ୍ଭବତଃ ତାଙ୍କ ବ୍ୟାଟିଂ ଆପ୍ରୋଚ୍ ସମ୍ପର୍କରେ ଆଲୋଚନା ହୋଇଥାଇପାରେ। କିନ୍ତୁ ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ସେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। କୋଚ୍‌ଙ୍କ ସହ କଥା ହେବା ପରେ ସେ ସ୍ଲିପ୍ ଫିଲ୍ଡିଂ ପ୍ରାକ୍ଟିସ୍ କରିଥିଲେ। ପରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ। ପ୍ରଥମେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ସେ ସ୍ପିନରଙ୍କୁ ଗ୍ରାଉଣ୍ଡରେ ଖେଳିବା ସହ ବେଳେବେଳେ ସ୍ୱିପ୍ ଶଟ୍ ଖେଳିଥିଲେ। ପେସରଙ୍କ ମଧ୍ୟରେ ଯଶ୍‌ପ୍ରୀତ ବୁମ୍‌ରା, ନୀତୀଶ କୁମାର ରେଡ୍ଡୀଙ୍କ ସହ କିଛି ସ୍ଥାନୀୟ କ୍ଲବ୍ ପେସରଙ୍କ ସମ୍ମୁଖୀନ ହୋଇଥିଲେ ଗିଲ୍। ଏହାପରେ ତାଙ୍କୁ ପେସ୍ ଓ ବାଉନ୍ସ ସହ ଅଭ୍ୟସ୍ତ କରାଇବା ପାଇଁ ଜଣେ ସପୋର୍ଟ ଷ୍ଟାଫ୍ ଉଚ୍ଚତାରୁ ସାଇଡ୍‌ଆର୍ମ ଜରିଆରେ ବୋଲିଂ କରିଥିଲେ।

ଗିଲ୍ ଓ ଜୟସ୍ୱାଲଙ୍କ ସହ ସାଇ ସୁଦର୍ଶନ ମଧ୍ୟ ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସାଇ ମାତ୍ର ୮୪ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଲୋକେଶ ରାହୁଲ, ଧ୍ରୁବ ଜୁରେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ ଏହି ଅପ୍ସନାଲ ପ୍ରାକ୍ଟିସ୍‌ରୁ ବିଶ୍ରାମ ନେଇଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ ପାଦଜନିତ ସମସ୍ୟାରୁ ମୁକ୍ତ ହୋଇ ଦଳକୁ ଫେରିଥିବାରୁ ଜୁରେଲଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳାଯାଇପାରେ।



ଆଲୋଚନାରତ ଅଧିନାୟକ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ।

## କଡ଼ା ସୁରକ୍ଷାରେ ଇଡେନ୍ ଗାର୍ଡେନ୍ସ

ନୂଆଦିଲ୍ଲୀର ରେଡ୍ ଫର୍ଟ ନିକଟରେ ସୋମବାର ଘଟିଥିବା କାର ବିସ୍ଫୋରଣ ଘଟଣା ପରେ ଇଡେନ୍ ଗାର୍ଡେନ୍ସ ଓ ପୂରା କୋଲ୍‌କାତାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି। ଏ ସମ୍ପର୍କରେ କୋଲ୍‌କାତା ପୋଲିସ କମିଶନର ମନୋଜ ବର୍ମା କହିଛନ୍ତି, ଆମେ ହାଇଆଲର୍ଟରେ ଅଛୁ। ଦିଲ୍ଲୀ ବିସ୍ଫୋରଣକୁ ଦୃଷ୍ଟିରେରଖି ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ଓ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିରେ ଆଇକନିକ୍ ଷ୍ଟାଡିୟମ ସାମିଲ ରହିଛି, ଯେଉଁଠାରେ କି ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ଷ୍ଟାଡିୟମ ନିକଟରେ ୩ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ। ସମସ୍ତ ପ୍ରବେଶ ଦ୍ୱାର ଓ ଦର୍ଶକଙ୍କ ଗ୍ୟାଲେରି ଉପରେ ତୀକ୍ଷ୍ଣ ନଜର ରଖାଯିବ। ମ୍ୟାଚ୍ ବେଳେ ଷ୍ଟାଡିୟମ ଭିତରେ ଓ ବାହାରେ ସାଦା ପୋଷାକଧାରୀ ପୋଲିସ ମୁତୟନ କରାଯିବ। କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ପ୍ରକ୍ରିୟା ହେବ।

# ଫୁଟ୍‌ବଲ ବେଟିଂ ସ୍କାଣ୍ଡାଲରେ ୧,୦୨୪ ସସ୍‌ପେଣ୍ଡ

ଇସ୍ତାନବୁଲ, ୧୧।୧୧ (ଏପି)

ତୁର୍କୀ ଫୁଟ୍‌ବଲ ମହାସଂଘ ଫୁଟବଲ୍ ବେଟିଂ ସ୍କାଣ୍ଡାଲରେ ୧,୦୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ସସ୍‌ପେଣ୍ଡ କରିଛି। ସେମାନଙ୍କ ମଧ୍ୟରେ ଜାତୀୟ ଦଳର ଡିଫେଣ୍ଡର ଇରେନ ଏଲ୍‌ମାଲି ଅନ୍ୟତମ, ଯିଏକି ଚଳିତ ସିଜନରେ ନିୟମିତ ଚାମ୍ପିୟନ୍ସ ଲିଗ୍‌ରେ ଗାଲାଟାସାରେ ତରଫରୁ ଖେଳିଥିଲେ। ସ୍ପେନ ଓ ବୁଲ୍‌ଗେରିଆ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଂ ଗେମ୍‌ରେ ପ୍ରସ୍ତୁତ ହେଉଥିବା ତୁର୍କୀ ଦଳରୁ ବାଦ୍ ପଡ଼ିବା ପରେ ଏଲମାଲି ମୁହଁ ଖୋଲିଛନ୍ତି। ୨୫ ବର୍ଷୀୟ ଏହି ଫୁଟ୍‌ବଲର ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି, ୫ ବର୍ଷ ପୂର୍ବେ ସେ ଏକ ଗେମ୍‌ରେ ସେ ବେଟ୍ ଲଗାଇଥିଲେ, କିନ୍ତୁ ଏହା ତାଙ୍କ ଦଳ ପାଇଁ ନ ଥିଲା। ତୁର୍କୀ ଫୁଟ୍‌ବଲ ମହାସଂଘ ତରଫରୁ ବେଟିଂ କାର୍ଯ୍ୟକଳାପରେ ଲିପ୍ତ ଥିବା ୧,୦୨୪ ଖେଳାଳିଙ୍କର ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଏଲମାଲି ଏବଂ ତାଙ୍କ ଗାଲାଟାସାରେ ସାଥୀ ଖେଳାଳି ମେତେହାନ ମେତହାନ୍ ବାଲ୍‌ଟାସିଙ୍କ ନାମ ରହିଛି। ଏହି ତାଲିକା ଶୃଙ୍ଖଳାଗତ କମିଶନ ନିକଟକୁ ପଠାଇ ଦିଆଯାଇଛି। ମହାସଂଘ କହିଛି ତୃତୀୟ ଓ ଚତୁର୍ଥ ଟିଅର୍ ଡିଭିଜନ ଖେଳକୁ କିଛି ଦିନି ପାଇଁ ସ୍ଥଗିତ ରଖାଯାଇଛି। କିନ୍ତୁ ଗତଥରର ଚାମ୍ପିୟନ ଗୁଆଟାମାଲ ନେତୃତ୍ୱରେ ସୁପର ଲିଗ୍ ଖେଳାଯାଉଛି।

# ଚାଇନା ଦୂତାବାସର ହସ୍ତକ୍ଷେପ ଲୋଡ଼ିଲେ ନାଗାଲ

**ଭିଜା ପ୍ରସଙ୍ଗ**

ନୂଆଦିଲ୍ଲୀ, ୧୧।୧୧ (ପି.ଟି.)

ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ସୁମିତ ନାଗାଲ ଅଷ୍ଟ୍ରେଲିଆନ ଓପନ ପ୍ଲେ ଅଫ୍ ଖେଳିବା ଲାଗି ଚାଇନା ଯିବାକୁ ଚାହୁଁଛନ୍ତି। ମାତ୍ର ବିନା କାରଣରେ ତାଙ୍କ ଭିଜା ଆବେଦନପତ୍ରକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି। ନାଗାଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ଭାରତରେ ଅବସ୍ଥାପିତ ଚାଇନିଜ ଆମ୍ବାସାଡର ଏବଂ ଚାଇନିଜ ଦୂତାବାସର ମୁଖ୍ୟପାତ୍ରଙ୍କ ତୁରନ୍ତ ସହାୟତା ଲୋଡିଛନ୍ତି। ଟପ୍ ୧୦୦ରେ ସ୍ଥାନ ହରାଇବା ପରେ ନାଗାଲ ଗ୍ରାଣ୍ଡସ୍ଲାମ ଭଳି ଟପ୍ ଇଭେଣ୍ଟରେ ସିଧସଳଖ ଭାବେ ଭାଗ ନେଇ ପାରିବେ ନାହିଁ। ତାଙ୍କ ୱାଇଲ୍ଡ କାର୍ଡ ଏଣ୍ଟ୍ରି କିମ୍ବା କ୍ୱାଲିଫାୟର୍ସ ଉପରେ ନିର୍ଭର କରିବାକୁ ପଡ଼ିବ। ହରିୟାଣାର ଝାଜାର ବାସିନ୍ଦା ଏହି ୨୭ ବର୍ଷୀୟ ବର୍ତ୍ତମାନ ଭାରତର ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ଭାବେ ସଦ୍ୟ ପ୍ରକାଶିତ ଏଟିପି ଖେଳାଳି ଷ୍ଟାଣ୍ଡିଂର ୨୭୫ତମ ସ୍ଥାନରେ ରହିଛନ୍ତି। ସେ ଅଷ୍ଟ୍ରେଲିଆନ ଓପନ ପ୍ଲେ ଅଫ୍ ଇଭେଣ୍ଟ ଖେଳବା ଲାଗି ସେ ଚାଇନିଜ ସହର ଚେଙ୍ଗଡୁ ଗସ୍ତ କରିଥାନ୍ତେ। ୨୦୨୬ ଅଷ୍ଟ୍ରେଲିଆନ ଓପନର ମୁଖ୍ୟ ଡ୍ର'ରେ ସ୍ଥାନ ପାଇଁ ଏହି ଇଭେଣ୍ଟ ଆଞ୍ଚଳିକ ଖେଳାଳିମାନଙ୍କ ଲାଗି ସୁଯୋଗ ସୃଷ୍ଟି କରିଥାଏ। ଏହି ପ୍ରସଙ୍ଗରେ ଚାଇନିଜ ଦୂତାବାସ ଅବା ଟୁର୍ନାମେଣ୍ଟ ଆୟୋଜକଙ୍କଠାରୁ ତୁରନ୍ତ କୌଣସି ଜବାବ ମିଳିନି। ଏହି ମାମଲାର ଯଦି ସମାଧାନ ନ ହୁଏ ତେବେ ନାଗାଲ ଇଭେଣ୍ଟରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ନାଗାଲ ଗତବର୍ଷ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର'ରେ ଖେଳିଥିଲେ। ସେ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚ ହାରିଯାଇଥିଲେ। ପରେ ସେ ଫ୍ରେଞ୍ଚ୍ ଓପନ ଏବଂ ୱିମ୍ବେଲଡନ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ସୂଚନାଯୋଗ୍ୟ, ସୁଇଜରଲାଣ୍ଡ ବିପକ୍ଷ ଡେଭିସ୍ କପ୍ ମ୍ୟାଚରେ ଭାରତର ବିଜୟରେ ନାଗାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା-୮+୮

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 12/2025 Page 16 ₹ 7.00 | BALASORE

୫୧ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 346 ମୂଲ୍ୟ ₹୭/-



DSPL-344



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ






ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ



**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ



**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ଅନନ୍ତ ନାରାୟଣ ଜେନା**
ବିଧାୟକ, ଭୁବନେଶ୍ୱର (ମଧ୍ୟ)

**ଶ୍ରୀ ସୁଶାନ୍ତ କୁମାର ରାଉତ**
ବିଧାୟକ, ଭୁବନେଶ୍ୱର (ଉତ୍ତର)

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

OIPR-

**୧୨ ନଭେମ୍ବର ୨୦୨୫**
**କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର**

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

# ଟ୍ରାକ୍ଟର ଚପାଇ ୨ଭାଇଙ୍କୁ ହତ୍ୟା

- ଟ୍ରଲି ଚୋରିକରି ନେଉଥିବାବେଳେ ଅଟକାଇବାରୁ ପ୍ରତିଶୋଧ
- ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ

ଭବାନୀପାଟଣା/ ଧର୍ମଗଡ଼,୧୧।୧୧
(ଉତ୍ତମ କୁମାର ଦାଶ/ଘାସିରାମ ଜଗତ)



ଧର୍ମଗଡ଼ ଚାରିଛକ ନିକଟରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଧୀନ ମେରଘରା ଗ୍ରାମରେ ମଙ୍ଗଳବାର ଦୁଃଖଦ ଘଟଣା ଘଟିଛି। ଟ୍ରାକ୍ଟର ଟ୍ରଲି ଚୋରି ପାଇଁ ଆସିଥିବା ଦୁର୍ବୃତ୍ତମାନେ ୨ଭାଇ ଅଟକାଇବାରୁ ଟ୍ରାକ୍ଟର ଚପାଇ ସେମାନଙ୍କୁ ହତ୍ୟା କରିଛନ୍ତି। ମୃତକ ୨ଭାଇ ହେଲେ ସତ୍ୟମ ଭଏସାଲ (୨୫) ଓ ହରିଶଙ୍କର ଭଏସାଲ (୪୫)। ସତ୍ୟମଙ୍କ ବଡ଼ବାପାଙ୍କ ପୁଅ ହେଉଛନ୍ତି ହରିଶଙ୍କର। ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ୪/୫ ଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ଟ୍ରାକ୍ଟର ଧରି ମେରଘରା ଗ୍ରାମକୁ ଟ୍ରଲି ଚୋରି କରିବାକୁ ଯାଇଥିଲେ। ଗ୍ରାମର ଲାଲୁ ଭଏସାଲଙ୍କ ଟ୍ରଲି ନଂ. ଓଡି ୦୮ କ୍ୟୁ ୯୭୫୩ ଖୋଲା ସ୍ଥାନରେ ଥିବାର ଦେଖି ଚୋରି କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ଆଣିଥିବା ଟ୍ରାକ୍ଟରରେ ଟ୍ରଲିକୁ ସଂଯୋଗକରି ଚୋରାଇ ନେଇ ଯାଉଥିବା ସମୟରେ ଲାଲୁଙ୍କ ପୁଅ ସତ୍ୟମ ଓ ପୁତୁରା ହରିଶଙ୍କର ଜାଣିପାରି ସମସ୍ତଙ୍କୁ ଡାକ ପକାଇଥିଲେ। ପାଟିଶୁଣି ଦୁର୍ବୃତ୍ତମାନେ ଟ୍ରାକ୍ଟର ଚଳାଇ ପଳାଇଯାଉଥିଲେ। ୨ଭାଇ ଏକ ବାଇକ୍ ନଂ. ଓଡି ୦୮ଏନ୍ ୬୫୨୨ରେ ସେମାନଙ୍କ ପିଛା କରିଥିଲେ। ତେବେ ଗାଁଠାରୁ ୩କି.ମି. ଦୂର ତେନ୍ତୁଳିପଡ଼ା ଛକଠାରେ ଦୁର୍ବୃତ୍ତମାନଙ୍କୁ ସେମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ଦୁର୍ବୃତ୍ତମାନେ ଧରାପଡ଼ିଯିବା ଭୟରେ ଉଭୟଙ୍କୁ ଟ୍ରାକ୍ଟର ଚପାଇ ଦେଇ ଟ୍ରଲିକୁ ଛାଡ଼ି ଟ୍ରାକ୍ଟର ନେଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ୨ଭାଇଙ୍କୁ ଉଦ୍ଧାରକରି ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେଠାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲା ନିଆଯାଉଥିବାବେଳେ କେସିଙ୍ଗା ନିକଟରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା କରାଯାଇଛି ବୋଲି ମଙ୍ଗଳବାର ପରିବାର ଲୋକଙ୍କ ପକ୍ଷରୁ ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨୭/୨୦୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ୨ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ୨ ଭାଇଙ୍କ ମୃତଦେହ ରଖି ମଙ୍ଗଳବାର ଅପରାହ୍ନରେ ରାସ୍ତାରୋକୋ କରିଥିଲେ। ୨ଘଣ୍ଟା ଧରି ଧର୍ମଗଡ଼ ଚାରିଛକ ନିକଟ ୧୩୦(ସି) ନଂ. ଜାତୀୟ ରାଜପଥକୁ ଅବରୋଧକରିବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ଅଜୟ ପ୍ରକାଶ ତିର୍କୀ, ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଡୋଳାମଣି ଭୋଇ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ପରିବାରକୁ ରେଡ୍‌କ୍ରସ୍, ହରିଶ୍ଚନ୍ଦ୍ର ଯୋଜନା ଓ ସରକାରଙ୍କ ଅନ୍ୟ ଯୋଜନାରେ ନିୟମ ଅନୁଯାୟୀ ସାହାଯ୍ୟ କରାଯିବ ଓ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଦୁର୍ଘଟଣା ଘଟାଇଥିବା ସ୍ଥାନରେ ପୋଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଟ୍ରାକ୍ଟର ଚାପାରେ ଭାଙ୍ଗିଯାଇଥିବା ବାଇକ୍ ଜବତ କରାଯାଇଛି। ତଦନ୍ତ ଶେଷ ହେଲେ ହତ୍ୟା ମାମଲା ରୁଜୁହେବ ବୋଲି ଏସ୍‌ଡିପିଓ ଡୋଳାମଣି ଭୋଇ କହିଛନ୍ତି।

# ଧରାପଡ଼ିଲେ କୁଆଁ, ଅନିମେଶ

ବାଲେଶର, ୧୧।୧୧(ବାଞ୍ଛାନିଧି ଦେ)

- ୨ ଅପରାଧୀଙ୍କ ନାଁରେ ରହିଛି ୫୮ ମାମଲା
- ୨ ତେଲେଙ୍ଗା କଟୁରି, ଗୋଟିଏ ପିସ୍ତଲ ଓ ମାଗାଜିନ ଜବତ

ଦୀର୍ଘଦିନ ଧରି ଫେରାର ଥିବା ୨ ଦୁର୍ଦ୍ଦାନ୍ତ ଅପରାଧୀ କୁଆଁ ଓରଫ କୈଳାଶ ଦାସ ଓ ଅନିମେଶ ଘୋଷଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଛି। ଅନିମେଷଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ହତ୍ୟା, ଦାଦାବଟି ଆଦାୟ, ମାରପିଟ୍, ହତ୍ୟା ଧମକ ଭଳି ସଙ୍ଗୀନ ଅଭିଯୋଗ ରହିଥିଲା। ସେ ରାଜ୍ୟ ବାହାରକୁ ୧୦ବର୍ଷ ତଳେ ଯାଇ ଅପରାଧର ନେଟୱର୍କ ବିଛାଇ ନିଜ ସହଯୋଗୀଙ୍କ ମାଧ୍ୟମରେ ବିଭିନ୍ନ ଅପରାଧ ଘଟାଉଥିଲେ। ସେହିପରି କୁଆଁ ନାମରେ ମଧ୍ୟ ବିଭିନ୍ନ ଥାନାରେ ହତ୍ୟା, ଦାଦାବଟି ଆଦାୟ ଭଳି ୨୬ଟି ମାମଲା ରହିଛି। ସେ ବହୁ ସଙ୍ଗୀନ ଅପରାଧରେ ଜଡ଼ିତ ରହି ରାଜ୍ୟ ବାହାରକୁ ପଳାଇ ବାରମ୍ବାର ରାଜ୍ୟ ପରିବର୍ତ୍ତନ କରୁଥିଲେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପ୍ରତି କେତେକ ଚିଙ୍ଗୁଡ଼ି ବ୍ୟବସାୟୀ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟର ମାଲିକମାନଙ୍କୁ ଉଭୟ ଅନିମେଶ ଏବଂ କୁଆଁ ଧମକ ଦେଉଥିଲେ। ପୂର୍ବାଞ୍ଚଳ ପୋଲିସ ରେଞ୍ଜର ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ସସ୍ମିତା ମଲ୍ଲିକ, ଇନ୍ସପେକ୍ଟର ମାନସ ବିଶ୍ୱାଳଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଉକ୍ତ ଦୁଇ ଅପରାଧୀଙ୍କ ଶତାଧିକ ଟେଲିଫୋନ କଲ୍‌କୁ ରେକର୍ଡ କରିବା ସହ ସେମାନଙ୍କର ପୂର୍ବ କ୍ରାଇମ ରେକର୍ଡକୁ ଆଧାର କରି ରାଜ୍ୟ ବାହାରକୁ ଯାଇ ସେମାନଙ୍କୁ ଧରିବା ଲାଗି ଜାଲ ବିଛାଇଥିଲେ। ଉଭୟ ବାଲେଶ୍ୱର ଜିଲା ଭିତରକୁ ପୁଣି ଅପରାଧ ଘଟାଇବାକୁ ପ୍ରବେଶ କରୁଥିବା ଖବରପାଇ ସୋମବାର ରାତିରେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୨ ତେଲେଙ୍ଗା କଟୁରୀ, ଗୋଟିଏ ପିସ୍ତଲ ଓ ଗୋଟିଏ ମାଗାଜିନ ଜବତ ହୋଇଛି। କୁଆଁ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ କାଠ ବେପାରୀ ଜସ୍ମିନ ଓ ଅନିମେଷ ନିଜ ସହଯୋଗୀଙ୍କ ସହାୟତାରେ ସଦର ଥାନା କୁରୁଡ଼ା ଛକ ବ୍ୟାଙ୍କ ସମ୍ମୁଖରେ ଜମି ବେପାରୀ ବୁନାଙ୍କୁ ଗୁଳି କରି ହତ୍ୟା କରିଥିବା ଭଳି ଅପରାଧରେ ଜଡିତ ଥିବା ଏସ୍‌ପି କହିଛନ୍ତି। ଉଭୟଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଠାବ କରାଯିବ ବୋଲି ଏସ୍‌ପି ସୂଚନା ଦେବା ସହ ଅନ୍ୟ ଗ୍ୟାଙ୍ଗଗୁଡ଼ିକୁ ଗିରଫ କରାଯିବ ବୋଲି କହିଛନ୍ତି।

# ମାଷ୍ଟରମାଇଣ୍ଡ ଶଙ୍କର ସମେତ ୭ଜଣଙ୍କ ଜାମିନ ଆବେଦନ, ୧୩ରେ ଶୁଣାଣି

ବ୍ରହ୍ମପୁର, ୧୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସଆଇ ପରୀକ୍ଷା ଜାଲିଆତି ମାମଲା**

ଓଡ଼ିଶା ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ୭ଜଣଙ୍କ ଜାମିନ ଆବେଦନ ହୋଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟରେ ଜାମିନ ଆବେଦନ ହୋଇଥିବାବେଳେ କୋର୍ଟ ୧୩ ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ପୂର୍ବରୁ ପରୀକ୍ଷାର୍ଥୀମାନେ ଜାମିନ ପାଇସାରିଛନ୍ତି। ମାଷ୍ଟରମାଇଣ୍ଡ ଶଙ୍କର, ସୁରେଶଙ୍କ ସମେତ ଦଲାଲ ତଫିମ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶେଖର ସାହୁ ଓ ପ୍ରକାଶ ସାହୁଙ୍କ ପାଇଁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। କୋର୍ଟ ଆସନ୍ତା ୧୩ ତାରିଖରେ ଏହାର ଶୁଣାଣି ରଖିଥିବା ତଫିମ ଅହମ୍ମଦ ଖାନଙ୍କ ଓକିଲ ରିଙ୍କୁ ନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାର ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ସମୟରେ ଦୁଇ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। କୋର୍ଟ ଅନେକ ତଥ୍ୟ ଓ ପ୍ରମାଣ ମାଗିଥିଲେ। ଯାହା କ୍ରାଇମବ୍ରାଞ୍ଚ ଦେଇପାରି ନ ଥିଲା। ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଜାମିନ ଶୁଣାଣିରେ କ୍ରାଇମବ୍ରାଞ୍ଚ କ'ଣ ତଥ୍ୟ ରଖିବ ଜଣାପଡିବ। ଅନ୍ୟପକ୍ଷରେ ଶଙ୍କର ଓ ସୁରେଶ ନାୟକର ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ବ୍ରହ୍ମପୁର ଜେଏମଏଫ୍‌ସି(ଗ୍ରାମାଞ୍ଚଳ)ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। କୌଣସି କାରଣରୁ ତଦନ୍ତ ଅଧିକାରୀ(ଆଇଓ) କୋର୍ଟରେ ଉପସ୍ଥିତ ହୋଇନଥିବାରୁ ଏହାର ଶୁଣାଣି ହୋଇପାରିନାହିଁ। ତଦନ୍ତଅଧିକାରୀ କୋର୍ଟରେ ଉପସ୍ଥିତ ହେବା ପରେ ହିଁ ଏହାର ଶୁଣାଣି ହେବ ବୋଲି ଜଣାପଡିଛି। ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କୁ ଗିରଫ କରିବା ପରେ ଲଗାତାର ଭାବେ ଜେରା କରିଥିଲା କ୍ରାଇମବ୍ରାଞ୍ଚ। ପରବର୍ତ୍ତୀ ସମୟରେ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ନେପାଳ ସୀମା ଉତ୍ତରଖଣ୍ଡରୁ ଗିରଫ କରିଥିଲା। ସୁରେଶ ଓ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିବା ପରେ କ୍ରାଇମବ୍ରାଞ୍ଚ ଉଭୟଙ୍କୁ ଗୋଟିଏ ଦିନରେ ଅର୍ଥାତ ନଭେମ୍ବର ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ଶଙ୍କରକୁ ଅଧିକ ଜେରା କରିବାକୁ ଅଧିକ ସମୟ ପାଇନଥିଲା କ୍ରାଇମବ୍ରାଞ୍ଚ। ତେଣୁ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦ ଦାସକୁ ଗତ ୫ତାରିଖରୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟ ହାଜର କରି ଜେଲ ପଠାଇଥିଲା। ସେହିଦିନ ହିଁ ଶଙ୍କର ଓ ସୁରେଶର ପଲିଗ୍ରାଫ ପରୀକ୍ଷା କରିବାକୁ ଆବେଦନ କରିଛି କ୍ରାଇମବ୍ରାଞ୍ଚ। କିନ୍ତୁ କୋର୍ଟରେ ତଦନ୍ତ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଏହାର ଶୁଣାଣି ହେବାରେ ବିଳମ୍ବ ଘଟୁଛି।

# ସାନଭାଇ ଛୁରାମାଡ଼ରେ ବଡ଼ ମୃତ

ଆର.ଉଦୟଗିରି, ୧୧।୧୧(ମନୋଜ ପାଢୀ)

ସାନଭାଇର ଛୁରା ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ରେବିଡି ଗାଁରେ ଦେଖିବାକୁ ମିଳିଛି। ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୪୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ପରେ ସାନଭାଇ ଫେରାର ହୋଇଯାଇଛନ୍ତି।

ଖବରରୁ ଜଣାପଡିଛି, ରେବିଡି ଗାଁରେ ସୁଜୟ ଦଳବେହେରାଙ୍କ ପରିବାର ବସବାସ କରନ୍ତି। ସୁଜୟ ଗୁଣପୁରରେ ରହୁଥିବା ବେଳେ ଗାଁରେ ତାଙ୍କ ଦୁଇ ପୁଅ ଅଞ୍ଜି ଅରେମ୍ ଦଳବେହେରା (୨୭) ଓ ସାନ ସୁଦୀପ ଦଳବେହେରା (୨୪) ରହୁଥିଲେ। ସୋମବାର ବଡଭାଇ ଅଞ୍ଜି ଅରେମ୍, ସାନଭାଇ ସୁଦୀପ ଓ ତାଙ୍କ ସ୍ତ୍ରୀ ବିଲକୁ ଧାନ କାଟିବାକୁ ଯାଇଥିଲେ। ଅପରାହ୍ନ ୪ଟାରେ ଘରକୁ ଫେରିବା ପରେ ଦୁଇଭାଇ ମିଶି ଗାଧୋଇବାକୁ ବାଥ୍‌ରୁମ୍‌କୁ ଯାଇଥିଲେ। ଏହି ସମୟରେ ଅଞ୍ଜି ଅରେମ୍ ଓ ସୁଦୀପଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାନ ସୁଦୀପ ଏକ ଛୁରି ଆଣି ବଡ଼ଭାଇ ଅଞ୍ଜି ଅରେମ୍‌ଙ୍କୁ ଭୁସି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସୁଦୀପଙ୍କ ସ୍ତ୍ରୀ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ଗୁଣପୁରରେ ରହୁଥିବା ସୁଜୟଙ୍କୁ ଖବର ଦେଇଥିଲେ। ରାତିରେ ଯାଇ ଗୁଣପୁରରୁ ସୁଜୟଙ୍କୁ ଗ୍ରାମବାସୀ ଗାଁକୁ ଆଣିବା ପରେ ଏନେଇ ସୁଜୟ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆର. ଉଦୟଗିରି ଥାନା ଦାୟିତ୍ୱରେ ଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ମଙ୍ଗଳବାର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନାଯୋଗ୍ୟ ଅଞ୍ଜି ଅରେମ୍ ଅବିବାହିତ ଥିଲେ।

## BUSINESS

# ପ୍ରତ୍ୟକ୍ଷ କର ସଂଗ୍ରହରେ ୭% ବୃଦ୍ଧି

ଭୁବନେଶ୍ୱର,୧୧।୧୧

- ୧୨.୯୨ ଲକ୍ଷ କୋଟି ଟଙ୍କା ଅତିକ୍ରମ
- ରିଫଣ୍ଡ ୧୮% କମି ୨.୪୨ ଲକ୍ଷ କୋଟିରେ ସୀମିତ

ଚଳିତ ଆର୍ଥିକ ବର୍ଷରେ ଦେଶର ପ୍ରତ୍ୟକ୍ଷ କର ସଂଗ୍ରହରେ ବଡ଼ ସକାରାତ୍ମକ ଖବର ସାମ୍ନାକୁ ଆସିଛି। ଏପ୍ରିଲ ୧ରୁ ନଭେମ୍ବର ୧୦ ଯାଏଁ ନେଟ୍ ପ୍ରତ୍ୟକ୍ଷ କର ସଂଗ୍ରହ ବାର୍ଷିକ ଭିତ୍ତିରେ ପ୍ରାୟ ୭% ବୃଦ୍ଧି ପାଇ ୧୨.୯୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ସରକାରଙ୍କ ତରଫରୁ ଜାରି ହୋଇଥିବା ସଦ୍ୟତମ ତଥ୍ୟ ଅନୁଯାୟୀ, ଏହି ଅବଧିରେ ରିଫଣ୍ଡ ଜାରି ହାର ବାର୍ଷିକ ଭିତ୍ତିରେ ୧୮ ପ୍ରତିଶତ ହ୍ରାସ ପାଇ ୨.୪୨ ଲକ୍ଷ କୋଟି ଟଙ୍କା ରହିଛି। ଏହି ଅବଧିରେ ନେଟ୍ କର୍ପୋରେଟ୍ ଟ୍ୟାକ୍ସ ସଂଗ୍ରହ ୫.୩୭ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୫.୦୮ ଲକ୍ଷ କୋଟି ଟଙ୍କା ଥିଲା। ଏହା କର୍ପୋରେଟ କ୍ଷେତ୍ରରେ ସ୍ଥିରତା ଓ ଲାଭରେ ଉନ୍ନତିର ସଂକେତ ଦେଉଛି। ଅନ୍ୟପଟେ ବ୍ୟକ୍ତିଗତ କରଦାତା ଓ ହିନ୍ଦୁ ଅବିଭକ୍ତ ପରିବାର (ଏଚ୍‌ୟୁଏଫ୍)ଠାରୁ ସଂଗ୍ରହ ୭.୧୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତବର୍ଷ ୬.୬୨ ଲକ୍ଷ କୋଟି ଟଙ୍କା ଥିଲା। ଏହା ବ୍ୟକ୍ତିଗତ ଆୟ ସ୍ତରରେ ଦୃଢ଼ତା ଓ ଟ୍ୟାକ୍ସ ଅନୁପାଳନରେ ଉନ୍ନତିକୁ ପ୍ରତିଫଳିତ କରୁଛି। ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ସମୀକ୍ଷାଧୀନ ଅବଧିରେ ଏସ୍‌ଟିଟିଠାରୁ ସରକାରଙ୍କୁ ୩୫,୬୮୨ କୋଟି ଟଙ୍କା ମିଳିଛି। ଗତବର୍ଷ ଏହା ୩୫,୯୨୩ କୋଟି ଟଙ୍କା ଥିଲା, ଯାହା ସାମାନ୍ୟ ହ୍ରାସ ଦେଖାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସ୍‌ଟିଟିଠାରୁ ୭୮,୦୦୦ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ରିଫଣ୍ଡ ସମାୟୋଜନ ପୂର୍ବରୁ ମୋଟ ଗ୍ରସ୍ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ୧୫.୩୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଗତବର୍ଷ ଅପେକ୍ଷା ୨.୧୫ ପ୍ରତିଶତ ଅଧିକ। ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ସରକାର ୨୫.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ କର ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି, ଯାହା ଗତବର୍ଷ ଅପେକ୍ଷା ୧୨.୭% ଅଧିକ। ବିଶେଷଜ୍ଞଙ୍କ ମତାନୁସାରେ, ସୁଧ ହାର ହ୍ରାସ ସତ୍ତ୍ୱେ ଅଣକର୍ପୋରେଟ ଟ୍ୟାକ୍ସ ସଂଗ୍ରହରେ ଦ୍ରୁତ ବୃଦ୍ଧି ଦେଖାଯାଇଛି। ଏହା ଭାରତୀୟ ଅର୍ଥନୀତିରେ ଆୟ ସ୍ତର ଓ ଟ୍ୟାକ୍ସ ଅନୁପାଳନରେ ଉନ୍ନତିର ପ୍ରମାଣ। ଦେଶର ଟ୍ୟାକ୍ସ ସଂଗ୍ରହ ବ୍ୟବସ୍ଥା ନିରନ୍ତର ମଜଭୁତ ହେଉଛି। କର୍ପୋରେଟ ଓ ବ୍ୟକ୍ତିଗତ ଟ୍ୟାକ୍ସ ଉଭୟରେ ବୃଦ୍ଧି ଅର୍ଥନୀତିରେ ଆୟ ବୃଦ୍ଧି, ଔପଚାରିକତା ଓ ନିବେଶର ସ୍ତର ଉନ୍ନତ ହେଉଥିବାର ସଂକେତ ଦେଉଛି।

# ଭୁବନେଶ୍ୱରରେ ଏସ୍‌ବିଆଇ ଏଫ୍‌ପିଓ କନେକ୍ଟ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ସର୍କଲ, ଏପିଏମ୍‌ଏଏସ୍ ଏବଂ ସିୱାଇଏସ୍‌ଡି ପକ୍ଷରୁ ଏସ୍‌ବିଆଇ ଏଫ୍‌ପିଓ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଇନ୍‌ଷ୍ଟିଚ୍ୟୁଟ ଫର୍ ଲର୍ନିଂ ଆଣ୍ଡ ଡେଭଲପମେଣ୍ଟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇର ୨୦ରୁ ଅଧିକ ଅଧିକାରୀଙ୍କ ସହିତ ମୋଟ ୪୯ଟି ଏଫ୍‌ପିଓ ଏବଂ ୧୬ ଜଣ ଏଫ୍‌ପିଓ ପ୍ରମୋଟର ପ୍ରତିନିଧି ଯୋଗଦେଇଥିଲେ। ୪୭ଟି ଏଫ୍‌ପିଓର ଡେସ୍କ ଆକଳନ କରାଯାଇଥିଲା ଏବଂ ୪୫ଟି ଏଫ୍‌ପିଓକୁ ନୀତିଗତ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଭାରତରେ ଏଫ୍‌ପିଓଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ଏବଂ ଏଫ୍‌ପିଓଗୁଡ଼ିକୁ କିଭଳି ଭାବେ ବ୍ୟବସାୟିକ ସଂଗଠନରେ ବିକଶିତ କରାଯାଇପାରିବ ସେ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଦିଆଯାଇଥିଲା। ଏଫ୍‌ପିଓଗୁଡିକ ପାଣ୍ଠି ଯୋଗାଣକୁ ପ୍ରଭାବଶାଳୀ ଭାବରେ ବ୍ୟବହାରକରିବା ପାଇଁ ସଦସ୍ୟ ମାଲିକାନା, ସେମାନଙ୍କର ଆକାଉଣ୍ଟିଂ ଏବଂ ବୁକ୍‌କିପିଂ ପ୍ରଣାଳୀ ତଥା ବ୍ୟବସାୟ ଯୋଜନା ଓ ବଜାର ସଂଯୋଗ ସହ ସେମାନଙ୍କର ବ୍ୟବସାୟ ପ୍ରସ୍ତୁତିରେ ଉନ୍ନତି ଆଣିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ୟୁପିଇଏସ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ଦୀକ୍ଷାନ୍ତ ସମାରୋହ




ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)

**ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ଡକ୍ଟରେଟ୍ ପ୍ରଦାନ**

ଉତ୍ତରାଖଣ୍ଡର ୟୁନିଭର୍ସିଟି ଅଫ୍ ପେଟ୍ରୋଲିୟମ ଆଣ୍ଡ ଏନର୍ଜି ଷ୍ଟଡିଜ୍(ୟୁପିଇଏସ୍)ର ସ୍କୁଲ ଅଫ୍ ବିଜ୍‌ନେସ୍‌ର ୨୩ତମ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ୍ ଫିଲୋଶଫି ପ୍ରଦାନକରି ସମ୍ମାନିତ କରିଛି। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, "ସେବାରେ ନିରନ୍ତରତା, ସେବାରେ ସମର୍ପଣ ଏବଂ ସେବାରେ ସଂଲଗ୍ନତା ହିଁ ଆମର ପ୍ରକୃତ ଶକ୍ତି। କାର୍ଯ୍ୟକ୍ରମରେ ୟୁପିଇଏସ୍ କୁଳପତି ଡ. ରାମ ଶର୍ମା ମାନବ ସେବାରେ ଆଚାର୍ଯ୍ୟଙ୍କ ନିଃସ୍ୱାର୍ଥ ଅବଦାନକୁ ପ୍ରଶଂସା କରିଥିଲେ। ଏହି ସମ୍ମାନ ପାଇଁ ଆଚାର୍ଯ୍ୟ ବାଲକ୍ରିଷ୍ଣା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସୁନୀଲ ରାୟ, କୁଳପତି ଡ. ରାମ ଶର୍ମା, ପ୍ରତିକୁଳପତି ଡ. ଜୟଶଙ୍କର, କୁଳସଚିବ ପ୍ରଫେସର ମନୀଷ ମଦାନ, ସ୍କୁଲ ଅଫ୍ ବିଜ୍‌ନେସ୍‌ର ନିର୍ଦ୍ଦେଶକ ପ୍ରଫେସର ରାହୁଲ ନୈନୱାଲ, ଡିନ୍-ରିସର୍ଚ୍ଚ ଡ. ଅଶ୍ୱିନୀ ନାଙ୍ଗିଆ, ସ୍କଲମ୍ବର୍ଗର ଏମ୍‌ଡି ଲଳିତ ଅଗ୍ରୱାଲ, ଏକାଡେମିକ କାଉନସିଲ ଓ ଗଭର୍ଣ୍ଣିଂ ବଡି ସଦସ୍ୟମାନଙ୍କୁ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଟାଟା ପାୱାରର ୨ୟ ତ୍ରୈମାସିକ ଫଳାଫଳ ପ୍ରକାଶ

ଭୁବନେଶ୍ୱର,୧୧।୧୧

ଟାଟା ପାୱାର କମ୍ପାନୀ ଲିମିଟେଡ୍ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ପ୍ରକାଶ କରିଛି। କମ୍ପାନୀର ଆୟ ୧୫,୫୪୪.୯୧ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ସମାନ ତ୍ରୈମାସିକରେ ୧୫,୬୯୭.୬୭ କୋଟି ଟଙ୍କା ଥିଲା। ନେଟ୍ ଲାଭ ୧,୨୪୫.୩୯ କୋଟି ଟଙ୍କା ରହିଛି, ଯାହା ଗତ ତ୍ରୈମାସିକର ୧,୨୬୨ କୋଟି ଟଙ୍କା ନିକଟବର୍ତ୍ତୀ ରହିଛି। ଏହା ଦର୍ଶାଉଛି ଯେ କମ୍ପାନୀର ଲାଭ ବୃଦ୍ଧି ସୀମିତ ରହିଥିଲେ ମଧ୍ୟ କାର୍ଯ୍ୟକାରୀ ସ୍ଥିରତା ବଜାୟ ରହିଛି। ଟାଟା ପାୱାରର ନବୀକରଣୀୟ ଊର୍ଜା ବିଭାଗ ବର୍ତ୍ତମାନ କମ୍ପାନୀର ବୃଦ୍ଧିର ଏକ ବଡ଼ ଅଂଶ ହୋଇପାରିଛି। ଏହି ତ୍ରୈମାସିକରେ ନବୀକରଣୀୟ ଊର୍ଜା ଡିଭିଜନ ୩,୬୧୩ କୋଟି ଟଙ୍କାର ଆୟ ଉତ୍ପାଦନ କରିଛି, ଯାହା ଗତ ବର୍ଷର ୧,୯୧୩ କୋଟି ଟଙ୍କାରୁ ପ୍ରାୟ ୯୦% ଅଧିକ। ସେହିପରି ଥର୍ମାଲ ଏବଂ ହାଇଡ୍ରୋ ବିଭାଗରୁ ୨,୩୩୫ କୋଟି ଟଙ୍କାର ଯୋଗଦାନ ରହିଛି। କମ୍ପାନୀର ଟ୍ରାନ୍ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ (ଟି ଆଣ୍ଡ ଡି) ବ୍ୟବସାୟ ମଧ୍ୟ ଦୃଢ଼ ରହିଛି, ଯାହା ୧୦,୯୩୫ କୋଟି ଟଙ୍କାର ଆୟ କରିଛି। ଟାଟା ପାୱାର ଇଭି ଚାର୍ଜିଂ, ରୁଫ୍‌ଟପ ସୋଲାର ଏବଂ ସୋଲାର ଉତ୍ପାଦନ ସମ୍ବନ୍ଧୀୟ ପ୍ରୋଜେକ୍ଟଗୁଡ଼ିକରେ ଧ୍ୟାନ ଦେଇଚାଲିଛି। ଏହି ତ୍ରୈମାସିକରେ ଟାଟା ପାୱାରର ମୋଟ ଖର୍ଚ୍ଚ ୧୪,୭୨୪ କୋଟି ଟଙ୍କା ରହିଛି। ସବୁଠାରୁ ଅଧିକ ଖର୍ଚ୍ଚ ପାୱାର କ୍ରୟ (୫,୬୬୩ କୋଟି ଟଙ୍କା) ଏବଂ ଇନ୍ଧନ ଖର୍ଚ୍ଚ (୧,୩୪୭ କୋଟି ଟଙ୍କା)ରେ ହୋଇଛି। ୧,୭୮୫ କୋଟି ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚରେ ବ୍ୟୟ ହୋଇଛି। ଟ୍ୟାକ୍ସ ପରିଶୋଧ ପରେ କମ୍ପାନୀର ଲାଭ ୧,୨୪୫.୩୯ କୋଟି ଟଙ୍କା ରହିଛି। ପ୍ରତି ଶେୟାରର ଆୟ (ଇପିଏସ୍) ୨.୭୨ ଟଙ୍କା ରହିଛି, ଯାହା ଗତ ବର୍ଷର ୨.୯୦ ଟଙ୍କାରୁ ସାମାନ୍ୟ କମ୍ ରହିଛି।




ରାସ୍ତା ସୁରକ୍ଷା ପ୍ରତି ଛୋଟ ପିଲାଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଭୁବନେଶ୍ୱର ଟ୍ରାଫିକ୍ ଟ୍ରେନିଂ ପାର୍କରେ 'କିଡ୍‌ସ କାର୍ନିଭାଲ' ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ମହିମା ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣକରି ରାସ୍ତା ସୁରକ୍ଷା ନିୟମ ବିଷୟରେ ଶିକ୍ଷା ଲାଭ କରିଥିଲେ।

# ବଡ଼ବିଲ ଖଣି ଅଞ୍ଚଳ ପରିଦର୍ଶନକଲେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ



ଭୁବନେଶ୍ୱର,୧୧।୧୧

ଓଡ଼ିଶା ଖଣି ନିଗମ(ଓଏମସି)ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ବଡ଼ବିଲ ଅଞ୍ଚଳରେ ଅବସ୍ଥିତ ନିଗମର ଲୁହା ପଥର ଖଣିଗୁଡ଼ିକର ଦୁଇ ଦିନିଆ ସମୀକ୍ଷା ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ଏବଂ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ପରିଦର୍ଶନରେ ସାମଲ ଓଏମସିର ଲୁହା ପଥର ଖଣି ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଦିନରେ, ଗୁଆଲି, ବାଂଶପାଣି ଏବଂ ଜିଲିଙ୍ଗ-ଲାଙ୍ଗାଲୋଟା ଲୁହା ପଥର ଖଣିରେ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହା ପରେ ବଡ଼ବିଲ ଅଞ୍ଚଳରେ ଓଏମସିର ସମସ୍ତ ଖଣି ପରିଚାଳକମାନଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଉତ୍ପାଦନ ବୃଦ୍ଧି ବଜାୟ ରଖି ଗତ ଆର୍ଥିକ ବର୍ଷ ତୁଳନାରେ ଲୁହା ପଥର ଉତ୍ପାଦନରେ ଅଧିକ ଅଭିବୃଦ୍ଧି ସୁନିଶ୍ଚିତ କରି ନୂତନ ରେକର୍ଡ ସ୍ଥାପନ କରିବା ସହ ସ୍ୱଚ୍ଛ ପ୍ରକ୍ରିୟାରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ଗୁଆଲି, ବାଂଶପାଣି, ଜିଲିଙ୍ଗ-ଲାଙ୍ଗାଲୋଟା, ଗନ୍ଧମାର୍ଦ୍ଦନ, ଠାକୁରାଣୀ, ଡିଂପାହାଡ, ରୋଇଡା-ସି, ଉଞ୍ଚାବାଲି, ଖଣ୍ଡବନ୍ଧ ଏବଂ ଡୁବୁନା- ସେକ୍ରାଡିହି ସମେତ ବଡ଼ବିଲ ଅଞ୍ଚଳର ଖଣି ପରିଚାଳକମାନଙ୍କ ସହିତ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନରେ, ପରିଚାଳନା ନିର୍ଦ୍ଦେଶକ ରୋଇଡା ସି, ଡିଂପାହାଡ, ଖଣ୍ଡବନ୍ଧ, ଉଞ୍ଚାବଲି ଏବଂ ଡୁବୁନା-ସେକ୍ରାଡିହି ଖଣିରେ କାର୍ଯ୍ୟକ୍ଷମତା ସ୍ଥିତି ସମୀକ୍ଷା କରିଥିଲେ।


झारखण्ड सरकार
GOVERNMENT OF JHARKHAND
Jharkhand
25
EXPLORE INFINITE OPPORTUNITIES
Celebrating
Jharkhand
25
years
Industries | Tourism | Education | Healthcare | Infrastructure...
Explore
Infinite
Opportunities
Hemant Soren
Chief Minister, Jharkhand
Information & Public Relations Department, Jharkhand
PR 365815 (IPRD) 25-26

## ନାବାଳକଙ୍କୁ ପୋଲିସର ମାଡ଼ ଅଭିଯୋଗ ଘଟଣା

# ପୀରହାଟ ଥାନାରେ ତଦନ୍ତକଲେ ଅତିରିକ୍ତ ଏସ୍‌ପି

ତିହିଡ଼ି,୧୧।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନାରେ ନାବାଳକଙ୍କୁ ପୋଲିସର ମାଡ଼ ଅଭିଯୋଗ ଘଟଣାରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ ମଙ୍ଗଳବାର ତଦନ୍ତ କରିଛନ୍ତି। ସୋମବାର ପୀରହାଟ ପୋଲିସ ପକ୍ଷରୁ ଅଭିଯୋଗକାରୀ ନରେନ୍ଦ୍ରପୁର ଗ୍ରାମର ଶରତ ମାଝୀଙ୍କୁ ତଦନ୍ତ ସମ୍ପର୍କରେ ସୂଚନା ଦିଆଯାଇ ପୁଅ ସହ ଥାନାରେ ପହଞ୍ଚିବାକୁ କୁହାଯାଇଥିଲା। ତଦନୁଯାୟୀ ଶରତ ଏବଂ ତାଙ୍କ ସ୍ତ୍ରୀ ନାବାଳକ ପୁଅ ସହ ମଧ୍ୟାହ୍ନରେ ଥାନାରେ ହାଜର ହୋଇଥିଲେ। ଅତିରିକ୍ତ ଏସ୍‌ପି ପୀରହାଟ ଥାନାରେ ପହଞ୍ଚି ପ୍ରଥମେ ଶରତ ଏବଂ ପରେ ତାଙ୍କ ପୁଅକୁ ଡାକି ତଦନ୍ତ କରିଥିଲେ। ଗତ ୨ ତାରିଖ ରାତିରେ ପୋଲିସ ନାବାଳକଙ୍କୁ ଏକ ଅନ୍ଧାରୁଆ ସ୍ଥାନକୁ ନେଇ ମାଡ଼ ମାରିଥିବା ଏବଂ ପରେ ତାଙ୍କ ଶାର୍ଟ, ପ୍ୟାଣ୍ଟ ଖୋଲିବାକୁ ବାଧ୍ୟ କରାଯିବା ପରେ ସେ ଶାର୍ଟ ଖୋଲିଥିବା ସମ୍ପର୍କରେ ନାବାଳକ ବୟାନ ଦେଇଥିଲେ। ପରେ ଅତିରିକ୍ତ ଏସ୍‌ପି ନାବାଳକଙ୍କୁ ଶାର୍ଟ ଖୋଲିଥିବା ଏବଂ ମାଡ଼ ମରାଯାଇଥିବା ସ୍ଥାନକୁ ନେଇ ଘଟଣାର ଯାଞ୍ଚ କରିଥିଲେ।

**ସିସିଟିଭି ଯାଞ୍ଚ, ମାଡ଼ ମରାଯାଇଥିବା ସ୍ଥାନ ଦେଖାଇଲେ ନାବାଳକ**



ପ୍ରେସ୍କ୍ରିପସନ୍ ଦେଖି ନାବାଳକଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝୁଛନ୍ତି ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ।

ଭଦ୍ରକ ଡାକ୍ତରଖାନାରେ ନାବାଳକଙ୍କ ଚିକିତ୍ସା ସମୟର ପ୍ରେସ୍କ୍ରିପ୍‌ସନ, ଏକ୍ସରେ ରିପୋର୍ଟକୁ ଅତିରିକ୍ତ ଏସ୍‌ପି ଦେଖିବା ସହ ନାବାଳକଙ୍କୁ ପଚାରି ଚିକିତ୍ସାର ସବିଶେଷ ବିବରଣୀ ହାସଲ କରିଥିଲେ। ଏହି ଯାଞ୍ଚ ସମୟରେ ଥାନାର ଜଣେ ଏସ୍‌ଆଇ ଓ ଅନ୍ୟ ଜଣେ କର୍ମଚାରୀ ତାଙ୍କୁ କିପରି ମାଡ଼ ମାରିଥିଲେ, ସେ ସମ୍ପର୍କରେ ନାବାଳକ କହିଥିଲେ। ପରେ ଅତିରିକ୍ତ ଏସ୍‌ପି ଅଭିଯୋଗକାରୀ ଶରତ ଏବଂ ତାଙ୍କ ପୁଅର ଉପସ୍ଥିତିରେ ଘଟଣା ଦିନ ରାତିର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଫୁଟେଜରୁ ସେହି ଏସ୍‌ଆଇ ନାବାଳକଙ୍କ ବେକକୁ ଧରି ଥାନା ବାହାରକୁ ନେଉଥିବା ଏବଂ ଶାର୍ଟ ଖୋଲିବାର ଦୃଶ୍ୟ ସ୍ପଷ୍ଟ ଜଣାପଡ଼ିଥିବା ଶରତ ପ୍ରକାଶ କରିଛନ୍ତି। ତେବେ ସିସିଟିଭି ବାହାରେ ଥିବାରୁ ମାଡ଼ ସମ୍ପର୍କରେ ତଥ୍ୟ ମିଳି ନ ଥିଲା। ଏଥିସହ ଅତିରିକ୍ତ ଏସ୍‌ପି ସମ୍ପୃକ୍ତ ଏସ୍‌ଆଇ ଓ ପୋଲିସ କର୍ମଚାରୀଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ତଦନ୍ତ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

ଅପରପକ୍ଷେ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ସପରିବାର ଅନଶନ କରିବେ। ଆବଶ୍ୟକ ପଡ଼ିଲେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ ବୋଲି ଶରତ ଏବଂ ତାଙ୍କ ସ୍ତ୍ରୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମରେ ଏକ ମୋବାଇଲ ଚୋରି ମାମଲାର ତଦନ୍ତ ବେଳେ ଏଭଳି ଘଟଣା ଘଟିଥିବା ନେଇ ନାବାଳକଙ୍କ ବାପା ଏସ୍‌ପି ଓ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ ସମୟରେ ଆଇଆଇସି ବେହେରା, ଏସ୍‌ଆଇ ଶ୍ୟାମସୁନ୍ଦର ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତା ଉନ୍ନତୀକରଣ, ତୋରଣ ପାଇଁ ଶିଳାନ୍ୟାସ



ପ୍ରକଳ୍ପ ଶିଳାନ୍ୟାସ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ ଦିଲୀପ ରାଉତରାଏ ଓ ଭାଜପା ନେତା।

ଧାମନଗର,୧୧।୧୧(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ବିଭିନ୍ନ ରାସ୍ତାର ଉନ୍ନତୀକରଣ ପାଇଁ ମଙ୍ଗଳବାର ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ମନ୍ତ୍ରୀ ଫତେପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଧର୍ମାଗତପୁର ରାସ୍ତା, ଭଦ୍ରକ-ଆରଡ଼ି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଉଚ୍ଚପଦା-କାକୁଡିଗଡ଼ିଆ ରାସ୍ତା, ଦଇପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ବାବୁରିଗାଁ ରାସ୍ତା ଓ ମାଙ୍କିଡିଆ ରାସ୍ତା, ମାଙ୍କିଡିଆଠାରୁ ଦଳାଙ୍ଗ ରାସ୍ତା ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ଏଥିସହ ଚୂଡ଼ାକୁଟି ମେଳଣ ତୋରଣ ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଛି। ମନ୍ତ୍ରୀଙ୍କ ସହ ଜିଲାପାଳ ଦିଲୀପ ରାଉତରାଏ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିଳାନ୍ୟାସ ଉତ୍ସବରେ ଭାଜପା ନେତା ଅଶୋକ ପୁହାଣ, ମନୋଜ ମଲ୍ଲିକ, ଚତୁର୍ଭୁଜ ନାୟକ, ନାରାୟଣ ସାହୁ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, କୈଳାସ ମହାପାତ୍ର, ବୈକୁଣ୍ଠ ସାହୁ, ଅଜୟ ବଳ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, କିଶୋର ଦାସ, ଅନିରୁଦ୍ଧ ସାହୁ, ରଞ୍ଜନ ପଣ୍ଡା, ଅନ୍ତର୍ଯ୍ୟାମୀ ପତି, ସରୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ବିଭିନ୍ନ ଛକ ଓ ଗ୍ରାମ୍ୟ ରାସ୍ତାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଚାକିରି ପାଇଁ ୧୮ ବର୍ଷର ସଂଘର୍ଷ

## ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

ଭଦ୍ରକ,୧୧।୧୧(ସନାତନ ରାଉତ)

ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଚାକିରିଟିଏ ପାଇଁ ମାସେ କି ବର୍ଷେ ନୁହେଁ ଦୀର୍ଘ ୧୮ ବର୍ଷର ସଂଘର୍ଷ ପରେ ଆଶାୟୀଙ୍କ ବୟାନ ରେକର୍ଡ କରିଛନ୍ତି ପୂର୍ବାଞ୍ଚଳ ଡେପୁଟି କମିଶନର। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ନିବେଦନ କରି ନ୍ୟାୟ ପାଇଁ ନିର୍ଯାତିତ ହୋଇଥିବା କହିଛନ୍ତି ଚାକିରି ଆଶାୟୀ ଧାମନଗର ବ୍ଲକ ଖପରପଦା ପଞ୍ଚାୟତ ଲେଙ୍କାସାହି ଗ୍ରାମର ସନାତନ ଦାସ(୫୨)। ନ୍ୟାୟ ନ ମିଳିଲେ ସେ ବାଧ୍ୟହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନୂତନ ଭାବେ ୨୦୦୨ରେ ପ୍ରତିଷ୍ଠା ହେବା ସମୟରୁ ସନାତନ ସେଠାରେ ଲୋକଙ୍କୁ ବିଭିନ୍ନ ଗାଡ଼ି କାଗଜପତ୍ର ସାଙ୍ଗକୁ ବେସରକାରୀ ସ୍ତରରେ ସହଯୋଗ କରିଆସୁଥିଲେ। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟାଳୟରେ ପିଅନ ପଦବୀର ଆବଶ୍ୟକତା ପଡ଼ିବାରୁ ସେ ଆବେଦନ କରିଥିଲେ। ୨୦୦୬ରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ନିକଟରେ ଆବେଦନ ପତ୍ର ପହଞ୍ଚିଥିଲା। କୌଣସି ସୁଫଳ ନ ପାଇବାରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସେ ବହୁବାର ଆବେଦନ କରିଥିଲେ। ୨୦୧୫ରେ ତତ୍କାଳୀନ ଜିଲାପାଳ ପରିବହନ କାର୍ଯ୍ୟାଳୟରେ ଯଦି ପିଅନ ଆବଶ୍ୟକ ଥାଏ, ତେବେ ସନାତନଙ୍କ କଥା ବିଚାରକୁ ନେଇ ନିଯୁକ୍ତି ଦେବାକୁ ଚିଠି କରିଥିଲେ। କିନ୍ତୁ ସେତେବେଳର ପଦାଧିକାରୀ ଏକ ଠିକାସଂସ୍ଥା ଦ୍ୱାରା କେତେଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲେ। କାର୍ଯ୍ୟାଳୟର ଉଚ୍ଚ ଅଧିକାରୀମାନେ ପରବର୍ତ୍ତୀ ଜିଲାପାଳମାନଙ୍କୁ ତାଙ୍କ ସମ୍ପର୍କରେ ମିଥ୍ୟା ତଥ୍ୟ ଦେଇଥିବାରୁ ତାଙ୍କୁ ନିଯୁକ୍ତି ମିଳି ନ ଥିବା ସନାତନ କହିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ପ୍ରଶ୍ନର ଉତ୍ତରରେ ମିଥ୍ୟା ତଥ୍ୟ ଦିଆଯାଇଥିଲା। ଗତ ଜୁନ୍ ୨୩ରେ ନିଯୁକ୍ତି ବାବଦରେ ବୁଝିବାକୁ ଜିଲା ପରିବହନ କାର୍ଯ୍ୟାଳୟକୁ ଯାଇଥିବା ବେଳେ କେତେଜଣ ଅସ୍ଥାୟୀ କର୍ମଚାରୀଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିବା ନେଇ ସନାତନ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଏହାମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗମୂଳେ ବାଲେଶ୍ୱର ପୂର୍ବାଞ୍ଚଳ ଡେପୁଟି କମିଶନର ରଶ୍ମିରଞ୍ଜିତ ଦଳବେହେରା ଗତ ୨୯ ତାରିଖରେ ସନାତନଙ୍କୁ ଡକାଇ ତାଙ୍କ ବୟାନ ରେକର୍ଡ ସହ ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି।

# ଭାଜପାରେ ମିଶିଲେ ୪୦୦ ବିଜେଡି, କଂଗ୍ରେସ କର୍ମୀ



ମିଶ୍ରଣ ପର୍ବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା ନେତୃବୃନ୍ଦ।

## ଚୁଡ଼ାକୁଟିରେ ମହାମିଶ୍ରଣ ପର୍ବ

ଧାମନଗର,୧୧।୧୧(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଭାଜପାର ଧାମନଗର ଗ୍ରାମୀଣ ମଣ୍ଡଳ ପକ୍ଷରୁ ମଙ୍ଗଳବାର ଚୁଡ଼ାକୁଟିଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭାଜପା ଏକ ବିଶାଳକାୟ ପରିବାର। ଏହାର କାର୍ଯ୍ୟକର୍ତ୍ତାମାନେ ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ ରଖିଥାନ୍ତି। ଭାଜପା ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ମହାପାତ୍ର, ଏମ୍‌ପି ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ବରିଷ୍ଠ ନେତା ହରେକୃଷ୍ଣ ପାଢ଼ୀ, ଅରବିନ୍ଦ ପତି, ଅଜୟ ବଳ, ଜିଲା ଯୁବ ମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଧୁଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ସରପଞ୍ଚ ପ୍ରୀତମ ଦାସ, କିଶୋର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ଅଧୀନ ଗୋବିନ୍ଦପୁର, କଲ୍ୟାଣୀ, ବୟାଙ୍ଗଡିହ, ରାଧାବଲ୍ଲଭପୁର, ଭଗବାନପୁର, ଦଇପୁର ଏବଂ ସରେଇ-ଚୁଡ଼ାକୁଟି ପଞ୍ଚାୟତରୁ ୪୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ଓ ଭାଜପା ନେତୃବୃନ୍ଦ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ସ୍ୱାଗତ ଭାଷଣ ଓ ପ୍ରଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାଜପା ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳ୍ପ ସଚେତନତା ଶିବିର

ଆଗରପଡ଼ା,୧୧।୧୧(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦିନିକିଆ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସବିତା ନାୟକ ଯୋଗ ଦେଇଥିଲେ। ବନ୍ତ ଆଇପିଓ ରଶ୍ମିରଞ୍ଜନ ସାହୁ ଏବଂ ଭଦ୍ରକ ଆଇପିଓ ଚିରଞ୍ଜୀବ ସାହୁ ଯୋଗଦେଇ କିପରି ଜଣେ ସାଧାରଣ ଲୋକ ଶିଳ୍ପଟିଏ ଗଢ଼ି ନିଜର ଅଭିବୃଦ୍ଧି କରିବା ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇପାରିବେ, ସେ ଉପରେ ଆଲୋକପାତ କରିଥିଲେ। ଏଥିସହ ଶିଳ୍ପ ଗଢ଼ିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ ବ୍ୟବସ୍ଥା, ସବ୍‌ସିଡି ଏବଂ ଶିଳ୍ପକୁ କିପରି ସୁଚାରୁ ରୂପେ ପରିଚାଳନା କରିପାରିବେ ସେ ବିଷୟରେ ମଧ୍ୟ କହିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି ସ୍କିମ୍ ମାଧ୍ୟମରେ ପ୍ରତିଷ୍ଠା କରିଥିବା ୨ଜଣ କ୍ଷୁଦ୍ର ଲଘୁ ଉଦ୍ୟୋଗୀ ରାଜେନ୍ଦ୍ର ବେହେରା ଏବଂ ସୁଶାନ୍ତ ଦାସ ସେମାନଙ୍କ ସଫଳତାର କଥା ଲୋକଙ୍କ ଆଗରେ ପ୍ରକାଶ କରିଥିଲେ। ଗୋପୀନାଥପୁର ସରପଞ୍ଚଙ୍କ ପ୍ରତିନିଧି ପଦୀପ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁବାସ ପଣ୍ଡା, ବାବୁଲି ପତି, ମହେଶ୍ୱର ଦାସଙ୍କ ସହ ବହୁ ମହିଳା ଶିବିରରେ ଯୋଗ ଦେଇଥିଲେ।

# ଏବିଭିପିର ରାଜ୍ୟ ଅଧିବେଶନ ଉପଲକ୍ଷେ ପ୍ରସ୍ତୁତି

ଭଦ୍ରକ,୧୧।୧୧(ସନାତନ ରାଉତ)

ଭଦ୍ରକରେ ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ), ଓଡ଼ିଶା (ପୂର୍ବ) ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ସୋମବାର ରାତିରେ ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏବିଭିପିର ପୂର୍ବ କ୍ଷେତ୍ର ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଅଧିବେଶନ ସ୍ଥଳର ସ୍ଥାନ ନିରୂପଣ କରିଛନ୍ତି। ପୂର୍ବତନ ରାଜ୍ୟ ଉପସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତି ପ୍ରକାଶ ସାହୁ, ପ୍ରାନ୍ତ ସବିସ୍କାର ସହସଂଯୋଜକ ଦେବୀ ପ୍ରସାଦ ଦାସ, ଜିଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ଅଭିଳାଷ ତ୍ରିପାଠୀଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

# ପୋଲ ତଳୁ ନବଜାତ ଶିଶୁ ମୃତଦେହ ଜବତ

ବାସୁଦେବପୁର,୧୧।୧୧
(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

ବାସୁଦେବପୁର ବ୍ଲକ ଜାମଝାଡ଼ି-ଧାମରା ରାସ୍ତାର ମନ୍ଦାରୀ ପୋଲ ତଳେ ନୂଆନଈରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ମଙ୍ଗଳବାର ଅପରାହ୍ନରେ ଭାସୁଥିଲା। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ସଦ୍ୟଜାତ ଶିଶୁକୁ କେହି ଜଣେ ପୋଲ ତଳେ ପାଣିକୁ ପକାଇ ଦେଇଥିବା ସନ୍ଦେହ କରାଯାଉଛି। କିଏ ଓ କାହିଁକି ଶିଶୁକନ୍ୟାକୁ ଏଠାରେ ପକାଇଛନ୍ତି, ତାହା ସ୍ପଷ୍ଟ ହୋଇପାରି ନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୫) ରୁଜୁ ହୋଇଛି।

# ବାଡ଼ ବସାଇବାକୁ ବିରୋଧ କରିବାରୁ ଆକ୍ରମଣ

ବାସୁଦେବପୁର,୧୧।୧୧(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବଣିଆ ରାଉତସାହିରେ ସୋମବାର ଅପରାହ୍ନରେ ବାଡ଼ ବୁଜିବାକୁ କେନ୍ଦ୍ରକରି ଗ୍ରାମର ହରିଶ୍ଚନ୍ଦ୍ର ବଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ହରିଶ୍ଚନ୍ଦ୍ର ମଙ୍ଗଳବାର ସାବରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ତାଙ୍କ ଘରକୁ ଯିବାଆସିବା ରାସ୍ତାରେ ସୋମବାର କେତେଜଣ ବ୍ୟକ୍ତି ବାଡ଼ ବସାଇବା ବେଳେ ସେ ବିରୋଧ କରିଥିଲେ। ଏହାକୁ ନେଇ ଗ୍ରାମର ତାପସ ସାହୁ, ଅମର ସାହୁ, ସୌରଭ ସାହୁ ଓ ସତ୍ୟଭାମା ସାହୁ ସଂଘବଦ୍ଧ ହୋଇ ବାଡ଼ି, କତା ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ଆକ୍ରମଣରେ ଆହତ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଭିଯୋଗ ଆଧାରରେ ସାବରଙ୍ଗ ପୋଲିସ ଏକ ମାମଲା (ନଂ.୨୬୭/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଭଦ୍ରକ ମହୋତ୍ସବ, ପୁସ୍ତକ ମେଳା

ଭଦ୍ରକ, ୧୧।୧୧(ରବିନାରାୟଣ ଖିଲାର)

ଭାରତର ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ମାଟିର ମଣିଷମାନେ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି, ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ ଓ ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ, ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ହୋଇ ଆମ ମାଟିର ଅସ୍ମିତାକୁ ଟେକି ଧରିଛି ବୋଲି ସୋମବାର ସନ୍ଧ୍ୟାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଏହି ମହୋତ୍ସବ ଓ ପୁସ୍ତକ ମେଳା ଆରମ୍ଭ ହୋଇଛି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ସମାରୋହକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିବା ସହ ପୁସ୍ତକର ଉପାଦେୟତା ଉପରେ କହିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଚରମ୍ପା ଆଇଟିଆଇ ଅଧ୍ୟକ୍ଷା ତଥା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିଆନ ଶିଶିର କୁମାର ମିଶ୍ର, ଅଧ୍ୟାପକ, ରୋଟାରିଆନ ଶେଖ ନାଶିର ବକ୍ସ, କବୟିତ୍ରୀ ନିରୂପମା ମିଶ୍ର ସମ୍ମାନିତ ଅତିଥି ଏବଂ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ କବୟିତ୍ରୀ ନିରୂପମାଙ୍କ କବିତା ପୁସ୍ତକ 'ଅସ୍ତରାଗ' ଉନ୍ମୋଚିତ ହୋଇଥିଲା। ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡା. ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ ସହସମ୍ପାଦିକା କଳ୍ପନା ଜେନା। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ଓ ଅଧ୍ୟକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ ଓ ମମତା ଦାଶ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାଇଥିଲେ। ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡ୍‌ଭୋକେଟ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ର, ଲେଖିକା ନିରୁପମାଙ୍କ ପୁଅ ମନୋଜ ମିଶ୍ର ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ଦର୍ଶନ ଡ୍ୟାନ୍ସ ଗ୍ରୁପ୍ ଓ ଉତ୍ସବ ଡ୍ୟାନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ମହୋତ୍ସବ ଓ ପୁସ୍ତକ ମେଳା ୧୪ ଦିନ ଧରି ଚାଲିବ।



ଉଦ୍‌ଘାଟନୀ ସନ୍ଧ୍ୟାରେ ଜିଲାପାଳ ଦିଲୀପ ରାଉତରାଏ କବୟିତ୍ରୀ ନିରୂପମା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭଦ୍ରକ,୧୧।୧୧(ସନାତନ ରାଉତ)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଆମ୍ବବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିବା ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ଗ୍ରାମର ସତ୍ୟାନନ୍ଦ ବିନ୍ଧାଣୀ(୪୮)ଙ୍କର



ବ୍ରେନ ଷ୍ଟ୍ରୋକରେ ମଙ୍ଗଳବାର ଭୋର ସମୟରେ ମୃତ୍ୟୁ ଘଟିଛି। ସେ ଜଣେ ଛାତ୍ରବତ୍ସଳ, ମେଳାପୀ ଓ ଲୋକପ୍ରିୟ ଶିକ୍ଷକ ଭାବେ କାର୍ଯ୍ୟକ୍ଷେତ୍ରରେ ପରିଚିତ ଥିବାବେଳେ ଜଣେ ସରଳ, ଭଦ୍ର ଯୁବକ ଭାବେ ନିଜ ଗ୍ରାମରେ ପରିଚିତ ଥିଲେ। ପଦ୍ମପୁର ବ୍ଲକ ଆମ୍ବବାଡ଼ିରେ ଥିବାବେଳେ ଗତ ରବିବାର ଅପରାହ୍ନ ୩ଟାରେ ହଠାତ୍ ତାଙ୍କ ମୁଣ୍ଡ ଘୂରାଇବା ସହ ଡାହାଣ ହାତ ଓ ଗୋଡ ନିଷ୍କ୍ରିୟ ହୋଇଯାଇଥିଲା। ତାଙ୍କୁ ପ୍ରଥମେ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବ୍ରେନ ଅପରେଶନ ମଧ୍ୟ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଡ଼ିଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ମିଶ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ଶିକ୍ଷକ ସୁଧାକର ବଳ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସହପାଠୀମାନେ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୭.୧୧.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ରଣପୁର ଶାଖା, ସା: ରଣପୁର, ପୋ: ରାଜରଣପୁର, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ଗଙ୍ଗାଧର ବେହେରା, ମୋ.: ୯୨୩୦୫୦୦୪୩୬** | | |
| ୧. | ରାମ ଚନ୍ଦ୍ର ସାହୁ, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୦୪ | ଟ.୪୭,୪୦୦/- + ସୁଧ ଏବଂ ଦେୟ | ୩୧.୫୦ |
| ୨. | ପ୍ରଫୁଲ୍ଲ ବେହେରା, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୨୦ | ଟ.୬୬,୦୫୪/- + ସୁଧ ଏବଂ ଦେୟ | ୬୬.୩୦ |
| ୩. | ରବି ବେହେରା, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୩୦ | ଟ.୫୫,୯୭୩/- + ସୁଧ ଏବଂ ଦେୟ | ୫୯.୨୦ |
| ୪. | ଆଶୁତୋଷ ସାହୁ, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୧୦ | ଟ.୭୬,୩୭୦/- + ସୁଧ ଏବଂ ଦେୟ | ୬୩.୨୦ |
| ୫. | ଶରତ କୁମାର ମହାପାତ୍ର, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୪୨୭ | ଟ.୨୨,୪୪୦/- + ସୁଧ ଏବଂ ଦେୟ | ୧୦.୩୦ |
| | **କୋଣାର୍କ ଶାଖା, ସା: କୋଣାର୍କ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସା: ସାରଡା, କୋଣାର୍କ, ପୁରୀ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୮ |
| | **ନୟାଗଡ ଶାଖା, ସା: ଇଟାମାଟି, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ ନାୟକ, ମୋ.: ୭୪୩୭୯୯୮୧୫୧** | | |
| ୧. | ବିକାଶ କୁମାର , ସା/ପୋ/ଜିଲ୍ଲା: ନୟାଗଡ / ୧୮୪୬୦୬୧୦୦୨୮୫୪୪ | ଟ.୬୬,୦୦୦/- + ସୁଧ ଏବଂ ଦେୟ | ୨୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ମାମଲା ପରିବର୍ତ୍ତେ ଜରିମାନା

### ବେଆଇନ ବାଲି ଉତ୍ତୋଳନକୁ ନେଇ ଜିଲାପାଳଙ୍କୁ ଫେରାଦ

ବାରିପଦା,୧୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବେଆଇନ ବାଲି ଉତ୍ତୋଳନକୁ ରୋକାଯାଇପାରୁ ନାହିଁ। ଯାହା ଫଳରେ ଚୋରାଚାଲାଣକାରୀମାନେ ରାତାରାତି ଶତାଧିକ ଭାରିଯାନରେ ବାଲି ପରିବହନ କରିବା ଦ୍ୱାରା ପରିବେଶ ସନ୍ତୁଳନ ଉପରେ ପ୍ରଭାବ ପଡ଼ିଚାଲିଛି। ନଦୀର ଜଳପଥକୁ ଅଟକାଇ ଏକ୍ସାଭେଟର ମାଧ୍ୟମରେ ବାଲି ଉତ୍ତୋଳନ କରି ଚୋରାଚାଲାଣ କରାଯାଉଛି। ଲଘୁ ଖଣିଜ ବିଭାଗ ଓ ରାଜସ୍ୱ ବିଭାଗ ଡ୍ରୋନ ସର୍ଭେ କରି ନିୟମିତ ନୀରିକ୍ଷଣ ଜରିଆରେ ଅବୈଧ ଖନନ ରୋକିବାକୁ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ଅଧିକାରୀମାନଙ୍କ ନୀରବତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ବଡ଼ସାହି ତହସିଲ ଅଧୀନ କୋଚିଲାଖଣ୍ଡା ଗ୍ରାମପଞ୍ଚାୟତ ବାଗୁଲି ଓ ପାଇକପଡ଼ା ଗ୍ରାମବାସୀ ବେଆଇନ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏପରିକି ଭାରିଯାନ ଚଳପ୍ରଚଳ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ନଷ୍ଟ ହେଉଥିବା ବେଳେ ବୁଢ଼ାବଳଙ୍ଗ ନଦୀରେ ନବନିର୍ମିତ ପୋଲ ବିପଦ ସଙ୍କୁଳ ହେବା ନେଇ ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏହି ଅଞ୍ଚଳରୁ ବାଲି ଖନନ ପାଇଁ ବିଭାଗୀୟ ସ୍ତରରେ ଲିଜ୍ ପ୍ରଦାନ କରାଯାଇନାହିଁ। ମାତ୍ର ବାଲି ଚାଲାଣକାରୀଙ୍କ ନାଲି ଆଖି ଓ ମୋଟା ଅଙ୍କର ଦେଣନେଣ ଯୋଗୁ ବେଆଇନ ବାଲି ଖନନ ଜାରି ରହିଛି। ଅନ୍ୟ ପକ୍ଷରେ ଜବତ ମେଶିନ ଓ ଟ୍ରାକ୍ଟରକୁ ନେଇ କମ୍ପାଉଣ୍ଡ ଫାଇନ କାଟି ବିଭାଗ ଛାଡୁଥିବା ବେଳେ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯାଉ ନାହିଁ। ଏଭଳି ବେଆଇନ ଉତ୍ତୋଳନ ଓ ପରିବହନକୁ ନେଇ ଅଞ୍ଚଳବାସୀ ପୁନର୍ବାର ଏନଜିଟିର ଦ୍ୱାରସ୍ଥ ହେବା ନେଇ ସଜବାଜ ଆରମ୍ଭ କରିଥିବା କହିଛନ୍ତି।


ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଗ୍ରାମବାସୀ।

ସୂଚନାଯୋଗ୍ୟ, ଶିମିଳିପାଳରୁ ବାହାରିଥିବା ବୁଢ଼ାବଳଙ୍ଗ ନଦୀପଠାରେ ଥିବା ବାଗୁଲି ଓ ପାଇକପଡ଼ା ଗ୍ରାମ ଦେଇ ବେଆଇନ ଭାବେ ଚୋରା ବାଲି ଚାଲାଣ ଚାଲିଛି। ବଡ଼ସାହି ଥାନା ଅଞ୍ଚଳରେ ଥିବା ନଦୀଗର୍ଭରୁ ବାଲି ଚାଲାଣକାରୀମାନେ ଏକ୍ସାଭେଟର(ଶକ୍ତିଶାଳୀ ଜେସିବି) ମାଧ୍ୟମରେ ନଦୀଜଳର ଗତିପଥକୁ ବଦଳାଇ ଦେଇ ବାଲି ଉତ୍ତୋଳନ କରୁଛନ୍ତି। ହାଇୱା ଓ ଟ୍ରାକ୍ଟର ଭଳି ଭାରିଯାନରେ ପ୍ରତିଦିନ ବେତନଟୀ ଥାନା ଅଞ୍ଚଳ ଦେଇ ଶହ ଶହ ଟ୍ରିପ ବାଲି ପରିବହନ କରୁଛନ୍ତି। ଏହି ଗାଡ଼ିଗୁଡ଼ିକ ଦିନ ବେଳା ସହର ମଧ୍ୟଦେଇ ଦ୍ରୁତ ଗତିରେ ଯିବାଆସିବା କରୁଛନ୍ତି। ଯାହା ଫଳରେ ନବ ନିର୍ମିତ ପ୍ରଧାନମନ୍ତ୍ରୀ ସଡକଟି ଭାଙ୍ଗିରୁଜି ଯାଉଥିବା ବେଳେ ଚାଷୀମାନଙ୍କ ପାଇଁ ସମସ୍ୟା ଉପୁଜିଛି। କୋମଳମତି ଛାତ୍ରୀଛାତ୍ରଙ୍କ ସ୍କୁଲ କଲେଜ ଯିବା ବାଟରେ ଏଭଳି ଭାରିଯାନ ଚଳପ୍ରଚଳ କରୁଥିବାରୁ ଅଭିଭାବକମାନେ ଭୟଭୀତ ହୋଇପଡିଛନ୍ତି। ଏପରିକି ନଦୀରେ ନିର୍ମିତ ପୋଲ ଦେଇ ଗାଡ଼ିଗୁଡିକ ଯିବାଆସିବା କରୁଥିବାରୁ ପୋଲର ସ୍ଥାୟିତ୍ୱକୁ ନେଇ ଗ୍ରାମର ସନ୍ତୋଷ ବାରଶାଳିଆ, କାଳିଆ ମଢ଼େଇ, ମାଧ ନାଏକ, ଯୋଗେଶ୍ୱର ଖଣ୍ଡେଇ, ନାଲୁ ଖଣ୍ଡେଇ ଓ ଶୁକଦେବ ନାଏକ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ଅତ୍ୟଧିକ ବାଲି ଖନନ ଯୋଗୁ ନଦୀ ପଠା କ୍ଷୟ ହେବା ସହିତ ଚାଷ ଜମି ନଦୀ ଗର୍ଭରେ ଲୀନହେବା ଦେଖିବାକୁ ମିଳିଛି। ଏହା ସ୍ଥାନୀୟ କୃଷି ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି।

ଗ୍ରାମବାସୀମାନେ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଲଘୁ ଖଣିଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣିଜ ଅଧିକାରୀ ଉଦୟଭାନୁ ସାହୁଙ୍କୁ ପଚାରିବାରୁ ଅଭିଯୋଗ ପାଇ ଗୋଟିଏ ଏକ୍ସାଭେଟର ଓ ଗୋଟିଏ ଟ୍ରାକ୍ଟରଜବତ କରାଯାଇଛି। ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ସହ ଆଇନ ଅନୁଯାୟୀ ମାମଲା ରୁଜୁକରାଯିବ ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁଳିଆଣା,୧୧।୧୧(ଅରବିନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଆଣା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଗ୍ରାମାଞ୍ଚଳ ଚାଷୀଙ୍କୁ ବିଭିନ୍ନ ଯୋଜନାର ସୁବିଧା ଓ ଚାଷ କରିବା ପଦ୍ଧତି ସମ୍ପର୍କରେ ଷ୍ଟଲ ପ୍ରଦର୍ଶନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଜ୍ଞାନ ମୋହନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ବାରିପଦା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା.ଦୀପକ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷା ଅନିମା ସାହୁ, ୮ନଂ ଜୋନ ଜିଲାପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ୯ ନଂ ଜୋନ ଜିଲାପରିଷଦ ସଦସ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ପ୍ରଧାନ, ବିଡିଓ ଜିତେନ୍ଦ୍ର ମୁର୍ମୁ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ, କୁଳିଆଣା ଗୋଷ୍ଠୀ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ଦାସ ଯୋଗ ଦେଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରାଣୀପାଳକ, ମତ୍ସ୍ୟଚାଷୀ ପୁରସ୍କୃତ


ମଞ୍ଚରେ ଉପସ୍ଥିତ ବିଧାୟକ ଭାସ୍କର ମଡ଼େଇ ଓ ଅନ୍ୟ ଅତିଥିମାନେ।

### ଉଦଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଉଦଳା,୧୧।୧୧(ସନ୍ତୋଷ କୁମାର ବାଣ୍ଡ୍ରୀ)

ଉଦଳା ବ୍ଲକ ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ଉଦଳା ବିଧାୟକ ଭାସ୍କର ମଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା, ବିଡିଓ ସମରଜିତ କର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହକାରୀ ନିର୍ଦ୍ଦେଶକ ଡା. ଗୀତାଞ୍ଜଳି ଦାସ, ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. କୁନ୍ଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରାଣୀପାଳକ ଭାବେ ପ୍ରକାଶ ନାୟକ(ଭୀମତାଳି), ଜୟରାମ ହାଁସଦା(କୋଚିଲାଡିହା), ମଞ୍ଜୁଲତା ସାହୁ(ଛୋଟରାୟପୁର), ସିନ୍ଦୂର ଗୌରା ସ୍ୱୟଂ ସହାୟକ ଗୋଷ୍ଠୀ ଦୁଗୁଧା, ମତ୍ସ୍ୟ ଚାଷ ପାଇଁ ମନୋରଞ୍ଜନ ଦାସ,(ରାଡୋ), କସ୍ତୁରୀ ପୋଥାଳ (ଭୁଇଁଆପୋଷି), ଶକୁନ୍ତଳା ସେଠୀ (ଖୁଣ୍ଟାପାଳ) ଏବଂ ଜୀବନଦୀପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମଉଦା)ଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମଇଁଷି ପାଳନ ପାଇଁ ଭୁଇଁଆପୋଷି ଗ୍ରାମର ସବିତା ପ୍ରଧାନ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ଅଠଗାଁ ଗ୍ରାମର ସବିତା ମହାକୁଡ଼, ଭୁଇଁଆପୋଷି ଗ୍ରାମର ସବିତା ପ୍ରଧାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ ତଥା କୁକୁଡ଼ା ଚାଷ ପାଇଁ ଦିଲ୍ଲୀପ ଦାସ, କାମଧେନୁ ଯୋଜନା ପାଇଁ ଗୀତାଞ୍ଜଳି ମହାନ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶରତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ମୋରଡ଼ାରେ ହକି ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

ମୋରଡ଼ା,୧୧।୧୧(ସ୍ମାରକ ମାଜୀ)


ଭାରତୀୟ ହକିର ୧୦୦ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲା ହକି ଆସୋସିଏସନ ତରଫରୁ ହକି ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୋରଡା ବ୍ଲକ ଅଧୀନ ଚଢ଼େଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାର ଓ ଟାଟା ହକି ଦ୍ୱାରା ପରିଚାଳିତ ଗ୍ରାସରୁଟ ହକିକେନ୍ଦ୍ରଠାରେ ଜିଲାର ୪ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତୀୟ ହକିର ଏହି ଶହେ ବର୍ଷ ପୂର୍ତ୍ତି ଅବସରରେ ହକି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଟି ବାଳକ ଓ ୨ଟି ବାଳିକା ଦଳମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ସୁନିଲ କୁମାର ମହାନ୍ତ, ଡେଭିଡ ସାରଙ୍ଗ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ପ୍ରତିଯୋଗିତା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଇସେନ ମୁର୍ମୁ ଯୋଗଦେଇ ଚାମ୍ପିୟନ ହୋଇଥିବା ଚଢେଇଗାଁ ଉଚ୍ଚ ବିଦ୍ୟାଳୟର ଉଭୟ ବାଳିକା ଓ ବାଳକ ଦଳକୁ ପୁରସ୍କୃତ କରିଥିଲେ।

## ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ବେଆଇନ ନିର୍ମାଣ

### କେନ୍ଦ୍ର ଜଙ୍ଗଲ ପରିବେଶ ମନ୍ତ୍ରଣାଳୟରେ ଅଭିଯୋଗ

ବାରିପଦା,୧୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅଭିଯୋଗ ହୋଇଛି। ୟୁଥ୍ ୟୁନାଇଟେଡ ଫର ସଷ୍ଟେନବୁଲ ଏନଭାଇରନମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ କମ୍ପ୍ୟୁଟର ଫାଇଲ ନଂ. ୨୪୯୦୫୨ରେ ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ କାର୍ଯ୍ୟାନୁଷ୍ଠାନ ବାବଦରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ସହିତ ରାଜ୍ୟ ଜଙ୍ଗଲ ବିଭାଗର ଉପ ନିର୍ଦ୍ଦେଶକ, ନ୍ୟାସନାଲ ବୋର୍ଡ ଫର୍ ୱାଇଲ୍ଡ ଲାଇଫର ସଦସ୍ୟ ତଥା ଅତିରିକ୍ତ ମୁଖ୍ୟ ସଚିବ, ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲାପାଳ ଓ ବାରିପଦା ଡିଭିଜନର ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।


ବେଆଇନ ଭାବେ କଟାଯାଇଥିବା ଗଛ।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ ଅଞ୍ଚଳରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସୋର୍ଟ ନିର୍ମାଣ ଜାରି ରହିଛି। ଏପରିକି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ରାସ୍ତାକୁ କଂକ୍ରିଟ କରଣ କରାଯାଉଛି। ପର୍ଯ୍ୟଟକମାନେ ବୁଲିବାକୁ ଆସି ବହୁ ପରିମାଣର ପ୍ଲାଷ୍ଟିକ କ୍ୟାରୀ ବ୍ୟାଗ ଏବଂ ନିଷିଦ୍ଧ ଜିନିଷ ଭଳି ପ୍ଲାଷ୍ଟିକ ଅଳିଆ ଏଣେତେଣେ ବିଛାଡ଼ି ହୋଇପଡ଼ିଛି। ଏଥିପ୍ରତି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ତଦାରଖ କରାଯାଉନାହିଁ। ସେହିପରି ବେଆଇନ ନିର୍ମାଣକୁ ନେଇ ବେଧଡକ ଭାବେ ଗଛକଟା, କଂକ୍ରିଟ ଗୃହ ନିର୍ମାଣ ଓ ବୋରିଂ ଖୋଳା ହୋଇଛି। ଯାହାକି ଇକୋ ସେନସିଟିଭ ଜୋନର ମାର୍ଗଦର୍ଶିକାକୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଶିମିଳିପାଳ ପାଦଦେଶର ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଏବଂ ପ୍ରତିବନ୍ଧକ କାର୍ଯ୍ୟ ପ୍ରତି ବିଭାଗ ଦୃଷ୍ଟି ଦେଉନାହିଁ। ଗାଇଡଲାଇନ ଅନୁଯାୟୀ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ଜଙ୍ଗଲ ବିଭାଗ, ସରକାର, ରାଜସ୍ୱ କିମ୍ବା ବ୍ୟକ୍ତିଗତ ସ୍ଥାନରୁ ଗଛ କଟାଯାଇ ପାରିବ ନାହିଁ। ଏପରକି ଭୂତଳ ଜଳ ସଂଗ୍ରହ କରିବା ପାଇଁ ବିଭାଗୀୟ ଅନୁମତିର ଆବଶ୍ୟକତା ରହିଛି। ମାତ୍ର ଏଭଳି କାର୍ଯ୍ୟ ଜାରି ରହିଲେ ପରବର୍ତ୍ତୀ ପର୍ଯ୍ୟାୟରେ ବିପଦକୁ ନିମନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ୫୩୦୬ ହିତାଧିକାରୀ କରିନାହାନ୍ତି ରାଶନ କାର୍ଡ ଇ-କେୱାଇସି

ଝାରପୋଖରିଆ,୧୧।୧୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଉପାନ୍ତ ସାରସକଣା ବ୍ଲକରେ ୫୩୦୬ ହିତାଧିକାରୀ ରାଶନ କାର୍ଡ ଇ-କେୱାଇସି କରିନାହାନ୍ତି। ଏହି ବ୍ଲକ୍ ଅଧୀନ ୧୭ଟି ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଖାଦ୍ୟ ସୁରକ୍ଷା ଯୋଜନାରେ ସର୍ବମୋଟ ୨୫୭୦୩ ରାଶନ କାର୍ଡ ମାଧ୍ୟମରେ ମାସକୁ ୫୧୯୮ କୁଇଣ୍ଟାଲ ୫ କେଜି ଚାଉଳ ପ୍ରଦାନ କରାଯାଉଛି। ପିଏଚ୍‌ଏଚ୍ ଯୋଜନାରେ ୭୨୦୩୪ଜଣଙ୍କୁ ମୁଣ୍ଡପିଛା ମାସିକ ୫କେଜି ହିସାବରେ ୩୬୦୧.୭୦କେଜି ଚାଉଳ ଓ ଅନ୍ତ୍ୟୋଦୟ ଯୋଜନାରେ ୧୧୯୫୫ଜଣଙ୍କୁ ମାସିକ ୫କେଜି ଅନୁଯାୟୀ ୧୫୯୬.୩୫ କେଜି ଚାଉଳ ବଣ୍ଟନ କରାଯାଉଛି। ସର୍ବମୋଟ ରାଶନ କାର୍ଡ ୨୫୭୦୩ ମଧ୍ୟରେ ୮୩୯୮୯ ଜଣ ହିତାଧିକାରୀ ଅଛନ୍ତି। ସେଥିମଧ୍ୟରୁ ୮୩୮୮୩ ଜଣ ଇ-କେୱାଇସି କରିବା ପାଇଁ ଧାର୍ଯ୍ୟ ଥିବାବେଳେ ୭୮୫୭୭ ଜଣ ଇ-କେୱାଇସି କରିଛନ୍ତି। ଅଦ୍ୟାବଧି ୫୩୦୬ ଜଣ ଇ-କେୱାଇସି କରି ନ ଥିବା ବ୍ଲକ୍ ଯୋଗାଣ ନିରୀକ୍ଷକ କହିଛନ୍ତି।

## ଶିକ୍ଷାକର୍ମୀଙ୍କ ଧାରଣା

ବାରିପଦା,୧୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାକ୍ଷରତା କାର୍ଯ୍ୟକ୍ରମ ନିପୁଣ ଓଡ଼ିଶାରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲାର ୬ହଜାର କର୍ମୀ ଚାକିରି ଆରମ୍ଭରୁ ସେମାନଙ୍କ ପାରିଶ୍ରମିକ ପାଇବାରୁ ବଞ୍ଚିତ ଅଛନ୍ତି। ମଙ୍ଗଳବାର ସେମାନଙ୍କ ସଂଘ (ମା' ଅମ୍ବିକା ମହିଳା ମଣ୍ଡଳ ଫେଡେରେଶନ) ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯାଇଥିଲା। ୨୬ଟି ବ୍ଲକ୍‌ରୁ ପ୍ରାୟ ୩୦୦କର୍ମୀ ଏଥିରେ ସାମିଲ ହୋଇଥିଲେ। ଶିକ୍ଷା ଜିଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଂଘର ସଭାନେତ୍ରୀ, ସମ୍ପାଦିକା ଓ କର୍ମକର୍ତ୍ତାଙ୍କ ସହିତ ଦୀର୍ଘ ୩ଘଣ୍ଟା ଆଲୋଚନା କରିବା ପରେ ମଧ ସମାଧାନ ପନ୍ଥା ବାହାରି ନ ଥିଲା। ଅଫିସ ସମୟ ଅତିକ୍ରାନ୍ତ ପରେ ସେଠୀ ଓ ତାଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ, କର୍ମଚାରୀ ତାଲା ପକାଇ ପଳାଇଥିବା ସୂଚନା ମିଳିଛି।

## ରୁଗୁଡ଼ିବେଡ଼ାରେ ଚୋରି

ଠାକୁରମୁଣ୍ଡା,୧୧।୧୧(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଥାନାଠାରୁ ୧ କି.ମି. ଦୂର ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ରୁଗୁଡ଼ିବେଡ଼ା ରାସ୍ତା ପାର୍ଶ୍ୱ ଏକ ଘରୁ ସୋମବାର ରାତିରେ ତାଲା କାଟି ଚୋରି ହୋଇଛି। ସ୍ୱର୍ଗତ ସନ୍ତୋଷ କୁମାର ମହାନ୍ତଙ୍କ ଘରେ ଭଡ଼ାରେ ରହୁଥିବା ସୁକାନ୍ତ କୁମାର ସାହୁ ଘରେ ତାଲା ପକାଇ ଶୁକ୍ରବାର ଭୁବନେଶ୍ୱର ଯାଇଥିଲେ। ସୋମବାର ରାତିରେ ଫେରିବା ପରେ ତାଲା କଟାଯାଇ ଘର ଖୋଲା ପଡ଼ିଥିବା ଦେଖିଥିଲେ। ଚୋର ଗେଟ୍ ଏବଂ ଘରେ ଲାଗିଥିବା ୭ଟି ତାଲା କଟର ସାହାଯ୍ୟରେ କାଟି ଭିତରେ ପ୍ରବେଶ କରି ଚୋରି କରିଥିବା ସୁକାନ୍ତ ଠାକୁରମୁଣ୍ଡା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

## ଭତ୍ତା ଅପେକ୍ଷାରେ ୧୭୫୩ ହିତାଧିକାରୀ

ଝାରପୋଖରିଆ,୧୧।୧୧(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ଅଧୀନ ୧୭ଟି ଗ୍ରାମ ପଞ୍ଚାୟତରେ ଥିବା ୧୯୯ଟି ଗାଁର ୧୭୫୩ ଜଣ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ଏହି ବ୍ଲକ୍‌ର ୧୫୪୬୧ ଜଣ ହିତାଧିକାରୀ ଭତ୍ତା ପାଉଥିବା ବେଳେ ୧୭୫୩ ଜଣ ଆବେଦନ କରି ଭତ୍ତାକୁ ଚାହିଁ ରହିଛନ୍ତି। ଭତ୍ତା ପାଉଥିବା ୧୫୪୬୧ ଜଣ ମଧ୍ୟରୁ ରାଜ୍ୟ ସରକାରଙ୍କ ଅଧୀନରେ ୧୦୩୦୮ ଜଣ ଓ କେନ୍ଦ୍ର ସରକାରଙ୍କ ଯୋଜନାରେ ୫୧୫୩ ଜଣ ଭତ୍ତା ପାଉଥିବା ସାରସକଣା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସମ୍ପ୍ରସାରଣ ଅଧିକାରୀ ଚାମ୍ପରୁ ବେସ୍ରା ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଭତ୍ତା ଯୋଜନାର ୧୦୩୦୮ ହିତାଧିକାରୀଙ୍କ ମଧ୍ୟରୁ ୮୦ ବର୍ଷରୁ ନିମ୍ନସ୍ତରରେ ଥିବା ୫୬୫୫ ଜଣ, ୮୦ ବର୍ଷରୁ ଊର୍ଦ୍ଧ୍ୱ ୩୭୯ ଜଣ, ବିଧବା ମହିଳା ୨୯୦୫ ଜଣ, ଭିନ୍ନକ୍ଷମ ବିଭାଗରେ ୭୦୪ ଜଣ , ଭିନ୍ନକ୍ଷମ ୬୦%ରୁ ୮୦% ଥିବା ୫୯ ଜଣ, ୮୦% ରୁ ଊର୍ଦ୍ଧ୍ୱ ଥିବା ଭିନ୍ନକ୍ଷମ ୨୩୩ ଜଣ, ୮୦% ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ଥିବା ଭିନ୍ନକ୍ଷମ ଜଣେ, କୁଷ୍ଠ ରୋଗାକ୍ରାନ୍ତ ୫ଜଣ, ଏଚ୍‌ଆଇଭି ସଂକ୍ରମିତ ୨୧ ଜଣ, ଅବିବାହିତ ୪୦ ବର୍ଷରୁ ଊର୍ଦ୍ଧ୍ୱ ୨୮୭ ଜଣ ଓ ସ୍ୱାମୀ ପରିତ୍ୟକ୍ତା ୫୯ ଜଣ ରାଜ୍ୟ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଉଛନ୍ତି। ଇନ୍ଦିରାଗାନ୍ଧୀ ଭତ୍ତା ଯୋଜନାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧ ୩୧୮୩ ଜଣ, ବିଧବା ମହିଳା ୧୭୩୦ ଜଣ, ଭିନ୍ନକ୍ଷମ ୨୪୦ ଜଣଙ୍କ ସହିତ ୮୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ୭୫୧ ଜଣ ଭତ୍ତା ପାଉଛନ୍ତି।

## 'କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର'

### ସରିଲା ଡିଭାଇନ ଗ୍ରୁପ୍‌ର ବାର୍ଷିକୋତ୍ସବ 'ୟୁଫୋନି-୨୦୨୫'

ବାରିପଦା,୧୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଡିଭାଇନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନରେ ଦୁଇ ଦିନିଆ ବାର୍ଷିକ ଉତ୍ସବ ୟୁଫୋନି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଡିଭାଇନ ଡିପ୍ଲୋମା ଇଞ୍ଜିନିୟରିଂ, ଡିଭାଇନ ନର୍ସିଙ୍ଗ ଏବଂ ଡିଭାଇନ ଯୁକ୍ତ୨ ବିଜ୍ଞାନର ୧୭ତମ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଅତିରିକ୍ତ ପୋଲିସ ଅଧୀକ୍ଷକ ଦୀପକ କୁମାର ଗଚ୍ଛାୟତ, ମୁଖ୍ୟ ବକ୍ତା ଭାବେ ବାରିପଦା ଉପ ଜିଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଏବଂ ଏସଡିପିଓ ପ୍ରଭାତ ମଲ୍ଲିକ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଗୁଦା ମୁର୍ମୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଭାଜପାର ଜିଲା ଉପ ସଭାପତି ପରେଶ ଚନ୍ଦ୍ର ମହାନ୍ତ ଯୋଗଦେଇ କଠିନ ପରିଶ୍ରମ ଓ ଠିକ୍ ଚିନ୍ତା ଧାରା ହିଁ ସଫଳତାର ମୂଳ ମନ୍ତ୍ର ବୋଲି ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ। ନିଷ୍ଠା ଓ ଉଦ୍ୟମକୁ ବଳବତ୍ତର ରଖିବା ସହ ଯୁବସମାଜ ପାଇଁ ଶିକ୍ଷା,ସଂସ୍କୃତି ଓ ପରମ୍ପରାର ଉଚିତ ସମନ୍ୱୟ ହିଁ ଉଚ୍ଚ ଅଭିଳାଷକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ତରୁଣ କୁମାର ମହାନ୍ତି, ସାମାଜିକ କର୍ମୀ ଅମିତାଭ ସାହୁ, କାଶୀନାଥ ରଣା, ମନୀଷ ଖଣ୍ଡେଲୱାଲ, ସୁଶାନ୍ତ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଡିଭାଇନର ମ୍ୟାନେଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରହିତ୍ୟ କରିଥିବା ବେଳେ ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଇଂ. ଧରମବୀର ବୁଗୁଡେଇ ଏବଂ ପ୍ରିନ୍ସିପାଲ ଇଂ. ଅଭିନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମିଷ୍ଟର ଡିଭାଇନ ଡିପ୍ଲୋମାରେ ମୋହିତ ପଣ୍ଡା ଏବଂ ମିସ ଡିଭାଇନ ଡିପ୍ଲୋମା ସୀମରନ ସେନାପତି ହୋଇଥିବାବେଳେ ମିଷ୍ଟର ଡିଭାଇନ ନର୍ସିଙ୍ଗ ଶୁଭମ କୁମାର ସେଠୀ ଓ ମିସ ଡିଭାଇନ ନର୍ସିଙ୍ଗ ସିପ୍ରା ସୁମନ ବାରିକ ଏଂ ମିଷ୍ଟର ଡିଭାଇନ ଯୁକ୍ତ ୨ ବିଜ୍ଞାନ ତନ୍ମୟ ରଣା ଓ ମିସ ଡିଭାଇନ ଯୁକ୍ତ୨ ବିଜ୍ଞାନ ଲିପିକ ଦାସଙ୍କୁ ଚୟନ କରଯାଇଥିଲା। ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା, ସର୍ବୋଚ୍ଚ ଉପସ୍ଥାନ ଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଭାଇନ ଡିପ୍ଲୋମା ଷ୍ଟୁଡେଣ୍ଟ ଅଫ୍ ଦିଇୟର ଆଖ୍ୟା ସ୍ୱିଟି ନାୟକ, ଡିଭାଇନ ନର୍ସିଙ୍ଗ ଷ୍ଟୁଡେଣ୍ଟ ଅଫ ଦି ଇୟର ଶ୍ରାବଣୀ ପରିଡା ଓ ଡିଭାଇନ ଯୁକ୍ତ ୨ ବିଜ୍ଞାନର ଶୁଭମ ସ୍ୱସ୍ତିକ କରଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ଆଖ୍ୟା ପ୍ରଦାନ କରଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ତିନୋଟି ଭିନ୍ନ ଭିନ୍ନ ମୁଖପତ୍ର ସେଭୋୟର ଫେୟାର ନାମରେ ଉନ୍ମୋଚିତ ହୋଇଥିଲା।



ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୭.୧୧.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ରଣପୁର ଶାଖା, ସା: ରଣପୁର, ପୋ: ରାଜରଣପୁର, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ଗଙ୍ଗାଧର ବେହେରା, ମୋ.: ୯୨୩୦୫୦୦୪୩୬** | | |
| ୧. | **ରାମ ଚନ୍ଦ୍ର ସାହୁ,** ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୦୪ | ଟ.୪୭,୪୦୦/- + ସୁଧ ଏବଂ ଦେୟ | ୩୧.୫୦ |
| ୨. | **ପ୍ରଫୁଲ୍ଲ ବେହେରା,** ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୨୦ | ଟ.୬୬,୦୫୪/- + ସୁଧ ଏବଂ ଦେୟ | ୬୬.୩୦ |
| ୩. | **ରବି ବେହେରା,** ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୩୦ | ଟ.୫୫,୯୭୩/- + ସୁଧ ଏବଂ ଦେୟ | ୫୯.୨୦ |
| ୪. | **ଆଶୁତୋଷ ସାହୁ,** ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୫୧୦ | ଟ.୭୬,୩୭୦/- + ସୁଧ ଏବଂ ଦେୟ | ୬୩.୨୦ |
| ୫. | **ଶରତ କୁମାର ମହାପାତ୍ର,** ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୬୦୬୦୦୫୦୦୪୨୭ | ଟ.୨୨,୪୪୦/- + ସୁଧ ଏବଂ ଦେୟ | ୧୦.୩୦ |
| | **କୋଣାର୍କ ଶାଖା, ସା: କୋଣାର୍କ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | **ପ୍ରକାଶ ଚନ୍ଦ୍ର ବିଶ୍ୱାଳ,** ସା: ସାରଡା, କୋଣାର୍କ, ପୁରୀ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୮ |
| | **ନୟାଗଡ ଶାଖା, ସା: ଇଟାମାଟି, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ ନାୟକ, ମୋ.: ୭୪୩୭୯୯୮୧୫୧** | | |
| ୧. | **ବିକାଶ କୁମାର ,** ସା/ପୋ/ଜିଲ୍ଲା: ନୟାଗଡ / ୧୮୪୬୦୬୧୦୦୨୮୫୪୪ | ଟ.୬୬,୦୦୦/- + ସୁଧ ଏବଂ ଦେୟ | ୨୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ ।
**୩. ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୫** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

## ସଂକ୍ଷେପରେ

### ୩ ପଞ୍ଚାୟତକୁ ଡିଏମ୍‌ଏଫ୍ ଅଧୀନକୁ ଆଣିବାକୁ ଦାବି

ଚମ୍ପୁଆ,୧୧।୧୧
(ମହେଶ୍ୱର ଦାସ)

କେନ୍ଦୁଝରଜିଲା ଖଣିଜପାଣ୍ଠି(ଡିଏମ୍‌ଏଫ୍)ରୁ ଚମ୍ପୁଆ ବ୍ଲକ୍‌ର ବାଦ ପଡ଼ିଥିବା ୩ ପଞ୍ଚାୟତ ଓ ଗୋଟାଏ ଏନ୍‌ଏସିକୁ ସାମିଲ କରିବାକୁ ଦାବି ହୋଇଛି। ଏ ନେଇ ଚମ୍ପୁଆ ବ୍ଲକ୍ ବିଜେଡି ସଭାପତି ଗଣେଶ ଖିଲାର ତୁରନ୍ତ ପଦକ୍ଷେପ ପାଇଁ ଜିଲାପାଳ ବିଶାଲ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋମବାର ଦିନ ଚମ୍ପୁଆ ବ୍ଲକ୍ ପରିସରରେ ମିଳିତ ଅଭିଯୋଗ ଶୁଣାଣିରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଅନୁସାରେ, ଚମ୍ପୁଆ ବ୍ଲକ୍‌ର ୨୨ ପଞ୍ଚାୟତରୁ ୧୯ ପଞ୍ଚାୟତ ଜିଲା ଖଣିଜ ପାଣ୍ଠି ଦ୍ୱାରା ହେବାକୁ ଥିବା ଉନ୍ନୟନ କାର୍ଯ୍ୟରେ ସାମିଲ ହୋଇଛି। ରିମୁଳି, କାଳିକାପ୍ରସାଦ, ରଜିଆ ଓ ଚମ୍ପୁଆ ଏନ୍‌ଏସି ଏଥିରୁ ବାଦ ପଡ଼ିଛି। ଅନ୍ୟପକ୍ଷରେ ଖଣିଜ ସହର ଯୋଡ଼ା, ବଡ଼ବିଲକୁ ମାଲ ପରିବହନ ପାଇଁ ଧୂଳିଧୂଆଁରେ ପ୍ରଭାବିତ ହେଉଥିବା ରିମୁଳି, କାଳିକାପ୍ରସାଦ, ରଜିଆ ଓ ଚମ୍ପୁଆ ଏନ୍‌ଏସି ରାସ୍ତା ପ୍ରମୁଖ ଭାବରେ ଗଣା ଯାଉଥିଛି। ତଥାପି ଉକ୍ତ ଅଞ୍ଚଳ ଜିଲା ଖଣିଜ ପାଣ୍ଠିରୁ ବାଦ ପଡ଼ିଛି, ଦୂରବର୍ତ୍ତୀ ପଞ୍ଚାୟତଗୁଡ଼ିକ ଏଥିରେ ସାମିଲ ହୋଇଛି। ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ କିପରି ଏହି ପଞ୍ଚାୟତ ଏବଂ ଏନ୍‌ଏସି ବାଦ ପଡ଼ିଲା ତାହା ଦୁର୍ଭାଗ୍ୟ ଜନକ ବୋଲି ଗଣେଶ କହିଛନ୍ତି।

### ୧୬ ପାନଦୋକାନ ଉପରେ ଚଢ଼ାଉ, ଜରିମାନା ଆଦାୟ

ସିମୁଳିଆ, ୧୧।୧୧(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ଡ୍ରଗ୍ସ ଇନ୍‌ସପେକ୍ଟର ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ମଙ୍ଗଳବାର ମଧ୍ୟାହ୍ନରେ ସିମୁଳିଆ ଥାନା ମାର୍କୋଣା ଛକ ଓ ବଜାରରେ ଥିବା ବିଭିନ୍ନ ୧୬ଟି ପାନ ଓ ଚା’ ଦୋକାନ ଉପରେ ଚଢ଼ାଉ କରାଯାଇ ୩୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନୟ କୁମାର ସେନାପତି, ଖଇରା ଅବକାରୀ ଏଏସ୍‌ଆଇ ଦୀପ୍ତିକା ପରିଡ଼ା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକଙ୍କ ସମେତ ସିମୁଳିଆ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍କୁଲରେ ଉତ୍ତେଜନା: ପ୍ରଧାନ ଶିକ୍ଷକ-ଗ୍ରାମବାସୀ ମୁହାଁମୁହିଁ

ତିହିଡ଼ି,୧୧।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ ତଳଦପା ପ୍ରାଥମିକ ସ୍କୁଲରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରଧାନଶିକ୍ଷକ ଏବଂ କେତେଜଣ ଗ୍ରାମବାସୀ ମୁହାଁମୁହିଁ ହେବାରୁ ଉତ୍ତେଜନା ଦେଖାଦେଇଛି। ସ୍କୁଲରେ କାର୍ଯ୍ୟରତ ଜଣେ ପାଚିକାଙ୍କ ସହ କେତେଜଣ ଗ୍ରାମବାସୀଙ୍କ ବିବାଦକୁନେଇ ଏଭଳିସ୍ଥିତିସୃଷ୍ଟିହୋଇଛି।ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନା ଏବଂ ଗ୍ରାମବାସୀ ପୀରହାଟ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରଧାନଶିକ୍ଷକ ଜେନା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସ୍କୁଲରେ କାର୍ଯ୍ୟରତ ଜଣେ ପାଚିକାଙ୍କ ସହ କେତେଜଣ ଗ୍ରାମବାସୀଙ୍କ ବିବାଦ ରହିଛି। ସେହି ପାଚିକାଙ୍କୁ ସ୍କୁଲରୁ ବାହାର କରିଦେବାକୁ ସେମାନେ ତାଙ୍କ ଉପରେ ଚାପ ପକାଇବା ସହ ମାନସିକ ନିର୍ଯାତନା ଦେଉଥିଲେ। ସେ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା, ସରପଞ୍ଚ ପ୍ରମୁଖଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ତେବେ ମଙ୍ଗଳବାର ସେ ଓ ଅନ୍ୟ ଶିକ୍ଷକମାନେ ପାଠ ପଢ଼ାଉଥିବା ବେଳେ କେତେଜଣ ଗ୍ରାମବାସୀ ସ୍କୁଲରେ ପଶି ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ସେ ଓ ଅନ୍ୟ ଶିକ୍ଷକମାନେ ଭୟଭୀତ ହୋଇ ଗାଁ ଆଡ଼େ ଦୌଡ଼ି ପଳାଇବା ବେଳେ କେତେଜଣ ଗ୍ରାମବାସୀ ଓ ପୋଲିସ ସେମାନଙ୍କୁ ରକ୍ଷା କରିଥିଲେ। ଅପରପକ୍ଷେ ଅଭିମନ୍ୟୁ ମଲିକଙ୍କ ସମେତ ଅନ୍ୟ ଜଣେ ଗ୍ରାମବାସୀ ପ୍ରଧାନଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଅଭିମନ୍ୟୁ ଦର୍ଶାଇଛନ୍ତି ଯେ, ସ୍କୁଲରେ ପାଟିତୁଣ୍ଡ ହେଉଥିବା ଶୁଣି ସେ ସ୍କୁଲକୁ ଯିବା ବେଳେ ତାଙ୍କ ସ୍ତ୍ରୀଙ୍କୁ ପ୍ରଧାନଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ମାଡ଼ ମାରୁଥିବାର ସେ ଦେଖିବାକୁ ପାଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ପ୍ରକାଶଥାଉ କି, କେତେଜଣ ଗ୍ରାମବାସୀ କିଛିଦିନ ପୂର୍ବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସ୍କୁଲରେ କାର୍ଯ୍ୟରତ ପାଚିକାଙ୍କୁ ହଟାଇବାକୁ ଦାବି କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ପ୍ରତିକ୍ରିୟା ସ୍ୱରୂପ ମଙ୍ଗଳବାର ସ୍କୁଲରେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

# ପୋଡ଼ିହୋଇ ଛାତ୍ରୀ ଗୁରୁତର

## ଡୁମୁରିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ

ପାଟଣା/କେନ୍ଦୁଝର,୧୧।୧୧
(ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)




ଡାକ୍ତରଖାନାରେ ଚିକିତ୍ସାଧୀନ ଛାତ୍ରୀ।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ ଘଟିଛି। ବିଦ୍ୟାଳୟର ୪୦ ଶଯ୍ୟା ବିଶିଷ୍ଟ ସ୍ୱଳ୍ପ ବ୍ୟୟ ହଷ୍ଟେଲରେ ରହି ପଢୁଥିବା ଜଣେ ୨ୟ ଶ୍ରେଣୀ ଛାତ୍ରୀ ସୋମବାର ରାତିରେ ନିଆଁ ପୋଉଁଥିବା ବେଳେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ରୀ ଜଣକ ହେଉଛନ୍ତି ତୁରୁମୁଙ୍ଗା ଥାନା ସାନଗମ୍ଭାରିଆ ଗ୍ରାମର ଟୁଟୁ ମୁଣ୍ଡାଙ୍କ ଝିଅ ଜୟନ୍ତୀ ମୁଣ୍ଡା(୮)। କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୬୯ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୪୦ ସିଟ୍ ବିଶିଷ୍ଟ ହଷ୍ଟେଲରେ ଛାତ୍ରୀ ରହୁଥିଲେ। ସୋମବାର ରାତିରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସାଙ୍ଗଙ୍କ ସହ ଛାତ୍ରୀ ଜଣଙ୍କ ରୋଷେଇ ଘରେ ନିଆଁ ପୋଉଁଥିଲେ। ଅସାବଧାନତାବଶତଃ ତାଙ୍କ ଶାର୍ଟରେ ନିଆଁ ଲାଗି ଅଣ୍ଟା, ପିଠି, ପେଟ ପୋଡ଼ି ଯାଇଛି। ତାଙ୍କୁ ପ୍ରଥମେ ଡୁମୁରିଆ, ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କେନ୍ଦୁଝରରେ କୌଣସି ସୁବିଧା ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଛାତ୍ରୀଙ୍କ ସହିତ ତାଙ୍କ ବାପା ଟୁଟୁ ମୁଣ୍ଡା ଓ ମା’ ରାସ ମୁଣ୍ଡା ଅଛନ୍ତି। ପ୍ରଧାନ ଶିକ୍ଷକ ଅନନ୍ତଚରଣ ମୁର୍ମୁ କହିଛନ୍ତି, ରୋଷେୟା ଗୋବର୍ଦ୍ଧନ ନାଏକ ରୋଷେଇ ଘର ବାହାରକୁ କାମରେ ସ୍ୱଳ୍ପ ସମୟ ପାଇଁ ଯାଇଥିଲେ। ସେ ସମୟରେ ଛାତ୍ରୀ ନିଆଁ ପୋଉଁବାକୁ ଯାଇଥିଲେ। ଅସାବଧାନତା ଯୋଗୁ ଡ୍ରେସ୍‌ରେ ନିଆଁ ଲାଗିଥିଲା। ପାଟି ଶୁଣି ରୋଷେୟା ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା କରିଥିବା ଡା. ରାଧାମୋହନ ସାହୁ କହିଛନ୍ତି, ଝିଅ ଶରୀରର ୨୫ପ୍ରତିଶତ ପୋଡ଼ିଯାଇଛି। ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ କହିଛନ୍ତି, କେନ୍ଦୁଝର ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଦିଆଯିବ। ଏ ନେଇ ଡବ୍ଲ୍ୟୁଇଓ ସିପ୍ରାରାଣୀ ମହାନ୍ତ କହିଛନ୍ତି, ଛାତ୍ରୀଙ୍କ ଉଚ୍ଚ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ଏ ନେଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଅଧିକାରୀଙ୍କ ସହ ବିଚାର ବିମର୍ଶ କରାଯାଉଛି। ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି କହିଛନ୍ତି, ସେ ସିଡିଏମଓଙ୍କ ସହିତ କଥାବାର୍ତ୍ତା ହୋଇ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଘଟଣାରେ ଯିଏ ଦାୟୀ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘ଅଧିକାରୀମାନେ ଚାଷୀଙ୍କ ସହ ସମ୍ପର୍କ ରଖନ୍ତୁ’



ଏମ୍‌ପି ଅଭିମନ୍ୟୁ ସେଠୀ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଭଣ୍ଡାରିପୋଖରୀ,୧୧।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଲକ୍ଷ୍ୟ ସଫଳ କରିବା ପାଇଁ ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିବାକୁ ପଡ଼ିବ। ମେଳାରେ ଚାଷୀଙ୍କ ଉପସ୍ଥିତି ଉତ୍ସାହଜନକ ନୁହେଁ। ଏଥିପାଇଁ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସହଯୋଗ ଲୋଡ଼ାଯାଇ ନାହିଁ। କେବଳ ଔପଚାରିକତା ଦୃଷ୍ଟିରୁ ମେଳା ଆୟୋଜନ କଲେ ଲକ୍ଷ୍ୟ ହାସଲ ସମ୍ଭବପର ନୁହେଁ। ଏଥିପ୍ରତି ଅଧିକାରୀ ଦାୟିତ୍ୱବାନ ହେବା ଜରୁରୀ ବୋଲି ଭଣ୍ଡାରିପୋଖରୀ କଲେଜ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ଆୟୋଜକ ଅଧିକାରୀମାନଙ୍କୁ ଏମ୍‌ପି ତାଗିଦ୍ କରିବା ସହ ଏ ସମ୍ପର୍କରେ ସରକାରଙ୍କୁ ରିପୋର୍ଟ କରିବେ ବୋଲି ସତର୍କ କରାଇ ଦେଇଛନ୍ତି।

ପ୍ରତ୍ୟେକ ପଞ୍ଚାୟତରୁ ୧୦ଜଣ ମତ୍ସ୍ୟ ଚାଷୀ ଓ ୧୦ଜଣ ପ୍ରାଣୀ ପାଳକ ଯୋଗଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏନେଇ କ୍ଷେତ୍ରୀୟ ପ୍ରାଣୀ ଚିକିତ୍ସକଙ୍କୁ ଦାୟିତ୍ୱ ଦିଆଯାଇଥିଲା ବୋଲି ମେଳାର ଆବାହକ ତଥା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ସାହୁ କହିଥିଲେ। ଅନ୍ୟପକ୍ଷେ ମେଳାରେ ଜିଲା ମତ୍ସ୍ୟ ଅଧିକାରୀ(ଉପନିର୍ଦ୍ଦେଶକ) ଯୋଗ ଦେଇ ନ ଥିବାରୁ ଏମ୍‌ପି ବିରକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ହୃଷୀକେଶ ବେହେରା, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ଜାନକୀ ବେହେରା ଯୋଗଦେଇ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ପାଇଁ ଉପଲବ୍ଧ ସରକାରୀ ଯୋଜନା, ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଚାଷୀ ପ୍ରଫୁଲ୍ଲ କୁମାର ପତି, ଅଞ୍ଜନ କୁମାର ସାହୁ, ସନ୍ତୋଷ କୁମାର ନାୟକ, ଇତିଶ୍ରୀ ପଣ୍ଡା, ଦେବେନ୍ଦ୍ର କୁମାର ରାଉତଙ୍କ ସମେତ ମା’ ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି

ରାଇରଙ୍ଗପୁର,୧୧।୧୧
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର (ବାମନ ଘାଟି) ଉପଖଣ୍ଡସ୍ତରୀୟ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସୟ ଅଧ୍ୟକ୍ଷତା କରିଥିବା ବେଳେ ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ରାଇରଙ୍ଗପୁର ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା.ରବିନ୍ଦ୍ର ନାଥ ମାରାଣ୍ଡି, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ମୋଟ ୯୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୭୭ଟି ଏବଂ ସାମୂହିକ ସମସ୍ୟା ସମ୍ବଳିତ ୧୯ଟି ଅଭିଯୋଗ ରହିଥିଲା। ଏଥିସହ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଓ ରେଡ୍‌କ୍ରସ ପାଣ୍ଠିରୁ ଅନ୍ୟ ଜଣଙ୍କୁ ୫ ହଜାର ଟଙ୍କା ଅନୁଦାନ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଉପଖଣ୍ଡ ଅଧୀନ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ମହିଳା ଏବଂ ଆଇସିଡିଏସ ଅଧିକାରିଣୀ, ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଉଟି କଲ୍ୟାଣ, କୃଷି, ଆଇଟିଡିଏ ସମେତ ବିଭିନ୍ନ କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତାଲା ଭାଙ୍ଗି ଦୋକାନରୁ ଚୋରି

ନ୍ଗୋପବନ୍ଧୁ ନଗର,୧୧।୧୦(ଶାନ୍ତନୁ କୁମାର ମଡୁଆଲ)- ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ବଜାରରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଧିରେନ ବଳିଆର ସିଂହଙ୍କ ତେଜରାତି ଦୋକାନର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଏବଂ ଟଙ୍କା ଲୁଟି ନେଇଥିବା କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତେବେ ୬ ମାସ ଧରି କ୍ରମାଗତ ମନ୍ଦିର, ଦୋକାନ,ବାଇକ୍, ମୋଟର ଯାନ ପ୍ରଭୃତି ଚୋରି ହେଉଥିବାରୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି। ତେବେ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

IFFCO
## ଚାଷୀଭାଇମାନଙ୍କୁ ନିବେଦନ
International Year of Cooperatives 2025

ଶ୍ରଦ୍ଧେୟ ଚାଷୀଭାଇ,

ଦୟାକରି ଇଫ୍‌କୋର ଉନ୍ନତ ଉତ୍ପାଦ - ନାନୋ ୟୁରିଆ, ନାନୋ ଡିଏପି, ନାନୋ ଜିଙ୍କ୍, ନାନୋ କପର୍ ଆଦିକୁ କୌଣସି ବାଧ୍ୟବାଧକତାରେ କିମ୍ବା ଅନୁପଯୁକ୍ତ ଟ୍ୟାଗିଂ କାରଣରୁ କିଣନ୍ତୁ ନାହିଁ। ସେଗୁଡ଼ିକୁ କେବଳ ନିଜର ସ୍ୱଇଚ୍ଛାରେ କିଣନ୍ତୁ।

ଯଦି ସେଥିପାଇଁ କେହି ଆପଣଙ୍କୁ ବାଧ କରିବାର ଚେଷ୍ଟା କରନ୍ତି ତେବେ ସେ ବିଷୟରେ ତୁରନ୍ତ ଇଫ୍‌କୋର ଆଞ୍ଚଳିକ କାର୍ଯ୍ୟାଳୟ ଅଥବା ଜିଲ୍ଲା କୃଷି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ ନ ହେଲେ ତଳେ ଦିଆଯାଇଥିବା ଟୋଲ୍-ଫ୍ରି ନମ୍ବରରେ କଲ୍ କରନ୍ତୁ। ଆପଣଙ୍କ ସତର୍କତା ହିଁ ଆମର ସାମୂହିକ ସମୃଦ୍ଧିକୁ ସୁନିଶ୍ଚିତ କରିବ।

ଆମେ ଆପଣଙ୍କୁ ଏହା ମଧ୍ୟ ସୂଚିତ କରିବାକୁ ଚାହୁଁଅଛୁ ଯେ, ଯଦି କୌଣସି ଡିଲର୍, ରିଟେଲର୍ କିମ୍ବା ସାର ବିକ୍ରେତା ଏପରି ଟ୍ୟାଗିଂ କାର୍ଯ୍ୟରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ଇଫ୍‌କୋ ସେମାନଙ୍କ ସହିତ ସମସ୍ତ ବ୍ୟବସାୟ ସମ୍ପର୍କକୁ ଛିନ୍ନ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଟୋଲ୍ ଫ୍ରି ନମ୍ବର: 1800 103 1967
ମୁଖ୍ୟ ପ୍ରବନ୍ଧକ
ଜନସମ୍ପର୍କ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED : A reputed Trading house at BBSR needs
• Jr. Accountant - with min. 2-3 yrs. exp. in Tally
• Office Asst. - with Computer Knowledge
Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

See Career Appointment on every Wednesday & Saturday

SB SAHOO & CO PVT LTD
BHUBANESWAR
We are hiring Marketing Executive and Accounting Professional.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

WE ARE HIRING
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Since : 1993
Business Development Exec (10 pos)
Qualification : B.B.A/M.B.A
Experience : 1-2 years
Counseling (Tele Caller)(2 pos)
Qualification : Graduate/M.B.A
Experience : Experience / Fresher
Manager (2 pos)
Qualification : M.B.A
Experience : 3-5 years
Preferred Language : Eng, Hindi, Odia & Telegu
CAREER POINT
Raniguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ବାଘ ଖାଇଗଲା ୬ ଛେଳି

ଠାକୁରମୁଣ୍ଡା,୧୧।୧୧(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା ରେଞ୍ଜ ଓ ପୋଡାଡ଼ିହା ବନ୍ୟ ପ୍ରାଣୀ ରେଞ୍ଜ ଅଞ୍ଚଳରେ ୨ ଦିନରେ ମଧ୍ୟରେ ବାଘ ଆକ୍ରମଣ କରି ୬ଟି ଛେଳି ମାରି ଖାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ୍ କିରିକିଟିପାଳ ଗ୍ରାମର ତାରାମଣି ବଡ଼ନାୟକ ଓ ପିନି ଦାସ ଗତ ରବିବାର ଗ୍ରାମ ନିକଟ ପୋଡାଡ଼ିହା ବନ୍ୟ ପ୍ରାଣୀ ରେଞ୍ଜ ଅଧୀନ ଏସଏଲ-୧୫ର ମଝିବଣ ଜଙ୍ଗଲ ଭିତରେ ତାଙ୍କ ଛେଳିଗୁଡିକୁ ଚରିବା ପାଇଁ ଛାଡ଼ିଦେଇ ଆସିଥିଲେ। ଅପରାହ୍ନରେ କିଛି ଛେଳି ଘରକୁ ଦୌଡ଼ି ପଳାଇ ଆସିଥିଲେ। ଅନ୍ୟ ୬ଟିଛେଳି ଘରକୁ ଫେରି ନ ଥିଲେ। ଜଙ୍ଗଲରେ ଖୋଜାଖୋଜି କରିବା ପରେ ୩ଟି ଛେଳି ଶରୀରର କିଛି ଅଂଶ ପାଇଥିଲେ। ଅନ୍ୟ ୨ଟି ଛେଳିର ସନ୍ଧାନ ମିଳି ନ ଥିଲା। ଛେଳି ମୃତଦେହ ନିକଟରେ ବାଘର ପାଦଚିହ୍ନ ପଡ଼ିଥିବାରୁ ସେଗୁଡ଼ିକୁ ବାଘ ମାରିଥିବା ଛେଳି ମାଲିକ ପିନି ଦାସ କହିଛନ୍ତି। ସେହିପରି ଠାକୁରମୁଣ୍ଡା ରେଞ୍ଜ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅଧୀନ ଅସନକୁଦର ଗ୍ରାମର ରାମଚନ୍ଦ୍ର ସୟ ନିକଟସ୍ଥ ଆମ୍ବୁଲାଘୁଟୁ ଜଙ୍ଗଲକୁ ଛେଳିଗୁଡ଼ିକୁ ଚରାଇବାକୁ ନେଇଥିବା ବେଳେ ସେଥିରୁ ଗୋଟିଏ ଛେଳିକୁ ବାଘ ଆକ୍ରମଣ କରି ମାରି ଦେଇଥିଲା। ସମସ୍ତ ଛେଳିଗୁଡ଼ିକୁ କଲରାପତାରିଆ ବାଘ ଆକ୍ରମଣ କରି ମାରିଥିବା କୁହାଯାଉଛି।

# ୪ ଅଭିଯୁକ୍ତ କୋର୍ଟଚାଲାଣ

## ଲୁହାପଥର ବୋଝେଇ ୨ ଟ୍ରକ୍ ଜବତ ଘଟଣା

ଯୋଡ଼ା,୧୧।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ପୋଲିସ ପିଢ଼ପୋଖରୀ ବନାଞ୍ଚଳରୁ ଚୋରା ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯୋଡ଼ା ହୁଡ଼ିସାହିର ପ୍ରିନ୍ସ ଜର୍ଜ, ଝାଡ଼ଖଣ୍ଡ ରାଜ୍ୟ ଦେଓଘରର ହାଡ଼ିସ ମିଆଁ, ବଡ଼ବିଲ ଆଜାଦ ବସ୍ତିର ମହମ୍ମଦ ମୋସିନ ଆଲମ ଓ ବଡ଼ବିଲ ଦାମୁହଟିଂର ୱାସିମ ଆକ୍ରାମ। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କେନ୍ଦୁଝର-ସୁନ୍ଦରଗଡ଼ ଜିଲା ସୀମାନ୍ତ ପିଢ଼ପୋଖରୀ ବନାଞ୍ଚଳରେ ଜେଶିବି ମେସିନ ଯୋଗେ ଖୋଳି ଲୁହାପଥର ବୋଝେଇ ହେଉଥିଲା। ଖବର ପାଇ ଥାନା ଆଇଆଇସି ଯସକେତନ ଭୋଇ ସଦଳବଳେ ଚଢ଼ାଉ କରି ୨ ହାଇୱା (ନଂ. ଓଡି ୦୯ ପି୨୨୯୨, ଓଡ଼ି ୦୯ ଭି ୩୪୦୬), ଜେଶିବି (ନଂ. ଓଡି ୨୨ ୟୁ ୮୪୪୭), ବାଇକ (ନଂ. ଓଆର୍ ୦୯ ପି ୦୧୫୩) ଜବତ କରିଥିଲେ। ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୬୦ ମେଟ୍ରିକ୍ ଟନ ଉନ୍ନତ ମାନର ଲମ୍ପସ ଲୁହାପଥର ବୋଝେଇ ହୋଇଥିବା ପୋଲିସ କହିଛି। ଘଟଣାର ତଦନ୍ତ କରି ଆଉ ୨ଜଣଙ୍କୁ ଧରିଥିଲେ। ପରେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବାମେବାରି ଥାନାରେ ଏକ ମାମଲା(ନଂ.୨୨୩/୨୦୨୫) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚୋରା ଲୁହାପଥର ପଡ଼ୋଶୀ ରାଜ୍ୟକୁ ଚାଲାଣ ହେଉଥିବା ପ୍ରାରମ୍ଭିକ ଅନୁସନ୍ଧାନ ପରେ ଥାନା ଅଧିକାରୀ କହିଛନ୍ତି।



For generations, we've shared the joy of your family's weddings.
As you begin a new chapter of love and togetherness, celebrate it with the Kalamandir Loyalty Reward — a token of our blessings and good wishes.
UP TO ₹1,000 EXTRA CASHBACK* SBI card
*Min. Trxn.: ₹6,000; Max. Cashback: ₹1,000 per card account; Validity: 05 Nov - 25 Dec 2025. T&C Apply.
kalamandir କଳାମନ୍ଦିର ODISHA'S MOST POPULAR FASHION SHOP ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
*Conditions Apply
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Patolas
Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas | Sherwanis | Casuals
Exclusive Readymades | Women's Wear | Kidswear | Furnishings | Dress Materials

# ଦିଲ୍ଲୀ ବିସ୍ଫୋରଣ ପରେ ବାଲେଶ୍ୱରରେ ହାଇ ଆଲର୍ଟ

## ପୂର୍ବାଞ୍ଚଳ ରେଞ୍ଜରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା : ଡିଆଇଜି

ବାଲେଶ୍ୱର, ୧୧।୧୧(ବାଞ୍ଛାନିଧି ଦେ)

ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ବଡଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ଅନ୍ୟୁନ ୧୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୪ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୁରୀ, ଭୁବନେଶ୍ୱର, କଟକ ଆଦିରେ ହାଇଆଲର୍ଟ ଜାରି ହୋଇଥିବା ବେଳେ ବାଲେଶ୍ୱର ଜିଲାକୁ ମଧ ହାଇଆଲର୍ଟରେ ରଖାଯାଇଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ସୋମବାର ରାତିରେ ଚାନ୍ଦିପୁର ସମେତ ସହରର ବିଭିନ୍ନ ସ୍ଥାନ ଓ ରାଜପଥରେ କଡାକଡି ଯାଞ୍ଚ ଆରମ୍ଭ ହୋଇଛି। ସମ୍ବେଦନଶୀଳ ସ୍ଥାନ ସହିତ ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ଧାର୍ମିକ ସ୍ଥଳରେ ତୀକ୍ଷ୍ଣ ନଜର ରଖାଯାଇଛି। ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ମଧ ଯାଞ୍ଚ କଡାକଡି କରାଯାଉଛି। ବିଶେଷକରି ଚାନ୍ଦିପୁର ଡିଆରଡିଓ, ଆଇଟିଆର ଓ ପିଏକ୍ସଇ ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଛି।

ପୂର୍ବାଞ୍ଚଳ ଡିଆଇଜି ମିଶ୍ର ଏହି ରେଞ୍ଜ ଅଧୀନ ୩ଟି ଜିଲା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରେ ପୋଲିସ ପକ୍ଷରୁ କଡାକଡି ଚେକିଂ ଚାଲିଛି। ନାକା ପଏଣ୍ଟ, ବିଭିନ୍ନ ହୋଟେଲ, ସମ୍ବେଦନଶୀଳ ଜାଗା ଓ ସନ୍ଦିଗ୍ଧ ବ୍ୟକ୍ତି ଓ ଯାନବାହାନ ଚେକିଂ କରାଯିବା ସହ ତୀକ୍ଷ୍ଣ ନଜର ରଖାଯାଇଛି। ସାମୁଦ୍ରିକ ଥାନାମାନଙ୍କରେ ଫୋର୍ସ ନିୟୋଜିତ ଅଛନ୍ତି। ସମସ୍ତ ସ୍ତରର ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉଛନ୍ତି ବୋଲି ସେ କହିଛନ୍ତି। ଯଦି କୌଣସି ସନ୍ଦିଗ୍ଧ ଯାନବାହନ, ବ୍ୟକ୍ତି କିମ୍ବା ବିସ୍ଫୋରକ ସାମଗ୍ରୀ ସମ୍ପର୍କରେ ସୂଚନା ମିଳେ ତେବେ ସଙ୍ଗେ ସଙ୍ଗେ ପୋଲିସ ସହ ଯୋଗାଯୋଗ କରିବାକୁ କୁହାଯାଇଛି।



ବାଲେଶ୍ୱର ଷ୍ଟେଶନ ସମ୍ମୁଖରେ ଏସ୍‌ପି ଯାଞ୍ଚ ସମ୍ପର୍କରେ ତଦାରଖ କରୁଛନ୍ତି।

# ବିଏମ୍‌ବି ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଖଇରା, ୧୧।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବଗେଇପୁର ମିନି ଷ୍ଟାଡିୟମରେ ଚାଲିଥିବା ବିଏମବି ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଓଡିଶା, ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ଟି ଦଳ ଏଥିରେ ଭାଗ ନେଇଥିବା ବେଳେ ରଜତନଗରର ଜେଏଫସି ବାରିପଦାର ବଜରଙ୍ଗୀ ଏଫସିକୁ ୨-୦ରେ ପରାସ୍ତ କରି ୨୦୨୫ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କେଦାର କାଲୁନ୍ଦିଆ, କାଳନ୍ଦୀ ମୁର୍ମୁ, ବାପୁନୁ ମହନ୍ତ ଓ ସୁନୀଲ ଟୁଡୁ ରେଫେରୀ ଦାୟିତ୍ୱ ଏବଂ ରଜତ କୁମାର ତିରିଆ ଭାସ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିଏମବି କ୍ଲବ ଆନୁକୂଲ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମିତି ସଭ୍ୟା ପ୍ରିୟତମା ମୁଦୁଲି, କୁପାରୀ ସମିତିସଭ୍ୟ ଅକ୍ଷୟ କୁମାର ଜେନା, ବିଶିଷ୍ଟ ଶିଳ୍ପପତି ଗଜେନ୍ଦ୍ର ବାରିକ, ଝିଙ୍କିରିଆ ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ କୈଳାସ ମାଝୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଟିମକୁ ଟ୍ରଫି ସହ ୫୦ହଜାର, ରନର୍ସ ଅପ୍ ଟିମ୍‌କୁ କପ୍ ସହ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବଶଙ୍କର ଖିଲାର ଓ ଶ୍ରୀକାନ୍ତ ବେହେରାଙ୍କ ସମେତ ବିଏମବି କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗରାଇର ଦହମୁଣ୍ଡା ହାଇସ୍କୁଲ ପ୍ରଥମ


## ପୂର୍ବଭାରତ ନାଟକ ପ୍ରତିଯୋଗିତା

ଭୋଗରାଇ, ୧୧।୧୧( ପ୍ରଦୀପ ଦାସ): କୋଲକାତାସ୍ଥିତ ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକନୋଲୋଜିକାଲ ମ୍ୟୁଜିୟମଠାରେ ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଜ୍ଞାନ ନାଟକ 'ପାରାସିଟାମଲ' ପରିବେଷଣ କରି ପଶ୍ଚିମବଙ୍ଗ, ବିହାର ଓ ଆଣ୍ଡାମାନ-ନିକୋବରକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ନାଟକ 'ପୁନର୍ଜନ୍ମ' ଦ୍ୱିତୀୟ ଓ କେନ୍ଦ୍ରାପଡ଼ା, ଓଡ଼ିଶାର ନାଟକ 'ଝିଅ ତୁ ଜଗତଜିତା' ତୃତୀୟ ସ୍ଥାନ ଅଧିକାର କରିଛି। ଆସନ୍ତା ୨୦୨୬ ଜାନୁଆରୀ ୬ ଓ ୭ରେ କୋଲକାତା ବିର୍ଲା ମ୍ୟୁଜିୟମଠାରେ ହେବାକୁ ଥିବା ଜାତୀୟ ବିଜ୍ଞାନ ନାଟକ ଉତ୍ସବରେ ଭାରତର ୫ଟି ଜୋନର ଅନ୍ୟ ୯ଟି ନାଟକ ସହିତ ଭାଗନେବା ନିମନ୍ତେ ଏହି ଟିମ୍ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଦର୍ଶ ଶିକ୍ଷକ ଦେବବ୍ରତ ଦେଙ୍କ ରଚିତ ଓ ଶିକ୍ଷକ ଚନ୍ଦନ କୁମାର ଦାସଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଅଭିନୟ କରିଥିବା କଳାକାରମାନଙ୍କୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଶୁଭେଚ୍ଛା ଜଣାଇଛନ୍ତି।



ନାଟକ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଦହମୁଣ୍ଡା ବିଦ୍ୟାଳୟର ଛାତ୍ରୀଛାତ୍ର।

# ଯୁବ କଂଗ୍ରେସର ୬୦ କି.ମି. ପଦଯାତ୍ରା



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର, ୧୧।୧୧(ବାଞ୍ଛାନିଧି ଦେ)

- ବାଲିଆପାଳ ଏନ୍‌ଏସି ଦାବି ତେଜିଲା
- ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର ଜିଲା ବାଲିଆପାଳକୁ ଏନଏସି ମାନ୍ୟତା ସହ ୩ଦଫା ସମ୍ବଳିତ ଦାବିପତ୍ର ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସୋମବାର ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳରୁ ଏକ ପଦଯାତ୍ରା ବାହାରିଥିଲା। ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ସୁବାସ ନାୟକ ଓ ବସ୍ତା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ବାଲିଆପାଳରୁ ଦେଭୋଗ, ଖପରାପଦା, ଜାମଶୁଳୀ, ମୁକୁଲୁସି, ଦରଡା, ବସ୍ତା ଗାନ୍ଧୀ ଛକ, ରୂପସା, ହଳଦୀପଦା ହୋଇ ଏହି ପଦଯାତ୍ରା ନିଧିପଣ୍ଡାରେ ପହଞ୍ଚିଥିଲା। ସେଠାରେ ଏକ କଲ୍ୟାଣ ମଣ୍ଡପରେ ସମସ୍ତେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ପୁଣି ପଦଯାତ୍ରା ଆରମ୍ଭ ହୋଇ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ପୂର୍ବତନ ଜିଲା ସଭାପତି ସଞ୍ଜୀବ ଗିରି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ବାଲିଆପାଳ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନା, ଯୁବନେତା ସରୋଜ ଲେଙ୍କା ପ୍ରମୁଖ ଯୋଗଦେଇ ବାଲିଆପାଳକୁ ଏନଏସି ମାନ୍ୟତା ସହ ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ବାଲିଆପାଳ ପ୍ରତାପପୁର ଓ ଇଡ଼କୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି କରିଥିଲେ। ପ୍ରତିବାଦ ସଭାରେ ବାଲିଆପାଳବାସୀଙ୍କ ପ୍ରତି ସରକାରଙ୍କ ଉଦାସୀନତା ସମ୍ପର୍କରେ ନେତୃବୃନ୍ଦ ବର୍ଷିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ (ସାଧାରଣ)ସୁଧାକର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କଂଗ୍ରେସର ବହୁ ନିର୍ବାଚିତ ପ୍ରତିନିଧି ଓ ନେତୃବୃନ୍ଦ ବାଲିଆପାଳରୁ ୬୦ କି.ମି. ପଦଯାତ୍ରା କରି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

# ତହସିଲ, ଖଣି ବିଭାଗ ପକ୍ଷରୁ ଚଢ଼ାଉ, ପୋକ୍‌ଲିନ୍ ଜବତ

ସୋର, ୧୧।୧୧(ଜନ୍ମେଜୟ ମିଶ୍ର)

ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ବାଗୁଡି ଖଞ୍ଜାମାହାଲ ପଥର ଖାଦାନରେ ଚଢାଉ କରାଯାଇ ଗୋଟିଏ ପୋକଲିନ ଜବତ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଖଞ୍ଜାମହାଲ ପଥରଖାଦାନରୁ ପଥର ଚୋରାଚାଲାଣ ହେଉଥିବା ଖବରପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ୮୯ କ୍ୱାରୀରେ ଚଢାଉ କରିଥିଲେ। ଏହି ସମୟରେ ମାଟି ଖୋଳୁଥିବା ଏକ ପୋକଲିନକୁ ଜବତ କରି ନିକଟସ୍ଥ ଏକ କ୍ରଶରରେ ରଖିଛନ୍ତି। ଚଢାଉ ହେଉଥିବା ଖବର ପାଇ ଅନ୍ୟ କ୍ୱାରୀରେ କାର୍ଯ୍ୟ କରୁଥିବା ଅନେକ ମେଶିନ ଛତ୍ରଭଙ୍ଗ ଦେଇଥିବା ବେଳେ ପଥର ବୋଝେଇ ଗାଡିଗୁଡିକ ମଧ ରାସ୍ତା ବଦଳାଇ ଫେରାର ହୋଇଯାଇଥିଲା।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ନୀଳଗିରି, ୧୧।୧୧(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ସନ୍ତରାଗଡିଆ ମିନିଷ୍ଟାଡିୟମ ପ୍ରାଙ୍ଗଣରେ ପ୍ରଥମଥର ପାଇଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଔପଦା ବିଡିଓ ଶ୍ୱାଶତି ସାଡୁଆଲଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କୃଷକମାନଙ୍କୁ ଜୈବିକ ପଦ୍ଧତିରେ କୃଷି କରିବାକୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଉପସ୍ଥିତ ଥିଲେ। ଜୈବିକ ଖତ ବଦଳରେ ଆମେ ବିଷପ୍ରୟୋଗ କରିବାରେ ବ୍ୟସ୍ତ ରହୁଛୁ। ତେଣୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବିସିଲିପ୍ସା ପାତ୍ର, ୨ନଂ. ଜୋନ ଜିଲା ପରିଷଦ ସଦସ୍ୟା ଉଷାରାଣୀ ରାଉଳ, ଜିଲା ପ୍ରାଣୀ ଅଧିକାରୀ ଡଃ ରବି ନାରାୟଣ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବିଦ୍ୟାଧର ବେହେରା ଓ ଗାୟତ୍ରୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ୧୧୦ ଚାଷୀ ନିଜର ନାମ ପଞ୍ଜୀକରଣ କରି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ୧୬ଟି ଷ୍ଟଲରେ କୃଷିଭିତ୍ତିକ ବହୁ ତଥ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ସଫଳ କୃଷକ ଏବଂ ଏସଏଚଜିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହିତ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସାଇବର ଠକେଇର ଶିକାର ହେଲେ ଚାଷୀ

କାଳିପଦା, ୧୧।୧୧(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାଉଡି ଗ୍ରାମର ମାଛ ଚାଷୀ ରାଜେନ୍ଦ୍ର କୁମାର ଜେନା ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ୯୯ ହଜାର ଟଙ୍କା ଠକି ନେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାବେଳେ ରାଜେନ୍ଦ୍ରଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବା ନେଇ ମୋବାଇଲକୁ ମେସେଜ ଆସିଥିଲା। ଏହି ମେସେଜ ଦେଖି ସେ ସଙ୍ଗେ ସଙ୍ଗେ ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖାକୁ ଯାଇ ଶାଖା ପରିଚାଳକଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କ ଯାଞ୍ଚ କଲାପରେ ଜଣାପଡ଼ିଲା ଯେ ସାଇବର ଠକମାନେ ୟୁପିଆଇ ମାଧ୍ୟମରେ ପ୍ରଥମେ ୫୦, ୦୦୦, ପୁଣି ୪୦,୦୦୦, ୮୦୦୦ ଓ ପରେ ୧୦୦୦ ଟଙ୍କା ଉଠାଇ ନେଇଛନ୍ତି। ଏହି ଘଟଣା ସମ୍ପର୍କରେ ରାଜେନ୍ଦ୍ର ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ ନମ୍ବର ୩୨୪୧୧୨୫୦୦୩୭୮୬୫ ଦାଖଲ କରିଛନ୍ତି। ଘଟଣାକୁ ନେଇ ସାଇବର ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି ଏବଂ ଠକଙ୍କୁ ଟ୍ରାକ କରିବା ପାଇଁ ଚେଷ୍ଟା ଜାରି ରଖିଛି। ସାଇବର ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଠକମାନେ ଅଧିକାଂଶ ସମୟରେ ଭୁଲ୍ ଲିଙ୍କ, ଫେକ କଲ୍ କିମ୍ବା ଆପ ଡାଉନଲୋଡ ମାଧ୍ୟମରେ ଲୋକଙ୍କ ଆକାଉଣ୍ଟ ହ୍ୟାକ କରି ଟଙ୍କା ଉଠାନ୍ତି। ସାଇବର ଠକିବା ଘଟଣା ହେଲେ ସଙ୍ଗେ ସଙ୍ଗେ ୧୯୩୦ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

# ପାଚିଲା ଧାନରେ ଚକଡ଼ାପୋକ

ନୀଳଗିରି, ୧୧।୧୧(ପ୍ରଶାନ୍ତ କୁମାର ବିଶ୍ୱାଳ)

## ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ନୀଳଗିରି ଉପଖଣ୍ଡରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଧାନଅମଳ ସମୟରେ ଚକଡାପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଶହଶହ ହେକ୍ଟର ଜମିରେ ଏହି ପୋକ ଲାଗିବା ଯୋଗୁ ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହେବାରେ ଲାଗିଛି। ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିବା ସହିତ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ପୋକଦାଉରୁ ରକ୍ଷା ପାଇବା ପାଇଁ ସରକାରୀ ସ୍ତରରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ସରକାରୀ ସ୍ତରରେ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଇଦେବା ସହିତ ନୀଳଗିରିରେ ଦୀର୍ଘଦିନ ଧରି ଜିଲା କୃଷି ଅଧିକାରୀ ନ ଥିବାରୁ ଜଣେ ସ୍ଥାୟୀ ଜିଲା କୃଷି ଅଧିକାରୀ ନିଯୁକ୍ତି କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଚିଠିଲେଖି ଅବଗତ କରିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଫାଟକରେ ତାଲା

ସୋର, ୧୧।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସାଜନପୁର ପଞ୍ଚାୟତ ଉଦୟ ନାରାୟଣ ନୋଡାଲ ଉଚ୍ଚ ବିଦ୍ୟାପୀଠ ଓ କେଶପୁର ୟୁଜିୟୁପି ସ୍କୁଲ ସମ୍ମୁଖରେ ଅଭିଭାବକ, ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ସୋର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ଓ ସିଆରସିସି ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଉଭୟ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଉଦୟନାରାୟଣ ନୋଡାଲ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହାରଣା ୨୦୨୩ ଏପ୍ରିଲରେ ଅବସର ନେଇଥିଲେ। ସେବେଠାରୁ ସେଠାରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଛି। ସେହିପରି ବିଜ୍ଞାନ ଶିକ୍ଷୟିତ୍ରୀ କବିତା ସୋରେନ ୨୦୨୪ ନଭେମ୍ବରରୁ ଡେପୁଟେଶନରେ ଯାଇଛନ୍ତି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏ ବାବଦରେ ଗ୍ରାମବାସୀ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଗତ ସେପ୍ଟେମ୍ବର ୧୨ତାରିଖରେ ଜିଲା ଶିକ୍ଷାଧିକାରୀ ଡେପୁଟେଶନ ଆଦେଶକୁ ବାତିଲ କରିଥିଲେ। କିନ୍ତୁ ବିଜ୍ଞାନ ଶିକ୍ଷୟିତ୍ରୀ କବିତା ଏ ପର୍ଯ୍ୟନ୍ତ ବିଦ୍ୟାଳୟରେ ଯୋଗ ଦେଇ ନାହାନ୍ତି। ସେହିପରି କେଶପୁର ୟୁଜିଏମଇ ସ୍କୁଲରେ ଦୀର୍ଘଦିନ ଧରି ବିଜ୍ଞାନ ଶିକ୍ଷକ ପଦବୀ ଖାଲି ରହିଥିଲା। ଫଳରେ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକ, ପ୍ରମୋଦ କୁମାର ନାୟକ, ପ୍ରାକ୍ତନ ସରପଞ୍ଚ ଅସିତ ଲେଙ୍କା, ବସନ୍ତ ପୋଇ, ଚିନ୍ମୟାନନ୍ଦ ମହାନ୍ତି, ତନୁଜ ଜେନା, ମନୋଜ ପାତ୍ର, ସଞ୍ଜୁଲତା ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ।



ବିଦ୍ୟାଳୟ ଆଗରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

# ଯୁବବର୍ଗଙ୍କ ଜୀବନରେ ସଂସ୍କାର ଆବଶ୍ୟକ

## ଏଫ୍‌ଏମ୍‌ୟୁରେ ଯୁବ ସମ୍ମିଳନୀ

ବାଲେଶ୍ୱର, ୧୧।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ସୋମବାର 'ଯୁବ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଯୁବ ଶକ୍ତିଙ୍କ ମଧ୍ୟରେ ରାଷ୍ଟ୍ରଚେତନା, ସମାଜସେବା ଓ ସଂସ୍କାରିକ ମୂଲ୍ୟବୋଧକୁ ପ୍ରଚାର କରିବା ଏହାର ମୂଳ ଲକ୍ଷ୍ୟ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ଯୋଗଦେଇ ଯୁବବର୍ଗଙ୍କ ଜୀବନରେ ସଂସ୍କାର ଓ ଦୃଢ଼ ଚେତନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ସଂଯୁକ୍ତ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଶକ୍ତି ଦେଶର ମୂଳଶକ୍ତି। ତାଙ୍କ ମନରେ ଯଦି ସତ୍ୟ, ସଂଘର୍ଷ ଓ ସେବାର ଜ୍ୱାଳା ଜାଗେ, ତେବେ ରାଷ୍ଟ୍ର ନିଶ୍ଚିତ ଭାବରେ ଉନ୍ନତି ପଥରେ ଅଗ୍ରସର ହେବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଭାଗ ପ୍ରଚାରକ ବିଷ୍ଣୁ ଚରଣ ନାୟକ, ଜିଲା କାର୍ଯ୍ୟବାହ ବିଜୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶ୍ନୋତ୍ତର ଅଧିବେଶନ ହୋଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନ ଭାରତର ବରପୁତ୍ରମାନଙ୍କ ଜୀବନୀ ଓ ସଂଗ୍ରାମକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିସହ ରାଷ୍ଟ୍ରବାଦୀ ଚିନ୍ତାଧାରା ଓ ସାହିତ୍ୟ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶନୀ ମଧ ଦର୍ଶକମାନଙ୍କ ମନରେ ଦେଶପ୍ରେମ, ଇତିହାସ ଚେତନା ଓ ଜ୍ଞାନସେବା ପ୍ରତି ଆଗ୍ରହ ଆଣିଥିଲା। ଭୂବିଜ୍ଞାନ ବିଭାଗର ଛାତ୍ର ଜୟପ୍ରକାଶ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଡ. ଦେବାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।




ଯୁବ ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

# କଟକଣା ମାନୁନାହାନ୍ତି ଭାରିଯାନ

କେନ୍ଦୁଝର,୧୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା କୋହଳ କରିବା ନିମନ୍ତେ ସହର ମଧ୍ୟରେ ଭାରିଯାନ ପ୍ରବେଶ ନିଷେଧ କରାଯାଇଛି। ଏ ନେଇ ଲୁହା ବ୍ୟାରିଅର ମଧ୍ୟ ଲଗାଯାଇଛି। ମାତ୍ର କଟକଣା ନ ମାନି ଭାରିଯାନଗୁଡ଼ିକ ବ୍ୟାରିଅରକୁ ଠେଲି ବଜାର ଭିତରକୁ ପଶୁଛି। ଫଳରେ ରାସ୍ତାଘାଟ ନଷ୍ଟ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ପ୍ରକାଶ ଯେ, କେନ୍ଦୁଝର ସହର ଅଜନ୍ତା ଲଜ୍ ଉଭୟ ପାର୍ଶ୍ୱରେ ବୁଲାଦାର ସାହି ଓ ରାମରାମ ଗଳିରେ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚରେ ଗଳି ରାସ୍ତା ଓ ଡ୍ରେନ୍ ନିର୍ମାଣ ହୋଇଛି। ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଓ ଡ୍ରେନ ଭାଙ୍ଗିବା ସହ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅଭିଯୋଗ ହେଲେ ପୋଲିସ ଜରିମାନା ଆଦାୟ କରୁଥିଲେ ହେଁ ଗାଡି ଚଳାଚଳ ଜାରି ରହୁଛି। ବାରମ୍ବାର ଅଭିଯୋଗ ପରେ ଅଜନ୍ତା ଲଜ୍ ୨ ପାର୍ଶ୍ୱରେ ଯାଇଥିବା ଗଳି ରାସ୍ତାରେ ଲୁହା ବ୍ୟାରିଅର ଲଗାଯାଇଛି। ଭାରିଯାନ ଚଳାଚଳ ନିଷେଧ ନେଇ ସଚେତନତା ବୋର୍ଡ ଲଗାଯାଇଛି। ଏହା ସତ୍ତ୍ୱେ ଭାରିଯାନ ଚଳାଚଳ କରୁଥିବାରୁ ବ୍ୟାରିଅର ଦ୍ୱୟ ନଇଁଗଲାଣି। ପ୍ରତିକାର କରା ନ ଗଲେ ଭାଙ୍ଗିଯିବାର ଆଶଙ୍କା ରହିଛି। ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ରାମରାମ ଗଳିରାସ୍ତା ନିର୍ମାଣ ସହ ପେଭର ପକାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଲୁହା ଗେଟ୍ ଲଗାଯାଇ ନ ଥିବାରୁ ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତା ଦବିଯାଇ ଭାଙ୍ଗିବାକୁ ବସିଲାଣି। ଏଣୁ ତୁରନ୍ତ ଗେଟ୍ ଲଗାଇବାକୁ ଦାବି ହେଉଛି। ଅନେକ ବ୍ୟବସାୟୀ ଟାଉନ ଜନଗହଳି ସ୍ଥାନ ବାହାରେ ନିଜ ଗୋଦାମ କରିଛନ୍ତି। ଏହାସତ୍ତ୍ୱେ ଭାରିଯାନ ସହରର ଜନାକୀର୍ଣ୍ଣ ସ୍ଥାନରେ ପରିବହନ କରୁଛି। ଲୁହା ବ୍ୟାରିଅରଗୁଡ଼ିକର ଉଚ୍ଚତା ଠିକ୍ ରଖିବା ସହ ସତର୍କ ସୂଚନା ଦେଇ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି ହେଉଛି। ସେହିପରି ସହର ଦେଇ ବାଲି, ଚିପ୍ସ ବୋଝେଇ ହାଇୱା ଚଳାଚଳ କରୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ସବୁବେଳେ ଧୂଳିଧୂଆଁ ପ୍ରଦୂଷଣ ବ୍ୟାପୁଥିବାରୁ ସହରବାସୀ ଅତିଷ୍ଠ ହୋଇପଡୁଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି, ଠିକାଦାରଙ୍କୁ ଲୁହାଗେଟ୍‌ରେ ସତର୍କ ସୂଚନା ବୋର୍ଡ ମାରିବା ସହ ରାମରାମ ଗଳିରେ ଲୁହା ବ୍ୟାରିଅର ଲଗାଇବାକୁ କହିବେ।

**ଟ୍ରାଫିକ୍ ସମସ୍ୟା ବଢୁଛି, ନଇଁ ଗଲାଣି ବ୍ୟାରିଅର**



ଏକ ଟ୍ରକ୍ ଲୁହା ବ୍ୟାରିଅର ଲାଗିଥିବା ରାସ୍ତାରେ ପ୍ରବେଶ କରୁଛି।

## ରୋଟାରି କ୍ଲବ୍ ପକ୍ଷରୁ ରଚନା ପ୍ରତିଯୋଗିତା

ଯୋଡ଼ା, ୧୧।୧୧(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ଥିବା ରୋଟାରି କ୍ଲବ୍ ପକ୍ଷରୁ ଯୋଡ଼ା ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ରଚନା ଓ ପୋଷ୍ଟର ନିର୍ମାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୋଡ଼ାସ୍ଥିତ ସେଣ୍ଟ ଟେରେସା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଟା ଡିଏଭି, ଓଏମ୍‌ସି ଡିଏଭି, ଯୋଡ଼ା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟର ୫୭ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝର ଜିଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ସହଯୋଗରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ୨ ବର୍ଗ ସିନିୟର ଓ ଜୁନିୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରି କ୍ଲବ୍‌ର ସଭାପତି ଜିତେନ୍ଦ୍ର ବୈଦ୍ୟ, ସମ୍ପାଦକ ପଦ୍ମଲୋଚନ ବେହେରା, ପୂର୍ବତନ ସଭାପତି ସିଦ୍ଧାର୍ଥ ସାରଥୀ କର, ପ୍ରକାଶ ମହାନ୍ତି, ରୋଟାରୀଆନ ସ୍ନିଗ୍ଧା କର, ସୁନୀଲ ବାସତିଆ, ଦୀପକ ବିହାରୀ, ରାକେଶ ସିଂଘାଣିଆ, ବି ସାଇ ଶିବା ପ୍ରମୁଖ ସହଯୋଗ କରିଥିଲେ। ଯୋଡ଼ା ମହିଳା ବିଦ୍ୟାଳୟର ଅଧ୍ୟାପକ ପବିତ୍ର ମୋହନ କର ପରିଚାଳନା କରିଥିଲେ।

## ଯାଦବ ମହାସଭାର ସାଧାରଣ ଅଧିବେଶନ

କେନ୍ଦୁଝର,୧୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ଯାଦବ ସମାଜର ସର୍ବାଙ୍ଗୀନ ବିକାଶ ନିମନ୍ତେ ଜିଲା ସଭାପତି ପ୍ରଦୀପ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରି ପଞ୍ଚାୟତସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ଯାଦବ ସଂଗଠନକୁ ସୁଦୃଢ଼ କରିବା ପାଇଁ କହିଥିଲେ। ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନ, କ୍ଷେତ୍ରବାସୀ ମହାକୁଡ଼, ପୁରୁଷୋତ୍ତମ ଦାସ, ବରିଷ୍ଠ ଯାଦବ ନିରଞ୍ଜନ ବାରିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରତି ଘଣା, ସଂସ୍କୃତି ବିଭାଗ ଜିଲା ସଂଯୋଜକ ଦଶରଥ ବାରିକ, ଉପ ସଭାପତି ବିଶ୍ୱନାଥ ବାରିକ, ପ୍ରଫୁଲ୍ଲ ପ୍ରଧାନ, ତ୍ରିଲୋଚନ ପଲେଇ, ହରେକୃଷ୍ଣ ପଲେଇ, ସଂଗଠନ ସମ୍ପାଦକ ଜିତେନ୍ଦ୍ର ବେହେରା, କୁଞ୍ଜବିହାରୀ ପ୍ରଧାନ, ରାଜ କିଶୋର ବାରିକ, ଶିରୀଶ ଚନ୍ଦ୍ର ଗିରି, ରମାକାନ୍ତ ପ୍ରଧାନ, କର୍ଯ୍ୟାଳୟ ସମ୍ପାଦକ କାର୍ତ୍ତିକ ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାକୁଡ, ସଂସ୍କୃତି ବିଭାଗ ସମ୍ପାଦକ ରଞ୍ଜନ ବାରିକ, ପ୍ରମୋଦ ବେହେରା, ବ୍ଲକ୍ ପ୍ରତିନିଧି ସୁମନ୍ତ ଗିରି, କୌତୁକ ପ୍ରଧାନ, ଦେବବ୍ରତ ଗିରି, ଲାଲୁ ଗିରି, କେଦାର ଆରୁକ, ରବୀନ୍ଦ୍ର ପୃଷ୍ଟି, ରମେଶ ଚନ୍ଦ୍ର ନାହାକ, ଉମାକାନ୍ତ ବାରିକ, ଶୁକଦେବ ମହାକୁଡ, ନୁଠୁ ବାରିକ, କେନ୍ଦୁଝର ଗଡ଼ ପୌରାଞ୍ଚଳ ପ୍ରତିନିଧି ବିଜୟ ଦାସ, ସଞ୍ଜୁ ଦାସ, ପପୁ ଯାଦବ ପ୍ରମୁଖ ଯୋଗଦାନ କରିଥିଲେ। ସଭାପତିଙ୍କ ଦାରା ଏକ ପର୍ଯ୍ୟବେକ୍ଷକ ମଣ୍ଡଳୀ ଗଠନ କରାଯାଇ ନୂତନ ବ୍ଲକ କମିଟି ଗଠନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ସଭାରେ ଯାଦବ ସଂଗଠନ ନିମନ୍ତେ ଏକ ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ ଓ ତାହାର ସୁପରିଚାଳନା ଦାୟିତ୍ୱ କୋଷାଧ୍ୟକ୍ଷ ରାଜେନ୍ଦ୍ର ମହକୁଡଙ୍କୁ ପ୍ରଦାନ କରାଗଲା। ବ୍ଲକ୍ କମିଟି ଗଠନ ପରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ ବୋଲି ସଭାପତି ଘୋଷଣା କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

କେନ୍ଦୁଝର,୧୧।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ସରକାରୀ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ମଙ୍ଗଳବାର ପ୍ରେକ୍ଷାଳୟଠାରେ ଜାତୀୟ ଶିକ୍ଷା ଦିବସ ପାଳନ ହୋଇଯାଇଛି। ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଡ଼. ମୌଲାନା ଅବୁଲ କାଲାମ ଆଯାଦଙ୍କ ଜନ୍ମ ଦିବସକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଲଳିତ ରଞ୍ଜନ ସାହୁ ବକ୍ତବ୍ୟରେ ଶିକ୍ଷାଲାଭ ପୂର୍ବକ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଡ଼. ରାମଚନ୍ଦ୍ର ମଲ୍ଲ ସ୍ୱାଧୀନ ଭାରତରେ ଶିକ୍ଷାର ଭୂମିକା ଓ ଦେଶ ବିକାଶରେ ଶିକ୍ଷାକୁ କିଭଳି ବ୍ୟବହାର କରି ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଚିତ୍ତରଞ୍ଜନ ସାହୁ ଶିକ୍ଷାର ବହୁବିଧ ଉପକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ଼. ବିଷ୍ଣୁ ଚରଣ ଦାସ ବିଜ୍ଞାନର ଅଗ୍ରଗତି ଓ ତହିଁରେ ଶିକ୍ଷାର ଭୂମିକା ସମ୍ପର୍କରେ କହିଥିଲେ। ସଭାରେ ଶିକ୍ଷାବିଭାଗର ଅଧ୍ୟାପିକା ଅର୍ପିତା ଭରଦ୍ୱାଜ, କାବ୍ୟଶ୍ରୀ ନନ୍ଦ, ଶ୍ୱେତା ସିଲ୍କସ୍ମିତା ଜଗଦେବ, ଭବାନୀ ପଲେଇ, ଶଶୀରେଖା ପାଣିଗ୍ରାହୀ, ଶଶିକଳା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ସମୀକ୍ଷା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ଘଣ୍ଟା ବିନା ଶୁଳ୍କରେ ଗଲା ଗାଡ଼ି

**କଣ୍ଡରା ଟୋଲ୍‌ପ୍ଲାଜା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**



ଯୋଡ଼ା,୧୧।୧୧(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ଦେଇ ଯାଇଥିବା ୫୨୦ ନଂ. ଜାତୀୟ ରାଜପଥର କଣ୍ଡରା ଟୋଲ୍‌ପ୍ଲାଜା କର୍ମଚାରୀ ବିଭିନ୍ନ ଦାବି ନେଇ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିପାଇଁ ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟୋଲ ପ୍ଲାଜା ଖୋଲା ରହିଥିଲା। ଫଳରେ ସମସ୍ତ ଯାନବାହାନ ନିଶୁଳ୍କ ଭାବରେ ଯାତାୟତ କରୁଥିଲେ। କର୍ମଚାରୀଙ୍କ ସହିତ ଆଲୋଚନା ପରେ ଟୋଲ ପ୍ଲାଜା ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲା।

ସୂଚନା ଅନୁଯାୟୀ, ଟୋଲ ପ୍ଲାଜାରେ ସ୍ଥାନୀୟ ଅଞ୍ଚଳର ୩୯ଜଣ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଟୋଲ ପ୍ଲାଜାଟିକୁ ଠିକାରେ ନେଇଥିବା ଠିକାଦାରଙ୍କ ପକ୍ଷରୁ ୨୫ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଟୋଲ ପ୍ଲାଜାଟିକୁ ପୂର୍ବରୁ ସ୍କାଇଲାର୍କ ନାମକ ଏକ କମ୍ପାନୀ ଠିକାରେ ନେଇଥିଲା। ଏହାର ମିଆଦ ସରିବା ପରେ ଶଶିକାନ୍ତ ଜେନା ନୂତନ ଠିକାଦାର ଭାବେ ନିଯୁକ୍ତ ହୋଇଥିଲେ। ପୂର୍ବରୁ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ୧୪, ୫୦୦ ମାସିକ ଦରମା ରହିଥିଲା। ନୂତନ କମ୍ପାନୀ ଆଉ ୫ ଶହ ଟଙ୍କା ଅଧିକ ଦେବା ପାଇଁ ଚୁକ୍ତି କରିଥିଲା। ପ୍ରଥମ ଦରମା ଦେବା ସମୟରେ ୧୩, ୭୦୦ଟଙ୍କା ପ୍ରଦାନ କରିବାରୁ କର୍ମଚାରୀ ଗ୍ରହଣ କରି ନ ଥିଲେ। ଏଥିସହ କର୍ମଚାରୀମାନେ ଅଭିଯୋଗ କରିଥିଲେ, ଦୈନିକ ୮ ଘଣ୍ଟା ପରିବର୍ତ୍ତେ ସେମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯାଉଛି। ସେମାନଙ୍କର ୯ ମାସର ପିଏଫ(ପ୍ରୋଭିଡେଣ୍ଟ ଫଣ୍ଡ ) ଟଙ୍କା ପୂର୍ବ କମ୍ପାନୀ ଜମା କରି ନ ଥିବା ମଧ୍ୟ ମଜଦୁର ସଂଘର ଅର୍ଜୁନ ଚନ୍ଦ୍ର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୀର୍ଘ ୮ ଘଣ୍ଟାର ବନ୍ଦ ପରେ ଟୋଲ୍ ପ୍ଲାଜାର ମ୍ୟାନେଜର ଚନ୍ଦ୍ର ସେଖର ସାମଲ ଠିକାଦାରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ। ପରେ ଟୋଲ ପ୍ଲାଜାର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

### ବରିଷ୍ଠ ନାଗରିକ ବିକାଶ ମଞ୍ଚର ଦାବିପତ୍ର




ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

ବଉଳା,୧୧।୧୧(ଦୁର୍ଗାପ୍ରସାଦ ଆୟଚ):

ସରକାର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅନେକ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିଭିନ୍ନ ସ୍ୱାସ୍ଥକେନ୍ଦ୍ରରେ ଡାକ୍ତର ଅଭାବ ଓ ଅନ୍ୟାନ୍ୟ ଅବ୍ୟବସ୍ଥା କାରଣରୁ ସାଧାରଣ ଲୋକ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି, ଯାହା କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ବରିଷ୍ଠ ନାଗରିକ ବିକାଶ ମଞ୍ଚ ପକ୍ଷରୁ ଜିଲା ଚିକିତ୍ସା ଅଧିକାରୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସୋସୋ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ଲୋକେ ସମ୍ପୂର୍ଣ୍ଣ ଭରସା କରିଥାନ୍ତି। ମାତ୍ର ଏଠାରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟସେବା ଚାଲୁଥିବା ବେଳେ ସନ୍ଧ୍ୟା ପରେ ସେବା ଠପ୍ ହୋଇଯାଉଛି। ଲୋକେ ପଡ଼ୋଶୀ ଭଦ୍ରକ ଜିଲାର ଆଗରପଡ଼ା ଓ ଭଦ୍ରକ ମେଡ଼ିକାଲ ଉପରେ ନିର୍ଭର କରୁଛନ୍ତି। ଏ ନେଇ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ସୋସୋ ପକ୍ଷରୁ ଶୀଘ୍ର ଡାକ୍ତର ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଜିଲା ଚିକିତ୍ସା ଆଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଯଦି ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରେ ଅଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ପର୍ଶୁରାମ ପେଡ଼ା, କାର୍ଯ୍ୟକାରୀ ସଭାପତି ନୃସିଂହ ଦେହୁରୀ, ସମ୍ପାଦକ ମୋହନ ମହାନ୍ତି, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ସରପଞ୍ଚ ରାଜକିଶୋର ଦାସ, ଅଜିତ ରାଉତ, ଅଙ୍କିତା ପଡ଼ିଆରୀ, ପୂର୍ବତନ ସରପଞ୍ଚ ବସନ୍ତ ପଡ଼ିଆରୀ, ସରପଞ୍ଚ ସର୍ଦ୍ଦାର ହୋ, କୁନ୍ତଳା ନାଇକ, ଭୁବନାନ୍ଦ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକଙ୍କ ସମେତ ବିକାଶ ମଞ୍ଚର ବହୁ ସଦସ୍ୟ ଓ ସ୍ଥାନୀୟ ଜନ ପ୍ରତିନିଧି ଚେତାବନୀ ଦେଉଛନ୍ତି।

## ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ପାଟଣା,୧୧।୧୧(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ସମ୍ମାନିତ ଅତିଥିଭାବେ ପାଟଣା ସିଆର୍‌ସିସି ଜ୍ୟୋତିର୍ମୟ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଶିକ୍ଷା ଅଧିକାରୀ ପ୍ରକଳ୍ପଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିବା ସହ ବିଜ୍ଞାନକୁ ସମୃଦ୍ଧ କରିବା ଭଳି କାର୍ଯକ୍ରମରେ ଛାତ୍ରୀଛାତ୍ର ମନୋନିବେଶ କଲେ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଶିକ୍ଷକ ପ୍ରକାଶ ମିଶ୍ର, ଶିକ୍ଷୟିତ୍ରୀ ସସ୍ମିତା ନାୟକ, ସୌଭାଗିନୀ ମହାନ୍ତ, ମାଧବାନନ୍ଦ ମହାନ୍ତ, ସୁଶାନ୍ତ ମହାନ୍ତ, ଯୁଗଜ୍ୟୋତୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ୨୨ ମହିଳାଙ୍କୁ କୌଶଳଭିତ୍ତିକ ନିଯୁକ୍ତି

କେନ୍ଦୁଝର,୧୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କୌଶଳ-ଭିତ୍ତିକ ନିଯୁକ୍ତି ମାଧ୍ୟମରେ ଗ୍ରାମୀଣ ଯୁବତୀ, ଯୁବକଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କେନ୍ଦୁଝର କେନ୍ଦ୍ରର ୨୨ ଜଣ ପ୍ରାର୍ଥୀଙ୍କୁ ଭାରତ ସରକାରଙ୍କ ପ୍ଲେସ୍‌ମେଣ୍ଟ ଲିଙ୍କ୍ଡ଼ ଟ୍ରେନିଂ ପ୍ରୋଗ୍ରାମ ଅଧୀନରେ ହାଇଦ୍ରାବାଦ, ତିରୁଚିରାପାଲିରେ ନିଯୁକ୍ତି ମିଳିଛି। ପ୍ରାର୍ଥୀଙ୍କୁ କେନ୍ଦୁଝର ମାଇନିଂ ରୋଡ୍‌ସ୍ଥିତ ଦକ୍ଷତା ବିକାଶ ଏବଂ ସମ୍ପ୍ରସାରଣ କେନ୍ଦ୍ରରେ ତାଲିମ ଦିଆଯାଇଥିଲା।



ପ୍ରଶାସନିକ ଅଧିକାରୀଙ୍କ ସହ ନୂତନ ନିଯୁକ୍ତି ପାଇଥିବା ମହିଳାମାନେ।

ପ୍ରକାଶ ଯେ, ତାଲିମ କେନ୍ଦ୍ରକୁ ଡାଲମିଆ ଭାରତ ଫାଉଣ୍ଡେଶନ ଦ୍ୱାରା ପରିଚାଳନା କରାଯାଉଛି। ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଟ୍ରେଡ୍ ଅଧୀନରେ ମୋଟ ୧୬ ଜଣ ପ୍ରାର୍ଥୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଲିମ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଲା. ମ୍ୟାକଲିନ ଇଣ୍ଡିଆ ଲିମିଟେଡ, ହାଇଦ୍ରାବାଦରେ ନର୍ସିଂ ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ମିଳିଛି। ସେମାନେ ହାଇଦ୍ରାବାଦର ଏଆଇଜି ହସ୍ପିଟାଲରେ କାର୍ଯ୍ୟ କରିବେ। ସେହିପରି, ସିଲାଇ ମେଶିନ ଅପରେଟର୍ ଟ୍ରେଡ୍‌ର ୧୦ ପ୍ରଶିକ୍ଷାର୍ଥୀଙ୍କୁ ସରଭାନା ମିଲ୍ସ ପ୍ରାଇଭେଟ ଲିମିଟେଡ, ତିରୁଚିରୋପାଲି, ତାମିଲନାଡୁର ଏକ ୟୁନିଟ କଲର୍ ଜର୍ସି ସଂସ୍ଥାରେ ନିଯୁକ୍ତି ମିଳିଛି। ପ୍ରଶିକ୍ଷାର୍ଥୀଙ୍କୁ ଡିଏମ୍‌ଏଫ୍ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରିନା ପ୍ରଧାନ, ଜିଲା ପରିଷଦର ସିଡିଓ-କମ-ଇଓ କୁମାର ନାଗଭୂଷଣ ସମ୍ମାନିତ କରିଛନ୍ତି। ସମ୍ମାନ ସମାରୋହରେ ପବନ କୁମାର, ଶିକ୍ଷାନବୀଶ ଆଇଏଏସ ଜିଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ, କେନ୍ଦ୍ର ପରିଚାଳକ ନିମାଇଁ ନାୟକ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ବଡ଼ବିଲ,୧୧।୧୧(ଜୟନ୍ତୀ ରଣା):

କେନ୍ଦୁଝର ଜିଲା ବଡ଼ବିଲରେ ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅବସରରେ ସଚେତନତା ପାଇଁ ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଛି। ପୋଲିସ ପକ୍ଷରୁ ଏକ କୁଇଜ ପ୍ରତିଯୋଗିତା ଓ ସାଇବର ଠକେଇରୁ ବର୍ତ୍ତିବା ନିମନ୍ତେ ନୃତ୍ୟନାଟିକା ପ୍ରଦର୍ଶିତ ହୋଇଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ବଡ଼ବିଲ ପୋଲିସ ପକ୍ଷରୁ ସକାଳ ୮ଟା ୩୦ରେ ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଛି। ବଡ଼ବିଲ ମହାବିଦ୍ୟାଳୟ, ଶିଳ୍ପ ତାଲିମ ଅନୁଷ୍ଠାନ, ପୌର ଉଚ୍ଚ ମଧ୍ୟମ ସରକାରୀ ବିଦ୍ୟାଳୟ ଓ ସେଣ୍ଟ ମେରିଜ୍ ସ୍କୁଲ୍ର ଛାତ୍ରୀଛାତ୍ର ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସରଙ୍କ କାର୍ଯ୍ୟାଳୟ ନିକଟସ୍ଥ କିରିବୁରୁ ଛକଠାରେ ଏକତ୍ରିତ ହୋଇଥିଲେ। ଅଂଶଗ୍ରହଣକାରୀଙ୍କୁ ପୋଲିସ ପକ୍ଷରୁ ଟି-ସାର୍ଟ ଓ ସାଇବର ସୁରକ୍ଷା ସଚେତନତା ସମ୍ବନ୍ଧିତ ପ୍ଲାକାର୍ଡ ଦିଆଯିବା ପରେ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଥାନା ଇନ୍‌ସପେକ୍ଟର ଅଶୋକ ନାୟକ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କିରିବୁରୁ ଛକ, ସୁନ୍ଦରାବସ୍ତି, ଓଏମସି ଛକ, ଧୋବି ହଟିଂ, ଆଜାଦବସ୍ତି, ରେଲୱେ କ୍ରସିଂ, ଘଣ୍ଟାଘର, ଅଟଳ ଛକ, ବଜାର ମୁଖ୍ୟରାସ୍ତା, ବାଟା ଛକ, ପମ୍ପାବୀ ପଡ଼ା, ମହାନ୍ତ ବସ୍ତି ଓ ହସ୍ପିଟାଲ ରୋଡ ଦେଇ ସାଇକେଲ ଶୋଭାଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ମେଡାଲ ଦେଇ ପୋଲିସ ପକ୍ଷରୁ ଉତ୍ସାହିତ କରାଯାଇଥିଲା। ସେଠାରେ ସର୍ବସାଧାରଣଙ୍କ ମଧ୍ୟରେ କୁଇଜ୍ କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଜନସାଧାରଣ ସାଇବର ଅପରାଧରୁ କିଭଳି ନିଜକୁ ଦୂରେଇ ପାରିବେ, ସାଇବର ଠକେଇରୁ ବର୍ତ୍ତିବା ନିମନ୍ତେ ସଚେତନତା ପାଇଁ ଏକ ନୃତ୍ୟନାଟିକା ପ୍ରଦର୍ଶିତ ହୋଇଥିଲା।

## ୪୩ ହାଇୱା, ଟ୍ରାକ୍ଟର ଜବତ

**ବାଲି ଚୋରାଚାଲାଣ ଉପରେ ଚଢ଼ାଉ**

ହାଟଡ଼ିହୀ/ଚମ୍ପୁଆ/ପାଟଣା,୧୧।୧୧(ଶୁଭକାନ୍ତ ନାୟକ/ ମହେଶ୍ୱର ଦାସ/ ବୀର କିଶୋର ଦାଶ):

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ଉପରେ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସୋମବାର ରାତିରେ ହାଟଡ଼ିହୀ, ଚମ୍ପୁଆ, ତୁରୁମୁଙ୍ଗା ଅଞ୍ଚଳରେ ସ୍ଥାନୀୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୪୩ଟି ହାଇୱା ଓ ଟ୍ରାକ୍ଟର ଜବତ କରାଯାଇଛି। ଚମ୍ପୁଆ, ତୁରୁମୁଙ୍ଗା ପୋଲିସ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।

ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ସୋମବାର ବିଳମ୍ବିତ ରାତିରେ ବେଆଇନ ବାଲି ପରିବହନ ହେଉଥିଲା। ଖବର ପାଇ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ନନ୍ଦିପଦା ପୋଲିସ, ଖଣି ବିଭାଗ, ରାଜସ୍ୱ କର୍ମଚାରୀ ସମଣା-ଅଣା ରାସ୍ତାର ଗୁହାଳଗଡ଼ିଆ ଛକରେ ବାଲି ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ୧୭ଟି ହାଇୱା, ଗୋଟିଏ ଟ୍ରାକ୍ଟର ଜବତ କରି ନନ୍ଦିପଦା ଥାନାକୁ ଆଣିଥିଲେ। ରାତିର ସୁଯୋଗ ନେଇ ଡ୍ରାଇଭରମାନେ ଫେରାର ହୋଇଯାଇଥିଲେ। ଏସ୍‌ଡିପିଓ କହିଛନ୍ତି, ବେଆଇନ ବାଲି ପରିବହନ କରୁଥିବା ୧୮ ଗାଡ଼ି ଜବତ ହୋଇଛି। ଥାନାରେ ୧୮ଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିବ। ସେହିପରି ରାମଚନ୍ଦ୍ରପୁର ଅଞ୍ଚଳରୁ ୧୭ଟି ବେଆଇନ ବାଲି ବୋଝେଇ ଗାଡ଼ି ଜବତ ହୋଇଥିବା ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ସୂଚନା ଦେଇଛନ୍ତି।



ନନ୍ଦିପଦା ପୋଲିସ ପକ୍ଷରୁ ଜବତ ହାଇୱା।

ସେହିପରି ଚମ୍ପୁଆ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୬ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ସହ ଗୋଟିଏ ହାଇୱା ଜବତ ହୋଇଛି। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ ସୋମବାର ରାତି ୪ଟାରେ ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ସବ୍ ଇନ୍‌ସପେକ୍ଟର ନୀତୀଶ ବେହେରା ସଦଳବଳ ଚମ୍ପୁଆ-ମୟୂରଭଞ୍ଜ ସୀମାବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରିଥିଲେ। ମୟୂରଭଞ୍ଜରୁ ଚମ୍ପୁଆ ସହରକୁ ଚୋରାବାଲି ବୋଝେଇ ହୋଇ ଆସୁଥିବା ଟ୍ରାକ୍ଟର (ନଂ. ଓଡି ୧୧ଟି ୧୯୭୬, ଓଡି ୧୪ ଜେ ୮୩୧୧, ଓଡି ୨୯ ବି ୯୪୬୩, ଓଡି ୦୯ ଏବି ୦୬୧୧, ଓଡି ୧୧ ଡବ୍ଲ୍ୟୁ ୫୩୨୫, ଓଡି ୧୧ ଟି ୩୭୯୨) ଓ ହାଇୱା(ନଂ. ଓଡି ୦୯ ଏକ୍ସ ୧୦୬୯)କୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ସେହିପରି ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ନିହୁଆଁ ଛକ ନିକଟରୁ ସୋମବାର ରାତିରେ ତୁରୁମୁଙ୍ଗା ପୋଲିସ ୨ଟି ବାଲି ବୋଝେଇ ହାଇୱା ଜବତ କରିଛି। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ସୁଜାତା ମହାନ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ କରିଥିବା ବେଳେ ଡ୍ରାଇଭର କୌଣସି ପ୍ରମାଣପତ୍ର ଦେଖାଇପାରି ନ ଥିଲେ। ବିନା ଟିପିରେ ବାଲି ଚାଲାଣ ହେଉଥିବା ଜଣାପଡ଼ିବା ପରେ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୭୯/୨୫) ରୁଜୁ ହୋଇଛି। ଡ୍ରାଇଭରଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଧରିତ୍ରୀ ଉଲୁଣ୍ଡା ଖବରଦାତାଙ୍କ ପରଲୋକ



ଗୌରଚନ୍ଦ୍ର ପରିଛା

**ସୋନପୁର,୧୧।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍ ଧରିତ୍ରୀ ଖବରଦାତା ଗୌରଚନ୍ଦ୍ର ପରିଛାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୬୪ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ବର୍ଷ ଧରି ଖବରଦାତା ଭାବେ କାମ କରିବା ସହ ଜଣେ ପ୍ରବଚକ ଓ ସାହିତ୍ୟିକ ଭାବରେ ଅଞ୍ଚଳରେ ତାଙ୍କର ବେଶ୍ ସୁନାମ ଥିଲା। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଅନନ୍ତପାଲିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ସହଧର୍ମିଣୀ ସେବତୀ, ପୁଅ କମଳଲୋଚନ, ଝିଅ କୌଶଲ୍ୟାରାଣୀ, ପୁତ୍ରବଧୂ, ନାତୁଣୀ, ନାତି, ଜ୍ୱାଇଁ ଓ ୨ ଭାଇ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଗୌରଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର କମଳଲୋଚନ ମୁଖାଗ୍ନି ଦେଇଥିଲେ।

# ଗର୍ଭବତୀଙ୍କୁ ଖଟିଆରେ ବୋହିଲେ ଆମ୍ବୁଲାନ୍ସ ଡ୍ରାଇଭର

**ଫିରିଙ୍ଗିଆ,୧୧।୧୧(ବିମଳ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରୁ ୨୫ କି.ମି. ଦୂର ସାବେରୀ ଗ୍ରାମକୁ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୁହା ହୋଇଛି। ଜଣେ ଆମ୍ବୁଲାନ୍ସ ଚାଳକ ଅନ୍ୟମାନଙ୍କ ସହ ତାଙ୍କୁ କାନ୍ଧରେ ବୋହିଛନ୍ତି। ବ୍ଲକ୍‌ର ପାଙ୍ଗା ପଞ୍ଚାୟତଠାରୁ ୪ କି.ମି. ଦୂରରେ ଅବସ୍ଥିତ ସାବେରୀ ଗ୍ରାମ। ଗ୍ରାମର ପୁଷ୍ପଲତା ବେହେରା ଗର୍ଭ ଯନ୍ତ୍ରଣା ପାଇବାରୁ ଆଶାକର୍ମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗାଡି ନେଇ ପାଙ୍ଗା ପର୍ଯ୍ୟନ୍ତ ଯାଇଥିଲେ। ସାବେରୀ ଗ୍ରାମକୁ ରାସ୍ତା ନ ଥିବାରୁ ସେଠାରୁ ଜିତୁ ଜଙ୍ଗଲ ରାସ୍ତାରେ ଚାଲି ଓ ନଦୀ ପାରହୋଇ ସେଠାରେ ପହଞ୍ଚିଥିଲେ। ଜିତୁ ଅନ୍ୟମାନଙ୍କ ସହ ଖଟିଆରେ ଗର୍ଭବତୀ ପୁଷ୍ପଲତାଙ୍କୁ ବୋହି ଜଙ୍ଗଲ ରାସ୍ତାରେ ଆସି ଆମ୍ବୁଲାନ୍ସ ପାଖରେ ପହଞ୍ଚିଥିଲେ। ଏହାପରେ ତାଙ୍କୁ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ପୁଷ୍ପଲତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଜିତୁଙ୍କ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।



# ନାଲ୍‌କୋ ସ୍ମେଲଟର ଫାଟକ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ,୧୧।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ବଣ୍ଡଁରପାଳସ୍ଥିତ ନାଲ୍‌କୋ ସ୍ମେଲଟର୍ ଫାଟକ ସମ୍ମୁଖରେ ଠିକା ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀ ମଙ୍ଗଳବାର ଆତ୍ମାହୁତି ଉଦ୍ୟମ କରିଛନ୍ତି। ଠିକା ସଂସ୍ଥା ଦରମା ଦେଉ ନ ଥିବା ଅଭିଯୋଗ କରି ସମ୍ପୃକ୍ତ କର୍ମଚାରୀ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ପୂର୍ବରୁ ସୁରକ୍ଷା କର୍ମୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ନାଲ୍‌କୋ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ତାଙ୍କୁ ବୁଝାଶୁଝା କରିଛନ୍ତି। ଆତ୍ମାହୁତି ଉଦ୍ୟମ କରିଥିବା ପରଜଙ୍ଗ ଅଞ୍ଚଳର ବିଶ୍ୱରଞ୍ଜନ ସାମଲ କହିଛନ୍ତି, ନାଲ୍‌କୋରେ କାର୍ଯ୍ୟରତ ଏକ ଠିକା ସଂସ୍ଥାରେ ସେ ଦୀର୍ଘ ୫ ବର୍ଷରୁ ଅଧିକ ହେବ କାର୍ଯ୍ୟ କରୁଛନ୍ତି। ସେ ଡ୍ୟୁଟି କରିବାକୁ ଆସୁଥିଲେ ମଧ୍ୟ ଠିକାସଂସ୍ଥା ତାଙ୍କୁ ନିୟମିତ କାମ ଦେଉନାହିଁ। ୫ ମାସ ହେଲା ଦରମା ମଧ୍ୟ ମିଳୁନାହିଁ। ସବୁ ମାସରେ ସେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଚାକିରିରୁ ବାହାର କରିଦେବାକୁ ଧମକ ଦେଉଛନ୍ତି। ତାଙ୍କ ସହ ବାରମ୍ବାର ଏଭଳି ଘଟୁଥିବାରୁ ଏଥିରେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ ପେଟ୍ରୋଲ ନେଇ ସ୍ମେଲଟର ଫାଟକ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ବିଶ୍ୱରଞ୍ଜନ କହିଛନ୍ତି। ତେବେ ନାଲ୍‌କୋ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିବା ପରେ ନାଲ୍‌କୋ ଅଧିକାରୀ ରାଜାରାମ ମିଶ୍ର ଓ ଅନ୍ୟମାନେ ପହଞ୍ଚି ତାଙ୍କୁ ଅଫିସ ଭିତରକୁ ନେଇ ବୁଝାଶୁଝା କରିଥିଲେ। ପରେ ଠିକାସଂସ୍ଥା ସୁପରଭାଇଜରଙ୍କୁ ଡକାଇ ସମସ୍ୟାର ସମାଧାନ କରାଯାଇଥିବା ଜଣାପଡ଼ିଛି।



ଆତ୍ମାହୁତି ଉଦ୍ୟମ କରୁଥିବା କର୍ମଚାରୀଙ୍କୁ ସୁରକ୍ଷା କର୍ମୀମାନେ ଉଦ୍ଧାର କରୁଛନ୍ତି।

# ସାଢେ ୩ଟା ପରେ ନକଲି ଭୋଟର ଭୋଟ ଦେଲେ: ବିଜେଡି

**ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନରେ ନକଲି ଭୋଟର। ନୂଆପଡ଼ାର ଅସଲି ଭୋଟରଙ୍କ ଜାଗାରେ ଛତିଶଗଡ଼ରୁ ଆସିଥିବା ଲୋକ ଭୋଟ ଦେଇଛନ୍ତି। ମଙ୍ଗଳବାର ମତଦାନକୁ ନେଇ ଏପରି ସାଙ୍ଘାତିକ ଅଭିଯୋଗ ଆଣି ଭାଜପା ଉପରେ ବିଜେଡି ଆକ୍ରମଣ କରିଛି। ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ବିଜେଡି ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ନୂଆପଡ଼ା ଉପନିର୍ବାଚନରେ ବ୍ୟାପକ ହେରଫେରରେ ଭାଜପା ସାମିଲ ଅଛି। ଏକ ବଡ଼ ଷଡ଼ଯନ୍ତ୍ରକ୍ରମେ ଭାଜପା ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକଙ୍କୁ ଆଣି ସଙ୍ଗଠିତ ଭାବେ ବିଭିନ୍ନ ବୁଥ୍ ନିକଟରେ ରଖିଥିଲା। ସେମାନେ ନକଲି ପରିଚୟପତ୍ର ବଳରେ ବିଭିନ୍ନ ବୁଥ୍‌ରେ ପଶି ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। କ୍ଷମତା ହାତେଇବା ନିଶାରେ ଭାଜପା ନେତାମାନେ ଲୋକତନ୍ତ୍ରକୁ ଥଟ୍ଟାମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ଭାଜପା ବିରାଟ ଷଡ଼ଯନ୍ତ୍ରକ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟାକରିବା ପାଇଁ ପଛାଇନାହିଁ। ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରଙ୍କୁ ବିଭିନ୍ନ ବୁଥ୍‌ରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ। କିନ୍ତୁ ଏହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଭାଜପା ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି ବୋଲି ବିଜେଡି ଅଭିଯୋଗ କରିଛି।

# ପିଲାଙ୍କ ସୁରକ୍ଷାକୁ ପ୍ରାଥମିକତା

**ଆଜି ବିଶ୍ୱ ନିମୋନିଆ ଦିବସ**



ବିଶେଷଭାବରେ ଛୋଟ ପିଲାମାନେ ନିମୋନିଆ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି, ସମଗ୍ର ବିଶ୍ୱରେ ୫ ବର୍ଷରୁ କମ୍ ବୟସ୍କ ପ୍ରାୟ ୧୭କୋଟି ଶିଶୁ ନିମୋନିଆ ଯୋଗୁ ପ୍ରାଣ ହରାଉଛନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୨ ରେ ପାଳିତ ହୋଇଆସୁଛି ବିଶ୍ୱ ନିମୋନିଆ ଦିବସ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ପିଲାଙ୍କ ସୁରକ୍ଷା'। ମିଳିତ ଜାତିସଂଘ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ଏହି ରୋଗରୁ ରକ୍ଷା ପାଇବା ଲାଗି ପ୍ରତିଷେଧକ ବ୍ୟବସ୍ଥା ରହିଛି। ତେଣୁ ଏ ବିଷୟରେ ଆମେ ଅବଗତ ହେବା ନିହାତି ଜରୁରୀ। କେବଳ ଶିଶୁ ନୁହନ୍ତି, ଯେକୌଣସି ବୟସର ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରାନ୍ତ କରିପାରେ। ନିମୋନିଆର କେତୋଟି ପ୍ରମୁଖ ଲକ୍ଷଣ ଜାଣିବା ଦରକାର। ସେଗୁଡ଼ିକ ମଧ୍ୟରେ ରହିଛି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ଛାତି କାଟିବା, ଶୁଷ୍କ କଫ ଏବଂ ଜ୍ୱର। ଏହି ରୋଗ ହେମୋଫିଲ୍ସ ଏନ୍‌ଫ୍ଲୁଏଞ୍ଜା ଟାଇପ-ବି ଏବଂ ଷ୍ଟ୍ରେପ୍ଟୋକୋକସ ନିମୋନିଆ ଦ୍ୱାରା ହୋଇଥାଏ। ଏହାର ପ୍ରତିଷେଧକ ରୂପେ ପିଲାମାନଙ୍କୁ ଅର୍ଥୋମାଇକ୍ସୋଭାଇରିଡ଼ା ଟିକା ଦିଆଯାଇଥାଏ। ଏହି ରୋଗ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି ସକାଶେ ୨୦୦୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ୟୁନିସେଫ୍ ପକ୍ଷରୁ ଏକ ଆକ୍ସନ ପ୍ଲାନ୍‌ର ଆରମ୍ଭ କରାଯାଇଥିଲା।

# ବୁଥ୍‌ରେ ପଶି ଭାଜପା ପ୍ରାର୍ଥୀଙ୍କୁ ଭୋଟଦେବାକୁ ଚାପ ପକାଯାଇଛି: ବିଜେଡି

**ଭୁବନେଶ୍ୱର,୧୧।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ସକାଳୁ ମତଦାନ ଆରମ୍ଭ ହୋଇଛି। କିନ୍ତୁ ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ଭାଜପା ମାନିନାହିଁ। ଭାଜପା କର୍ମୀମାନେ ବୁଥ୍ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ମତଦାନ କେନ୍ଦ୍ର ଆଗରେ ଭାଜପା କର୍ମୀମାନେ ଭୋଟରଙ୍କୁ ଖାଦ୍ୟପୁଡିଆ ଦେଇ ପ୍ରଭାବିତ କରୁଛନ୍ତି ବୋଲି ନୂଆପଡ଼ା ଜିଲା ବିଜେଡି ସଭାପତି ଅବନୀ ଜୋଷୀ ଜିଲା ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭୋଟ ଗ୍ରହଣ ଚାଲିଥିବା ବେଳେ ସବୁ ନୀତିନିୟମ ଓ କଟକଣାକୁ ବି ଭାଜପା ନେତାମାନେ ମାନୁନାହାନ୍ତି। ବୁଥ୍ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତକରି ଜୟଙ୍କ ସପକ୍ଷରେ ଭୋଟଦେବାକୁ ଚାପ ପକାଉଛନ୍ତି। ଖରିଆର ରୋଡ୍ ଏନ୍‌ଏସିରେ ଥିବା ବୁଥ୍ ନଂ. ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି। ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭାଜପା ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଅଛନ୍ତି ବୋଲି ସେ କହିଛନ୍ତି।


HI-TECH MEDICAL COLLEGE & HOSPITAL

**NOTICE**

In pursuance of OJEE Notice No. OJEE/670 dated **09.11.2025,** all the allotted candidates for **MBBS/BDS** Courses after the 3rd Round of Web-based counselling by OJEE for admission and reporting at **Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar** are hereby directed to report physically **latest by 12.11.2025 (up to 5.00 PM)** positively along with all their original documents at the respective institution, failing which this will be reported to the OJEE.

**PRINCIPAL**
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubanewar

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS 2025053, ତା.05.11.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ ବି.ଜି. ଲାଇନ ପ୍ରକଳ୍ପର ଦଶପଲ୍ଲା - ବୁଗୁଡ଼ା - ବଣୀଗୁଛା ସେକ୍ସନର ମଧ୍ୟବର୍ତ୍ତୀ ସ୍ଥାନରେ AT/SKV ପ୍ରକ୍ରିୟା (ସିଙ୍ଗଲ ସଟ୍ କ୍ରୁସିବଲ୍ ଟେକ୍ନିକ) ଦ୍ୱାରା ରେଲୱେ ସ୍ପେସିଫିକେସନ ଅନୁଯାୟୀ ଆଲୁମିନୋ ତାପଜ ପ୍ରକ୍ରିୟା ଦ୍ୱାରା 60KG/60EI-R260 ଗ୍ରେଡ୍ ରେଳର ୱେଲ୍ଡିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 42.13 ଲକ୍ଷ, EMD : ₹ 84,300.00, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.11.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-158/CI/25-26

ୟୁନିଅନ ବ୍ୟାଙ୍କ Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର

**ସଂଶୋଧନ ପତ୍ର**

ତା୧୧.୧୧.୨୦୨୫ରିଖ ଦୈନିକ ଖବର କାଗଜ "ଧରିତ୍ରୀ"ରେ ପ୍ରକାଶିତ ଆମର "ସୁନା ନିଲାମ ବିଜ୍ଞପ୍ତି"ରେ ଋଣଗ୍ରହୀତା: ପଞ୍ଚୁ ପାତ୍ର (ପୋଲସରା ଶାଖା, କ୍ର. ନଂ. ୨)ଙ୍କ ଦର୍ଶିତ ଠିକଣା- "୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା" ପରିବର୍ତ୍ତେ "ପିତା: ରଘୁନାଥ ପାତ୍ର, ସୁନାରି ବୁଗୁଡ଼ା, ପୋଲସରା, ଗଞ୍ଜାମ, ଓଡ଼ିଶା-୭୬୧୧୦୫" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୧୧.୧୧.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

**ଦ.ପୂ. ରେଳପଥ**

**ବାତିଲକରଣ**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆରସି-ବିଟଏଲେଟ୍‌ଆର୍-ଡିଟି-୦୭।୧୧।୨୫, 'ତିନିବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଏବଂ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆର୍‌ଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଠିକା (ଏଏମ୍‌ଓସି)' କାର୍ଯ୍ୟ ନିମନ୍ତେ ଖବରକାଗଜଗୁଡ଼ିକରେ ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି। ଅନିବାର୍ଯ୍ୟ ପରିସ୍ଥିତି କାରଣରୁ ଉପରୋକ୍ତ ଟେଣ୍ଡରକୁ ଏତଦ୍ୱାରା ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ବାତିଲ କରାଯାଉଛି। ଅସୁବିଧା ପାଇଁ ଆମେ ଦୁଃଖିତ।
(PR-824/C)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 36-KUR-TRD-OT-2025-26

**କାର୍ଯ୍ୟର ନାମ :** ଯାଜପୁର କେନ୍ଦୁଝର ରୋଡ୍ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ।

**ବିଜ୍ଞାପିତ ମୂଲ୍ୟ (₹):** 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.12.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26

**PARADIP PORT AUTHORITY**
Tender No.ENG/PIO/1650/CQ1and2/ 2025/313, Dt. 31.10.2025
MECHANIZATION OF CQ-I & CQ-II BERTHS ON BOT BASIS INVITATION OF REQUEST FOR QUALIFICATION (RFQ)
**Paradip Port Authority (PPA)** invites applications from interested Applicants in accordance with the RFQ document which may be downloaded from the CPP Portal **(https://eprocure.gov.in/ eprocure/app)** . Last date and time of submission of RFQ Applications is **16.12.2025 till 1400 hours.**
Executive Engineer (C), Project Implementation Office, PPA
PPA/PR/51/2025-2026, dt.10/11/2025

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/84 ତା.10.11.2025ରିଖ

ଟେଣ୍ଡର ସଂ. e-tenderNorthkur-283-2025 ତା.05.11.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବଳକା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.71 ଲକ୍ଷ, EMD : ₹ 2,80,900.00, ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.11.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-790/Q/25-26

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401, 56-Set, Doranda, Ranchi-834002

**e-Procurement (Very Short Tender Notice)**
**Letter of Invitation (LOI) No.-21/2025-26 (1st Call)**
e-Tender Ref No:–RCD/SID/AP/RAN/21/2025-26 Date:- 10.11.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report (DPR) for Construction of High Level Bridge over Damodar River of Patratu-Barkagaon-Urimari PWD Road including Approach Road, Land Acquisition proposal Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Proposal of Utility Shifting in details etc. As required by the Department(if any) under Ramgarh District in the State of Jharkhand. (Approx length-183m) *Empanelled consultant with RCD under category-II vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 183m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 50,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 13.11.2025,10:30 AM |
| 7 | Last Date/Time of Bid Submission | 22.11.2025 12:00PM |
| 8 | Last Date/Time of Submission of Tender Fee & EMD | 22.11.2025 12:00PM |
| 9 | Date and Time of Bid opening | 24.11.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer (Communication), Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:- Only e-Tender shall be accepted.
Sd./-
(Ravi Shankar Pravakar) Executive Engineer, Soil Investigation Division, Advance Planning, Road Construction Department, Ranchi
PR 365790 Road (25-26)_D

**ରାଞ୍ଚି ଡିଭିଜନରେ ଏସ୍‌ଏଲ୍‌ଆର୍ ପାର୍ସଲ ଭ୍ୟାନ୍ ପାଇଁ ଇ-ନିଲାମ**

ନଂ.: ସି/ଆର୍‌ଏନ୍‌ସି/ଇ-ଅକ୍ସନ/୨୦୨୫ ତାରିଖ: ୧୧।୧୧।୨୦୨୫

ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦ.ପୂ. ରେଳପଥ, ରାଞ୍ଚି ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ରାଞ୍ଚି ମଣ୍ଡଳରେ ଇ-ନିଲାମ ଆହ୍ୱାନ କରୁଛନ୍ତି। କାଟାଲଗ୍ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇସାରିଛି। ବିବରଣୀ ନିମ୍ନ ଅନୁଯାୟୀ ଅଟେ: **ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଆର୍‌ଏନ୍‌ସିପିଏଆର୍‌ସିଇଏଲ୍୨୫-୩। **ପରିସମ୍ପତ୍ତିର ବିବରଣୀ:** ରାଞ୍ଚି ଡିଭିଜନରୁ ଆରମ୍ଭ ହେଉଥିବା ୩୩ ଗୋଟି ପାସେଞ୍ଜର/ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା ଏସ୍‌ଏଲ୍‌ଆର୍ କମ୍ପାର୍ଟମେଣ୍ଟର ଲିଜିଂ ପାଇଁ ୪୧ ଗୋଟି ପରିସମ୍ପତ୍ତି ଲାଗି ଇ-ନିଲାମ। **ନିଲାମ ଆରମ୍ଭ:** ୧୫।୧୧।୨୦୨୫, ୧୦.୦୦ ଘଟିକା। **ନିଲାମ ସମାପ୍ତି ତାରିଖ:** ୧୫।୧୧।୨୦୨୫, ୧୭.୧୦ ଘଟିକା। **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡରମାନଙ୍କୁ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ (www.ireps.gov.in) ରେ ଇ-ନିଲାମ ଲିଜିଂ ମଡ୍ୟୁଲ୍ ପରିଦର୍ଶନ କରିବା ପାଇଁ ଅନୁରୋଧ କରାଯାଉଛି। ଲଟ୍-କ୍ରମିକ ବିବରଣୀ ଉପରୋକ୍ତ କାଟାଲଗରେ ଉପଲବ୍ଧ।
(PR-826) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ରାଞ୍ଚି**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଫକୀର ମୋହନ ବିଶ୍ୱବିଦ୍ୟାଳୟ**
ବ୍ୟାସବିହାର, ବାଲେଶ୍ୱର, ପିନ୍ - ୭୫୬୦୮୯, ଓଡ଼ିଶା
ସଂଖ୍ୟା: ଗ୍ରନ୍ଥାଗାର-୧୧୬/୨୦୨୫/୮୦୭୦ ତା୧୦।୧୧।୨୦୨୫ରିଖ

**ବିଜ୍ଞାପନ**

ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଡ. ହରେକୃଷ୍ଣ ମହତାବ ଗ୍ରନ୍ଥାଗାରରେ ସ୍ଥାପିତ "ଖୋଦିତ ତାଳପତ୍ର ପୋଥି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ରର" କଳେବର ସମ୍ପ୍ରସାରଣ ପାଇଁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ଖୋଦିତ ତାଳପତ୍ର ପୋଥି ବା ପାଣ୍ଡୁଲିପି ସାଇତି ରଖିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାପିତ କେନ୍ଦ୍ରକୁ ଏ ସବୁ ଅମୂଲ୍ୟ ତଥା ଦୁର୍ଲଭ ବୌଦ୍ଧିକ ସମ୍ପଦ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଉଛି। ଆଗ୍ରହୀ ବ୍ୟକ୍ତିବିଶେଷ ବା ସଂସ୍ଥାମାନେ ଏ ବାବଦରେ ଡ. ହରେକୃଷ୍ଣ ମହତାବ ଗ୍ରନ୍ଥାଗାର ବା ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ଏ ବାବଦରେ ସବିଶେଷ ତଥ୍ୟ ପ୍ରାପ୍ତି ନିମନ୍ତେ ବିଶ୍ୱବିଦ୍ୟାଳୟର ୱେବସାଇଟ୍ "fmuniversity.nic.in"ରେ ପ୍ରକାଶିତ ବିଜ୍ଞାପନକୁ ଦେଖିପାରନ୍ତି।

ସ୍ୱା./- କୁଳସଚିବ
ଫକୀର ମୋହନ ବିଶ୍ୱବିଦ୍ୟାଳୟ

**छत्तीसगढ़ शासन, पर्यावरण वन एवं जलवायु परिवर्तन विभाग, सामान्य वनमंडल, महासमुन्द (छत्तीसगढ़)**

**नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथोरा काष्ठागार में ईमारती काष्ठ का निवर्तन ई-ऑक्सन द्वारा दिनांक 14.11.2025 को किया गया जावेगा। इच्छुक बोलीदारों से अनुरोध है कि वे नीलाम में भाग लेवें। ई-ऑक्सन की शर्तों एवं अन्य जानकारी कार्यालयीन दिवस व समय पर वनमंडल कार्यालय / पिथौरा काष्ठागार से प्राप्त की जा सकती है।

नीलाम स्थल का नाम - पिथौरा
नीलाम दिनांक - 14.11.2025
नीलाम समय - 9.00 बजे प्रातः से

नीलाम दिनांक 14.11.2025 को रखे जाने वाले वनोपज का अनुमानित मात्रा काष्ठागार पिथौरा

| क्र. | प्रजाति | नया वनोपज | | | अन्सोल्ड (पुराना) वनोपज | | | | कुल वनोपज | | | |
|---|---|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | फे.पोल | घ.मी. | बल्ली | डेंगरी | फे.पोल |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | सागौन | 0.000 | 0 | 0 | 2591.325 | 14983 | 63710 | 0 | 2591.325 | 14983 | 63710 | 0 |
| 2 | साल | 0.000 | 0 | 0 | 2.695 | 86 | 0 | 0 | 2.695 | 86 | 0 | 0 |
| 3 | शीशम | 0.000 | 0 | 0 | 3.700 | 0 | 0 | 0 | 3.700 | 0 | 0 | 0 |
| 4 | बीजा | 0.000 | 0 | 0 | 28.010 | 0 | 0 | 0 | 28.010 | 0 | 0 | 0 |
| 5 | साजा | 0.000 | 0 | 0 | 93.175 | 204 | 0 | 0 | 93.175 | 204 | 0 | 0 |
| 6 | हल्दु मुड़ी | 0.000 | 0 | 0 | 67.520 | 0 | 0 | 0 | 67.520 | 0 | 0 | 0 |
| 7 | धावड़ा | 0.000 | 0 | 0 | 24.935 | 0 | 0 | 0 | 24.935 | 0 | 0 | 0 |
| 8 | सलिहा मोदे | 0.000 | 0 | 0 | 4.687 | 0 | 0 | 0 | 4.687 | 0 | 0 | 0 |
| 9 | पापड़ा | 0.000 | 0 | 0 | 2.335 | 0 | 0 | 0 | 2.335 | 0 | 0 | 0 |
| 10 | अन्य | 0.000 | 0 | 0 | 68.055 | 609 | 0 | 800 | 68.055 | 609 | 0 | 800 |
| | **योग:** | **0.000** | **0** | **0** | **2886.437** | **15882** | **63710** | **800** | **2886.437** | **15882** | **63710** | **800** |

काष्ठागार पिथौरा (सराईटार) - 1440 नग व्यापारिक बांस (पुराना) | काष्ठागार पिथौरा मिश्रित जलाऊ 111 चट्टा (पुराना)
डिपो बागबाहरा - 2249 नग व्यापारिक बांस पुराना | आंवराडबरी निस्तार एवं उपभोक्ता डिपो मिश्रित जलाऊ (पुराना) 230 चट्टा

बलौदाबाजार वनमण्डल अंतर्गत निस्तार / उपभोक्ता / अस्थाई पड़ाव डिपो में संग्रहित वनोपज की मात्रा

| क्र. | डिपो | जलाऊ पुराना | व्यापरिक बांस पुराना (नग) | औद्योगिक बांस पुराना (बंडल) | क्र | डिपो | फेंसिंग पोल पुराना | जलाऊ पुराना | व्यापरिक बांस पुराना (नग) |
|---|---|---|---|---|---|---|---|---|---|
| 1 | बरपाली | 51 | 4649 | 0 | 5 | पलारी | 0 | 0 | 404 |
| 2 | थरगांव | 0 | 2690 | 0 | 6 | बलौदाबाजार | 0 | 0 | 1000 |
| 3 | अ.प. नवागांव | 0 | 6655 | 23515 | 7 | अ.प.देवपुर | 0 | 223 | 2000 |
| 4 | सिमगा | 28 | 0 | 0 | - | - | - | - | - |

टीप: 1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने ई-वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय करने हेतु प्रथम क्रेता को 40 सेकण्ड का समय प्राप्त होगा, उसी लॉट को क्रय करने के लिए अन्य क्रेताओं को 30 सेकण्ड का अतिरिक्त समय प्राप्त होगा। 20 सेकण्ड तक बोली नही लगने पर लॉट पर बोली बंद हो जावेगा।

स्वा. / - वनमण्डलाधिकारी
सामान्य वनमण्डल महासमुंद (छ.ग.)
दूरभाष क्रमांक 07723-222084 (कार्यालय) G-252604616/3

भा.क.नि. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**


ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



## ଫୁଲଚାଷ ସମୟରେ...

ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଅକ୍ଟୋବର ତୃତୀୟ ସପ୍ତାହରୁ ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# ଫସଲ ଉତ୍ପାଦନରେ କାର୍ବନ, ଅକ୍ସିଜେନ, ହାଇଡ୍ରୋଜେନର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ବର୍ଦ୍ଧିତ ଏକ ପୂର୍ଣ୍ଣାଙ୍ଗ ଫସଲର ବିଭିନ୍ନ ରାସାୟନିକ ପରୀକ୍ଷାକରି ରସାୟନବିତ୍‌ମାନେ ନିର୍ଣ୍ଣୟ କରିଛନ୍ତି ଯେ ଏହାର ଶରୀରରେ ୯୦ ଗୋଟି ପୋଷକ ଉପାଦାନ ଅଛି। ଉକ୍ତ ୯୦ ଗୋଟି ପୋଷକ ଉପାଦାନ ମଧ୍ୟରୁ ୧୭ ଗୋଟି ପୋଷକ ଉପାଦାନ ଫସଲ ଉତ୍ପାଦନରେ ମୁଖ୍ୟ ଭୂମିକା ନେଇଥିବା ଏ ପର୍ଯ୍ୟନ୍ତ ଜଣାପଡ଼ିଛି। ଅନ୍ୟ ୭୩ ଗୋଟି ପୋଷକ ଉପାଦାନ ଫସଲର ମୁଖ୍ୟ ରାସାୟନିକ ପ୍ରକ୍ରିୟାରେ ଭାଗ ନ ନେଇ ତା'ର ଶରୀରର କୋଷ ଗଠନରେ ସାହାଯ୍ୟ କରିଥାନ୍ତି । ୧୭ ଗୋଟି ପୋଷକ ଉପାଦାନକୁ ଫସଲର ଅତ୍ୟାବଶ୍ୟକ ପୋଷକ ଉପାଦାନ କୁହାଯାଏ । କାରଣ ଏମାନଙ୍କ ବିନା ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରିପାରେ ନାହିଁ। ଏମାନଙ୍କର କାର୍ଯ୍ୟ ଫସଲ ଉତ୍ପାଦନ ପାଇଁ ଅତି ଜରୁରୀ । ଉକ୍ତ ପୋଷକ ଉପାଦାନଗୁଡ଼ିକ ଫସଲର ଶରୀରରେ ଅନେକ ଜଟିଳ ରାସାୟନିକ ଯୌଗିକ ପଦାର୍ଥ ସୃଷ୍ଟିକରନ୍ତି। ଅତ୍ୟାବଶ୍ୟକ ୧୭ ଗୋଟି ପୋଷକ ଉପାଦାନଗୁଡ଼ିକ ହେଉଛି କାର୍ବନ୍, ଅକ୍ସିଜେନ, ହାଇଡ୍ରୋଜେନ,ନାଇଟ୍ରୋଜେନ, ଫସ୍‌ଫରସ୍, ପୋଟାସିୟମ, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ସଲ୍‌ଫର, ଆଇରନ, ମାଙ୍ଗାନିଜ, କପର, ଜିଙ୍କ୍, ମଲିବଡେନମ୍, ବୋରନ୍, କ୍ଲୋରିନ୍ ଏବଂ ନିକେଲ ।

ଉପରୋକ୍ତ ୧୭ ଗୋଟି ପୋଷକ ଉପାଦାନ ମଧ୍ୟରୁ ପ୍ରଥମ ୩ଗୋଟି ପୋଷକ ଉପାଦାନ ଏକ ଫସଲର ଶୁଷ୍କ ଓଜନର ପ୍ରାୟ ୯୪ ଶତକଡ଼ା । ଉକ୍ତ ୩ ଗୋଟିଏ ପୋଷକ ଉପାଦାନ ଫସଲ ଉତ୍ପାଦନରେ ମୁଖ୍ୟ ଭୂମିକା ନେଇଥାନ୍ତି । କାର୍ବନ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ ୩ ଗୋଟି ପୋଷକ ଉପାଦାନକୁ ଫସଲ ବାୟୁ ଏବଂ ଜଳରୁ ସଂଗ୍ରହ କରିଥାଏ । ବାୟୁରେ ଅନ୍ୟାନ୍ୟ ବାଷ୍ପ ସହ କାର୍ବନ୍ ଡାଇଅକ୍ସାଇଡ୍ ଏବଂ ଅକ୍ସିଜେନ ଥାଏ । ବାୟୁରେ କାର୍ବନ ଡାଇଅକ୍ସାଇଡ୍ ୦.୦୩୪ ଶତକଡ଼ା ଏବଂ ଅମ୍ଳଜାନ ୨୧ ଶତକଡ଼ା ଥାଏ । ଫସଲ ବାୟୁରୁ କାର୍ବନ୍ ଡାଇଅକ୍ସାଇଡ୍ ଶୋଷଣକରି କାର୍ବନ ପାଏ ଏବଂ ଅକ୍ସିଜେନ୍ ମଧ୍ୟ ଶୋଷଣକରେ । ଜଳରେ ୨ଟି ହାଇଡ୍ରୋଜେନ୍ ଏବଂ ଗୋଟିଏ ଅକ୍ସିଜେନ୍ ଅଣୁ ଥାଏ । ଫସଲ ଚେର ଦ୍ୱାରା ମାଟିରୁ ଜଳ ଶୋଷଣକରି ହାଇଡ୍ରୋଜନ ଅଣୁ ସହ ଅକ୍ସିଜେନ୍ ପାଏ । କାର୍ବନ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ସମ୍ମିଶ୍ରଣରେ ସୂର୍ଯ୍ୟାଲୋକ ମାଧ୍ୟମରେ ପତ୍ରର ହରିତ କଣା ଦ୍ୱାରା ଫସଲର ପତ୍ରରେ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଯୌଗିକ ପୋଷକ ପ୍ରସ୍ତୁତ ହୁଏ । ଉକ୍ତ ଶ୍ୱେତସାର ପୋଷକ ଫସଲ ପାଇଁ ଅତି ଜରୁରୀ । ଶ୍ୱେତସାର ପୋଷକ ଉଦ୍ଭିଦ ବୃଦ୍ଧିରେ ସାହାଯ୍ୟକରେ। ପତ୍ରରେ ଶ୍ୱେତସାର ପୋଷକ ପ୍ରସ୍ତୁତି ସମୟରେ ଫସଲ ବାୟୁମଣ୍ଡଳକୁ ଅକ୍ସିଜେନ ନିର୍ଗତକରେ । ଉକ୍ତ ଅକ୍ସିଜେନ୍ ପ୍ରାଣୀଜଗତ ପାଇଁ ଯଥେଷ୍ଟ ଉପକାରୀ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ପ୍ରଶ୍ୱାସରେ ଗ୍ରହଣକରି ଜୀବନ ଧାରଣ କରେ । ପ୍ରାଣୀଙ୍କ ପରି ଫସଲ ଅକ୍ସିଜେନ୍ ଶୋଷଣକରି ବାୟୁମଣ୍ଡଳକୁ କାର୍ବନ୍ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳଜାନ ବାଷ୍ପ ନିର୍ଗତ କରିଥାଏ। ଏହି କାର୍ଯ୍ୟ ଫସଲ ଦ୍ୱାରା ବିନା ସୂର୍ଯ୍ୟାଲୋକରେ ରାତିରେ ହୋଇଥାଏ। ରାତିରେ ନିର୍ଗତ କାର୍ବନ୍ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ସଂରକ୍ଷିତ ହୋଇ ଦିନରେ ସୂର୍ଯ୍ୟାଲୋକ ଦ୍ୱାରା କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ଫସଲ ଲଗାଏ । ପ୍ରାଣୀ ନିଃଶ୍ୱାସରେ ନିର୍ଗତ କରୁଥିବା କାର୍ବନ୍ ଡାଇଅକ୍ସାଇଡ୍‌କୁ ଫସଲ ପତ୍ରର ହରିତକଣା ଦ୍ୱାରା ଦିନରେ କାର୍ବୋହାଇଡ୍ରେଟ୍ ପ୍ରସ୍ତୁତିରେ ଲଗାଏ ଏବଂ ଅକ୍ସିଜେନ୍ ବାୟୁମଣ୍ଡଳକୁ ନିର୍ଗତକରେ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ଗ୍ରହଣକରେ । ଏ ପ୍ରକାର କାର୍ବନ୍ ଡାଇଅକ୍ସାଇଡ୍ ଏବଂ ଅକ୍ସିଜେନ୍ ଆଦାନ ପ୍ରଦାନ ପ୍ରାଣୀ ଏବଂ ଫସଲ ମଧ୍ୟରେ ସଦାସର୍ବଦା ଚାଲିଥାଏ ।

"କାର୍ବନ, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ସମ୍ମିଶ୍ରଣରେ ସୂର୍ଯ୍ୟାଲୋକ ମାଧ୍ୟମରେ ପତ୍ରର ହରିତ କଣା ଦ୍ୱାରା ଫସଲର ପତ୍ରରେ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଯୌଗିକ ପୋଷକ ପ୍ରସ୍ତୁତ ହୁଏ । ଉକ୍ତ ଶ୍ୱେତସାର ପୋଷକ ଫସଲ ପାଇଁ ଅତି ଜରୁରୀ । ଶ୍ୱେତସାର ପୋଷକ ଉଦ୍ଭିଦ ବୃଦ୍ଧିରେ ସାହାଯ୍ୟ କରେ । ପତ୍ରରେ ଶ୍ୱେତସାର ପୋଷକ ପ୍ରସ୍ତୁତି ସମୟରେ ଫସଲ ବାୟୁମଣ୍ଡଳକୁ ଅକ୍ସିଜେନ୍ ନିର୍ଗତକରେ । ଉକ୍ତ ଅକ୍ସିଜେନ୍ ପ୍ରାଣିଜଗତ ପାଇଁ ଯଥେଷ୍ଟ ଉପକାରୀ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ପ୍ରଶ୍ୱାସରେ ଗ୍ରହଣକରି ଜୀବନ ଧାରଣକରେ । ପ୍ରାଣୀଙ୍କ ପରି ଫସଲ ଅକ୍ସିଜେନ୍ ଶୋଷଣକରି ବାୟୁମଣ୍ଡଳକୁ କାର୍ବନ୍ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳଜାନ ବାଷ୍ପ ନିର୍ଗତ କରିଥାଏ ।"



ବାୟୁମଣ୍ଡଳରେ ୭୮ ଶତକଡ଼ା ନାଇଟ୍ରୋଜେନ୍ ବା ଯବକ୍ଷାରଯାନ ବାଷ୍ପ ଥାଏ । ଉକ୍ତ ନାଇଟ୍ରୋଜନ୍ ନିଷ୍କ୍ରିୟ । ଫସଲ ଏହାକୁ ସିଧାସଳଖ ଗ୍ରହଣ କରିପାରେ ନାହିଁ । ଉକ୍ତ ନିଷ୍କ୍ରିୟ ନାଇଟ୍ରୋଜେନ୍‌କୁ ମାଟିରେ ଥିବା ନିର୍ଦ୍ଦିଷ୍ଟ କେତେକ ଅଣୁ ବୀଜାଣୁ ସକ୍ରିୟ କରନ୍ତି । ଉକ୍ତ ସକ୍ରିୟ ନାଇଟ୍ରୋଜେନ୍ ମୃତ୍ତିକାସ୍ଥ ହାଇଡ୍ରୋଜେନ୍ ସହ ମିଶି ଆମୋନିୟମରେ ପରିଣତ ହୁଏ। ଉକ୍ତ ଆମୋନିୟମକୁ ଫସଲ ଚେର ଦ୍ୱାରା ଗ୍ରହଣ କରି ତା'ର ଶରୀରରେ ଆମିନୋଅମ୍ଳ ଏବଂ ପରେ ପ୍ରୋଟିନ ବା ପୁଷ୍ଟିସାରରେ ପରିଣତ କରେ । ପ୍ରୋଟିନ ଫସଲକୁ ଶକ୍ତି ଯୋଗାଇଥାଏ। ଏହାଦ୍ୱାରା ଫସଲର ଅଭିବୃଦ୍ଧି ଘଟେ । ଉକ୍ତ ପ୍ରୋଟିନ ପ୍ରାଣୀମାନଙ୍କ ପାଇଁ ଶକ୍ତିର ଏକ ଉତ୍ସ । ଫସଲ ବାୟୁ ଏବଂ ଜଳରୁ ପାଉଥିବା କାର୍ବନ୍ ଡାଇଅକ୍ସାଇଡ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ଏବଂ ମୃତ୍ତିକାରୁ ଚେର ଦ୍ୱାରା ଗ୍ରହଣ କରୁଥିବା ଅନ୍ୟ ଅତ୍ୟାବଶ୍ୟକ ୧୪ ଗୋଟି ଖାଦ୍ୟ ଉପାଦାନକୁ ନେଇ ତା'ର ଶରୀର ଏବଂ ଫଳର ମଞ୍ଜିରେ ଯୌଗିକ ଫ୍ୟାଟ୍ ବା ସ୍ନେହସାର ପୋଷକ ପ୍ରସ୍ତୁତକରେ । ପୁଷ୍ଟିସାର, ଶ୍ୱେତସାର ଏବଂ ସ୍ନେହସାର ଫସଲର ଅଭିବୃଦ୍ଧିରେ ସାହାଯ୍ୟ କରନ୍ତି । ଫସଲ ଦ୍ୱାରା ପ୍ରସ୍ତୁତ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର, ପ୍ରୋଟିନ୍ ବା ପୁଷ୍ଟିସାର ଏବଂ ଫ୍ୟାଟ୍ ବା ସ୍ନେହସାରକୁ ପ୍ରାଣୀ ଗ୍ରହଣକରି ଜୀବନ ଧାରଣ କରନ୍ତି।

–ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଅଳ୍ପରେ

### ସୂର୍ଯ୍ୟମୁଖୀ



ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା– ମଡର୍ନ, ଇସି–୬୮୪୧୪, ଇସି–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍‌ଏଚ୍–୧, କେବିଏସ୍‌ଏଚ୍–୪୪ ଓ ଏମ୍‌ଏସ୍‌ଏଫ୍‌ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ୧ କି.ଗ୍ରା. ବିହନ ପ୍ରତି କାର୍ବୋସ୍କିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

### ରାଶି



ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା– ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ +ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

### ଚିନାବାଦାମ



ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟିଜି–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

### ଗୋପାଳନ



ଗୋରୁଙ୍କୁ ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତିଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

### କୁକୁଡ଼ା ପାଳନ

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ। କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।



## ସୋରିଷ ଚାଷ ପ୍ରସ୍ତୁତି

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ। ଅକ୍ଟୋବର ୧୫ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍–୨୭, ଟିଏସ୍–୨୯, ପିଟି–୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

## ପନିପରିବା ଚାଷ

ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ୨–୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାରକରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।



# ଆଖୁଚାଷରେ ପୋକକୀଟ ଦମନ

ଆଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ। ପତ୍ରକନ୍ଦାରେ ଦାନାଦାର ବିଷ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟକରିଦିଅନ୍ତୁ ।



# ଧାନଚାଷରେ ରୋଗପୋକ ନିୟନ୍ତ୍ରଣ

ଧାନ ବିଲରେ ଗନ୍ଧିପୋକ ଦେଖା ଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ %, ଦାନାଦାର ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟାକରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍ଡା–ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.) କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ